ବର୍ଷ-୨୬, ସଂଖ୍ୟା-୩୬
ଭୁବନେଶ୍ୱର
୦୬, ଫେବୃଆରୀ, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 36
Bhubaneswar
06, February, 2026 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ଆରସିବିକୁ ଚାମ୍ପିଅନ୍ କଲେ ମନ୍ଧାନା

# ରାଜ୍ୟସଭାରେ ବିରୋଧୀଙ୍କୁ ଧୋଇଲେ ମୋଦୀ

ନୂଆଦିଲ୍ଲୀ,୫।୨: ସଂସଦର ବଜେଟ ଅଧିବେଶନ ସମୟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଭାଗ ନେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଲୋକସଭାରେ ଅଭିଭାଷଣ ରଖିନଥିଲେ ହେଁ ରାଜ୍ୟସଭାରେ ଅଭିଭାଷଣ ରଖି ବିରୋଧୀ ଦଳ ଉପରେ ପ୍ରବଳ ବର୍ଷିଛନ୍ତି। ବିରୋଧୀ ସଦସ୍ୟ ମାନେ ହଟ୍ଟଗୋଳ କରିଥିଲେ।

ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣ ସମୟରେ କଂଗ୍ରେସ, ଆମ ଆଦମୀ ପାର୍ଟି ଏବଂ ଟିଏମସିକୁ ଟାର୍ଗେଟ କରିଥିଲେ। ସେ କଂଗ୍ରେସକୁ ବୋଫର୍ସ ଚୁକ୍ତି ମନେ ପକାଇବା ସହ ମଦ ଦୁର୍ନୀତି ଉପରେ ଆପକୁ ଟାର୍ଗେଟ କରିଛନ୍ତି। ସେହିପରି ମମତା ବାନାର୍ଜୀ ସରକାର ଉପରେ ଦେଶରେ ଅନୁପ୍ରବେଶକୁ ସହଜ କରୁଥିବା ନେଇ ଅଭିଯୋଗ ମଧ୍ୟ ଆଣିଛନ୍ତି।

ରାଜ୍ୟସଭାରେ ମୋଦି କହିଛନ୍ତି, 'କଂଗ୍ରେସ, ଟିଏମସି, ଡିଏମକେ କିମ୍ବା ବାମପନ୍ଥୀ ହୁଅନ୍ତୁ, ସେମାନେ ଦଶନ୍ଧି ଧରି କେନ୍ଦ୍ରରେ କ୍ଷମତାରେ ଅଛନ୍ତି। ସେମାନେ କ୍ଷମତାର ଅଂଶୀଦାର ଅଛନ୍ତି। ସେମାନଙ୍କୁ ରାଜ୍ୟଗୁଡ଼ିକରେ ସରକାର ଚଳାଇବାର ସୁଯୋଗ ମଧ୍ୟ ମିଳିଛି। କିନ୍ତୁ ସେମାନଙ୍କର ପରିଚୟ କ'ଣ ହୋଇଛି ? ଆଜି ଯେତେବେଳେ ଚୁକ୍ତିନାମା ବିଷୟରେ ଆଲୋଚନା ହୁଏ, ସେମାନେ ଗର୍ବର ସହିତ କୁହନ୍ତି ଯେ ସେତେବେଳେ ବୋଫର୍ସ ଚୁକ୍ତିନାମା ମନେ ପଡ଼ିଥିଲା। ସେମାନେ କେବଳ ନିଜର ପକେଟ ପୂରଣ କରିବା ପାଇଁ କାମ କରିଥିଲେ। ନାଗରିକଙ୍କ ଜୀବନରେ ପରିବର୍ତ୍ତନ ସେମାନଙ୍କର ପ୍ରାଥମିକତା ନଥିଲା।'

କଂଗ୍ରେସ ଉପରେ ବର୍ଷି ମୋଦି କହିଛନ୍ତି, 'ବିଶ୍ୱାସଘାତକତା କରିବା ସମୟରେ କଂଗ୍ରେସ ଆମ ଦେଶର ଖାଦ୍ୟ ଯୋଗାଣକାରୀଙ୍କୁ ମଧ୍ୟ ଛାଡ଼ି ନଥିଲା। ଏହି



ଦେଶରେ ୧୦ କୋଟି ଚାଷୀ ଅଛନ୍ତି ଯେଉଁମାନଙ୍କର ଦୁଇ ହେକ୍ଟରରୁ କମ୍ ଜମି ଅଛି। ଛୋଟ ଚାଷୀମାନଙ୍କୁ କେବେ ଦେଖାଯାଉନଥିଲା। କିମ୍ବା ସେମାନଙ୍କ ମନରେ ସେମାନଙ୍କର କୌଣସି ଗୁରୁତ୍ୱ ନଥିଲା। ସେମାନେ ବିଶ୍ୱାସ କରୁଥିଲେ ଯେ ଯଦି କିଛି ବଡ଼ ନାମକୁ ସନ୍ତୁଷ୍ଟ କରାଯାଏ, ତେବେ ରାଜନୀତି ଜାରି ରହିବ। ଆମେ ଛୋଟ ଚାଷୀଙ୍କ ପାଇଁ ଦୁଃଖ ଅନୁଭବ କରୁଥିଲୁ। ଆମେ ବାସ୍ତବତା ବିଷୟରେ ଅବଗତ ଥିଲୁ। ସେଥିପାଇଁ ଆମେ କିଷାନ ସମ୍ମାନ ନିଧି ପ୍ରଚଳନ କରିଥିଲୁ। ଆମେ ଏପର୍ଯ୍ୟନ୍ତ ଛୋଟ ଚାଷୀଙ୍କୁ ୪ ଲକ୍ଷ କୋଟି ଟଙ୍କା ଦେଇଛୁ। ଏହା ସେମାନଙ୍କୁ ନୂତନ ସ୍ୱପ୍ନ ଦେଖିବାର କ୍ଷମତା ଦେଇଛି'।

ସେ କହିଥିଲେ, 'ସେମାନଙ୍କ ପାଇଁ, ଯଦି ମହିଳାଙ୍କ ପ୍ରତି ଅତ୍ୟାଚାର ଜାରି ରହେ, ତେବେ ସେମାନଙ୍କୁ ଜାରି ରହିବାକୁ ଦିଅ; କ୍ଷମତା ରାଜନୀତି କରିବା ବ୍ୟତୀତ ଆଉ କିଛି କରିବାର ନାହିଁ। ସେମାନେ ଏଠାରେ ଆମକୁ ବକ୍ତୃତା ଦେଉଛନ୍ତି। ଏପରି ପ୍ରସଙ୍ଗ ପ୍ରତି ଆଖି ବୁଜି ଦେଉଥିବା ଲୋକ ଅଛନ୍ତି। ଆମର ଜଣେ ମାନ୍ୟବର ସଦସ୍ୟ ଏଠାରେ କହୁଥିଲେ। ହେଲେ ତାଙ୍କ ସରକାର ମଦରେ ବୁଡ଼ିଗଲା, ଯାହାର ମହଲ ସମସ୍ତଙ୍କ ନଜରରେ। ମୁଁ ଏପରି ସମସ୍ତ ସହକର୍ମୀଙ୍କୁ କହିବି, ତୁମେ କେତେଦିନ ପର୍ଯ୍ୟନ୍ତ ବିଶ୍ୱକୁ ଠକିବ? ଯେତେବେଳେ ସେମାନେ ଦର୍ପଣରେ ଦେଖନ୍ତି, ତୁମେ ତୁମର ସତ୍ୟକୁ କେଉଁଠି ଲୁଚାଇବ ?'

ପ୍ରଧାନମନ୍ତ୍ରୀ ଆଜି ରାଜ୍ୟସଭାରେ ଅନୁପ୍ରବେଶ ପ୍ରସଙ୍ଗ ଉଠାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଆମର ଟିଏମସି ସହଯୋଗୀମାନେ ବହୁତ କିଛି କହିଛନ୍ତି। ଏହି ନିଷ୍ଠୁର ସରକାର ଅବନତିର ସମସ୍ତ ପାରାମିଟରରେ ନୂତନ ରେକର୍ଡ ସ୍ଥାପନ କରୁଛି ଏବଂ ତଥାପି ସେମାନେ ଏଠାରେ ଭାଷଣ ଦେଉଛନ୍ତି। ସେମାନେ ରାଜ୍ୟ ଭିତରେ ଗଣ୍ଡଗୋଳ କରିଛନ୍ତି। ଏପରି ନିଷ୍ଠୁର ସରକାର ଦ୍ୱାରା ଭାରତର ଭବିଷ୍ୟତ ନଷ୍ଟ ହେଉଛି। ସେମାନେ କ୍ଷମତାର ସୁଖ ବ୍ୟତୀତ ଆଉ କିଛି ଚିନ୍ତା କରନ୍ତି ନାହିଁ। ଏବଂ ତଥାପି ସେମାନେ ଏଠାରେ ଭାଷଣ ଦେଉଛନ୍ତି ଅନୁପ୍ରବେଶକୁ ନେଇ। ବିଶ୍ୱର ସବୁଠାରୁ ସମୃଦ୍ଧ ଦେଶଗୁଡ଼ିକ ମଧ୍ୟ ଅବୈଧ ଲୋକଙ୍କୁ ସେମାନଙ୍କ ଭୂମିରୁ ବାହାର କରୁଛନ୍ତି। ଏଠାରେ, ଅବୈଧ ଲୋକଙ୍କୁ ସୁରକ୍ଷା ଦେବା ପାଇଁ କୋର୍ଟ ଉପରେ ଚାପ ପକାଯାଉଛି। ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବା ପାଇଁ କୋର୍ଟକୁ ଯୋଗାଯୋଗ କରାଯାଉଛି।' ଏହି ଲୋକମାନେ କୋର୍ଟରେ ସେମାନଙ୍କର ଶକ୍ତି ବ୍ୟବହାର କରୁଛନ୍ତି। ଅନୁପ୍ରବେଶକାରୀମାନେ ଲୋକଙ୍କ ଜମି ଏବଂ ଚାକିରି ଛଡ଼ାଇ ନେଉଛନ୍ତି।

ବିରୋଧୀଙ୍କ ପ୍ରବଳ ନାରାବାଜି ମଧ୍ୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଧନ୍ୟବାଦ ପ୍ରସ୍ତାବକୁ ସମର୍ଥନ କରି ଏହି ଗୃହରେ ମୋର ଭାବନା ପ୍ରକାଶ କରିବା ମୁଁ ଏକ ସୌଭାଗ୍ୟ ବୋଲି ମନେ କରୁଛି। ଦେଶ ଆଜି ଦ୍ରୁତ ପ୍ରଗତି କରୁଛି। ଏତିକି କହିବା ପରେ ବିରୋଧୀ ସାଂସଦମାନେ ହଟ୍ଟଗୋଳ ଆରମ୍ଭ କରିଥିଲେ। ସେମାନେ ତାନାଶାହୀ ଚଳିବ ନାହିଁ ଓ ବିରୋଧୀଙ୍କୁ କହିବାକୁ ଦିଅ ସ୍ଲୋଗାନ ଦେଇ ହଙ୍ଗାମା କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ସିଧା ନିଜ ସିଟରୁ ଛିଡା ହୋଇ ସ୍ଲୋଗାନ ଦଦେଇ ହଟ୍ଟଗୋଳ କରିବା ବେଳେ ପ୍ରଧାନମନ୍ତ୍ରୀ କଟାକ୍ଷ କରି କହିଛନ୍ତି, ମୋର ଏକ ଅନୁରୋଧ ଅଛି ସମ୍ମାନୀୟ ଖାର୍ଗେ ଜୀଙ୍କ ବୟସ ଦୃଷ୍ଟିରୁ, ଯଦି ସେ ବସି ଜପ କରିବାକୁ ଚାହାଁନ୍ତି, ତେବେ ସେ ତାହା କରିପାରିବେ ତାଙ୍କ ପଛରେ ଅନେକ ଯୁବ ନେତା ଅଛନ୍ତି।

# ବଦଳିଲେ ୨୧ ଆଇଏଏସ୍

ଭୁବନେଶ୍ୱର,୫।୨(ମହାଭାରତ): ରାଜ୍ୟ ସରକାର ପ୍ରଶାସନିକ ସେବା କ୍ଷେତ୍ରରେ ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି। ଆଜି ୨୧ ଜଣ ଆଇଏଏସ ଅଧିକାରୀଙ୍କର ବଦଳି ହୋଇଛି ।ଏ ନେଇ ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

ଯୋଜନା ଓ ସଂଯୋଜନା ବିଭାଗ ସଚିବ ଦେଓ ରଞ୍ଜନ ମଲ୍ଲିକଙ୍କୁ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଦାୟିତ୍ୱ ମିଳିଛି। ସେ ବର୍ତ୍ତମାନ ଉନ୍ନୟନ କମିଶନର ଅଛନ୍ତି। ଆଇଏଏସ୍ ସୁରେନ୍ଦ୍ର କୁମାର ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗର ଅତିରିକ୍ତ ସଚିବ ହୋଇଛନ୍ତି। ତତସହିତ ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦାୟିତ୍ୱ ମଧ୍ୟ ତୁଲାଇବେ। ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀ ଓଡ଼ିଶା ବନ ଉନ୍ନୟନ ନିଗମ ବା ଓଏଫଡିସିର ଅଧ୍ୟକ୍ଷଭାବେ ନିଯୁକ୍ତ ହୋଇଛନ୍ତି। ସେ କେବିକେର ମଧ୍ୟ ମୁଖ୍ୟ ପ୍ରଶାସକ ରହିବେ। ଆଇଏଏସ୍ ଚିତ୍ରା ଅରୁମୁଗମଙ୍କୁ ଗୋପବନ୍ଧୁ ଏକାଡେମୀ ଡିଜି ଦାୟିତ୍ୱ ସହିତ ଶ୍ରମ ଓ ବିଜ୍ଞାନ କାରିଗର ଦାୟିତ୍ୱରେ ରହିବେ।

**ବିଷ୍ଣୁପଦ ସେଠୀ ଓଏଫଡିସି ଅଧ୍ୟକ୍ଷ**

ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବା ଆଇଏଏସ୍ ଅରବିନ୍ଦ ପାଢ଼ୀ କୃଷି ବିଭାଗ ଦାୟିତ୍ୱରୁ ମୁକ୍ତ କରାଯାଇଛି। ଅରବିନ୍ଦ ପାଢ଼ୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ନୂତନ ନିଯୁକ୍ତି ମିଳିଛି। ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାୟିତ୍ୱ ମଧ୍ୟ ତୁଲାଇବେ।

ସେହିପରି ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ବା ଇଡକୋର ଅଧ୍ୟକ୍ଷ ଥିବା ଆଇଏଏସ୍ ସଞ୍ଜୀବ କୁମାର ମିଶ୍ରଙ୍କୁ ଅପସାରଣ କରାଯାଇଛି। ତାଙ୍କ ସ୍ଥାନରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଥିବା ଆଇଏଏସ୍ ଉଷା ପାଢ଼ୀ ଇଡକୋର ଅଧ୍ୟକ୍ଷଭାବେ ଅତିରିକ୍ତ ନିଯୁକ୍ତି ମିଳିଛି।

ସେହିପରି ଆଇଏଏସ୍ ସୁରେଶ କୁମାର ବଶିଷ୍ଠ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ହୋଇଛନ୍ତି। ଏହି ଦାୟିତ୍ୱରେ ଥିବା ଆଇଏଏସ୍ ଆର୍ ସନ୍ତଗୋପାଳନଙ୍କୁ ଅପସାରଣ କରାଯାଇଛି। ଆଇଏଏସ୍ ଶୁଭା ଶର୍ମା ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ହୋଇଛନ୍ତି। ସେହିପରି ଏନବିଏସ୍ ରାଜପୁତ ଓଏସ୍ଆରସିସିର ଅତିରିକ୍ତ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକଭାବେ ନିଯୁକ୍ତି ପାଇଛନ୍ତି। ଏହି ଦାୟିତ୍ୱରେ ଥିବା ଆଇଏଏସ୍ ଉଷା ପାଢ଼ୀଙ୍କୁ ଅପସାରଣ କରାଯାଇଛି।

ଓଡ଼ିଶା ମାଇନିଂ କର୍ପୋରେସନର ଅଧ୍ୟକ୍ଷ ହୋଇଛନ୍ତି ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ସଚିବ ଗିରିଶ ଏସ୍.ଏନ୍ । ଆଇଏଏସ୍ ସୁରେନ୍ଦ୍ର କୁମାରଙ୍କୁ ଏହି ଦାୟିତ୍ୱରୁ ମୁକ୍ତ କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ଆୟୁକ୍ତ ଏବଂ ସଚିବ ହୋଇଛନ୍ତି ଆଇଏଏସ୍ ଡାକ୍ତର ମୃଣାଳିନୀ ଦରସ୍ୱାଲ। ଗୃହ ଓ ନଗର ବିକାଶ ବିଭାଗର ଅତିରିକ୍ତ ସଚିବ ହୋଇଛନ୍ତି ରାଜେଶ ପ୍ରଭାକର ପାଟିଲ। ଏହା ସହିତ ସେ ଓସଡମାର ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଇବେ।

କୃଷି ବିଭାଗ ସଚିବ ହୋଇଛନ୍ତି ରାମଚନ୍ଦ୍ର ଯାଦବ, ଓଏମସିର ପରିଚାଳନା ନିର୍ଦ୍ଦେଶକ ଥିବା ମୋହନ ସାମଲଙ୍କୁ କଟକ ଆରଡିସିର ଅତିରିକ୍ତ ଦାୟିତ୍ୱ ମିଳିଛି। ଏଥିରେ ଥିବା ଗୁହା ପୁହାଣ ତାପସ କୁମାରଙ୍କୁ ଅପସାରଣ କରାଯାଇଛି। ଆଇଏଏସ୍ ରଶ୍ମିତା ପଣ୍ଡା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଓ ଏମଡି ସିଦ୍ଧିକି ଆଲମ ପବ୍ଲିକ୍ ଏଣ୍ଟପ୍ରାଇଜେସର ଆୟୁକ୍ତ ଓ ସଚିବ, ଏବଂ କୁଟର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ।

ମିଶନ ଶକ୍ତିର ଆୟୁକ୍ତ ଓ ସଚିବ ହୋଇଛନ୍ତି ମାନସୀ ନିମ୍ଭାଲ, ମତ୍ସ୍ୟ ସମ୍ପଦ ବିଭାଗର ଆୟୁକ୍ତ ଓ ସଚିବ ହୋଇଛନ୍ତି ପ୍ରେମ ଚନ୍ଦ୍ର ଚୌଧୁରୀ, ଓବିସିସିର ଅତିରିକ୍ତ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ନେଇଛନ୍ତି। ଅନୁପମ ଶାହ ଏବଂ ସଂଗ୍ରାମ କେଶରୀ ମହାପାତ୍ର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଓ ଉତ୍ତରାଞ୍ଚଳ ଆରଡିସିର ଅତିରିକ୍ତ ଦାୟିତ୍ୱ ବହନ କରିବେ।

# ପ୍ରାକ୍ ବଜେଟ୍ ପରାମର୍ଶ ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୫।୨(ମହାଭାରତ): ଆମ ସରକାର ହେଉଛି ଲୋକଙ୍କ ସରକାର । ଆମ ପାଇଁ ଲୋକଙ୍କ ସ୍ୱର ହେଉଛି ଭଗବାନଙ୍କ ସ୍ୱର। ତେଣୁ ସରକାରଙ୍କ ବଜେଟ ପ୍ରସ୍ତୁତ ପ୍ରକ୍ରିୟା ଏବେ ସଚିବାଳୟରୁ ବାହାରି ଲୋକଙ୍କ ପାଖକୁ ଯାଇଛି। ଜନସାଧାରଣଙ୍କ ଠାରୁ ସେମାନଙ୍କ ବହୁମୂଲ୍ୟ ମତାମତ ଆହ୍ୱାନ କରି ଅନୁଧ୍ୟାନ ଓ ତର୍ଜମା ପରେ ବଜେଟରେ ସ୍ଥାନୀତ କରାଯାଉଛି। ଏହା ସବୁ ଦୃଷ୍ଟିରୁ ଲୋକଙ୍କ ବଜେଟ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାକ୍ ବଜେଟ ପରାମର୍ଶ ସଭା ଅବସରରେ କହିଛନ୍ତି।

ଗୁରୁବାର ଲୋକସେବା ଭବନ କନ୍ ଭେନସନ୍ ହଲ ଠାରେ ଆୟୋଜିତ ପ୍ରାକ୍ ବଜେଟ ପରାମର୍ଶ ସଭା ବୈଠକରେ ମୁଖ୍ୟମନ୍ତ୍ରୀ ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନଙ୍କ ସହିତ ପ୍ରାକ୍ ବଜେଟ ପରାମର୍ଶ ଆଲୋଚନା କରିଛନ୍ତି। ନିକଟରେ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଜନମତରୁ ସଂଗ୍ରହ କରାଯାଇଥିଲା। ଆହୁରି ମଧ୍ୟ ଆଗକୁ କାର୍ଯ୍ୟକାରୀ ହେବାକୁ ଥିବା ଶ୍ରୀ ଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମ, କଟକ-ଭୁବନେଶ୍ୱର-ପାରାଦୀପ-ପୁରୀ

**● ବିଭିନ୍ନ କ୍ଷେତ୍ରର ୫୦ରୁ ଊର୍ଦ୍ଧ୍ୱ ବିଶେଷଜ୍ଞ ଯୋଗଦେଲେ**
**● 'ଲୋକଙ୍କ ବଜେଟ' ଭାବେ ପ୍ରସ୍ତୁତ କରାଯିବ : ମୁଖ୍ୟମନ୍ତ୍ରୀ**

ଅର୍ଥନୈତିକ କରିଡର ପରିକଳ୍ପନା ଜନମତରୁ ଆସିଛି। ଜନମତ ଆଧାରରେ ନୀତି, ଯୋଜନା କାର୍ଯ୍ୟକ୍ରମରେ ମଧ୍ୟ ଆବଶ୍ୟକୀୟ ପରିବର୍ତ୍ତନ କରାଯାଉଛି । ତେଣୁ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା, ଘୋଷଣାକୁ ନେଇ ସମସ୍ତଙ୍କଠୁ ସୁଚିନ୍ତିତ ମତାମତ ଓ ପରାମର୍ଶ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ।

ସେ ଆହୁରି କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ, ରୋଜଗାର ସୃଷ୍ଟି ଓ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ମିଳିଛି । କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ପଦକ୍ଷେପ ଓ ରାଜ୍ୟସରକାରଙ୍କ ମହିଳା ଓ କୃଷକମାନଙ୍କ ଲାଗି ନିଆଯାଉଥିବା ପଦକ୍ଷେପ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ଚଳଚଂଚଳ କରିଛି । ୨୦୨୬-୨୭ ରେ ମଧ କେନ୍ଦ୍ର ବଜେଟରେ ମଧ୍ୟ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଘୋଷଣା କରାଯାଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଆଜି ଓଡ଼ିଶାକୁ ଦେଶରେ ପ୍ରାଥମିକତା ମିଳୁଛି । ୨୦୨୬-୨୭ ବଜେଟ ପ୍ରସ୍ତୁତି ପାଇଁ ୱେବ୍ ପୋର୍ଟାଲ, ଇ-ମେଲ, ଏସ୍.ଏମ୍.ଏସ୍., ୱାଟସଅପ୍ ଜରିଆରେ ବହୁ ସଂଖ୍ୟାରେ ସୁଚିନ୍ତିତ ମତାମତ ଆସିବାରେ ଲାଗିଛି । ଲୋକଙ୍କ ସରକାରରେ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ଏବଂ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯିବ । ଆଜି ଏହି ବୈଠକରୁ ଯେଉଁ ସବୁ ସୁଚିନ୍ତିତ ପରାମର୍ଶ ମିଳିଛି, ବିଭାଗ ତାକୁ ରେକର୍ଡ କରି ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ 1 ପ୍ରଫୁଲ୍ଲ ଘଡ଼େଇ, ନିରଞ୍ଜନ ପୂଜାରୀ, ପୂର୍ବତନ ଅର୍ଥ ସଚିବ ଅର୍ଦ୍ଧେନ୍ଦୁ ଷଡ଼ଙ୍ଗୀ, ଏ.କେ. ତ୍ରିପାଠୀ, ଆର,ଏନ୍. ସେନାପତି, ଓଡ଼ିଶା ବ୍ୟବସାୟୀ ମହାସଂଘ, ଓଡ଼ିଶା ଯୁବ ଉଦ୍ୟୋଗୀ ସଂଘ, ଏନଜିଓ ସଦସ୍ୟ, ଫିନ୍‌ଟେକ୍‌ର ସିଇଓ, ବିଭିନ୍ନ କ୍ଷେତ୍ରର ସମାଜସେବୀ, କ୍ରେଡାଇର ଉପାଧ୍ୟକ୍ଷ, ବରିଷ୍ଠ ରାଜନେତା ସାରଦା ଶତପଥୀ, ସଜ୍ଜନ ଶର୍ମା, ମନୋଜ ମହାପାତ୍ରଙ୍କ ସମେତ ବିଭିନ୍ନ କ୍ଷେତ୍ରର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ଏହି ବୈଠକରେ ଅଂଶଗ୍ରହଣ କରିଥିଲେ ।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ସଚିବସଞ୍ଜିବ କୁମାର ମିଶ୍ର ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ୯ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୧୪।୨(ମହାଭାରତ): ଆସନ୍ତା ସୋମବାର ଫେବୃଆରୀ୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ସେଦିନ ପୂର୍ବାହ୍ନ ୧୦ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଫେବୃଆରୀ୬ ତାରିଖ ଦିବା ୧୧ଘଟିକା ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

# ମାଓ ମୁକ୍ତ ହେଲା କୋରାପୁଟ

କୋରାପୁଟ,୫।୨(ମହାଭାରତ.): ମାଓ ଦମନ କ୍ଷେତ୍ରରେ କୋରାପୁଟ ପୋଲିସକୁ ଏକ ବଡ଼ ସଫଳତା ପ୍ରାପ୍ତି ହୋଇଛି । ଆଜିଠାରୁ ମାଓ ମୁକ୍ତ ହୋଇଛି କୋରାପୁଟ ଜିଲ୍ଲା । ସିପିଆଇ ମାଓବାଦୀ ମମତା ପୋଡ଼ିଆମୀର ଆତ୍ମସମର୍ପଣ ସହିତ କୋରାପୁଟ ଜିଲ୍ଲାକୁ ମାଓ ମୁକ୍ତ ଘୋଷଣା କରିଛନ୍ତି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି

## ଆତ୍ମସମର୍ପଣ କଲେ ମମତା

କନୱର ବିଶାଳ ସିଂହ ।

ମମତା ପୋଡ଼ିଆମୀ ବନ୍ଧୁକ ସହିତ କୋରାପୁଟ ଏସପିଙ୍କ କାର୍ଯ୍ୟାଳୟରେ ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିଛି। ସେ ଛତିଶଗଡ଼ ବୀଜାପୁର ଜିଲ୍ଲା ପେମଡ ଥାନା ଲିଙ୍ଗାପୁରମ ଗ୍ରାମର ମୂଳ ବାସିନ୍ଦା ଅଟେ । ଏହି ସମୟରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି, ବିଏସ୍ଏଫ୍




ଡିଆଇଜି, ବିଏସଏଫ୍ କମାଣ୍ଡାଣ୍ଟ, ଜୟପୁର ଏସଡିପି ପ୍ରମୁଖ ଉପସ୍ଥିତ ଥିଲେ । ମମତା ଏସ୍ଏଲ୍ଆର୍ ବନ୍ଧୁକ, ମାଗାଜିନ ଏବଂ ୧୦ଟି ଗୁଳିକୁ ଏସପିଙ୍କ ନିକଟରେ ଦାଖଲ କରିଛି । ଏହି ଆତ୍ମସମର୍ପଣ ସିପିଆଇଏମକୁ ଏକ ବଡ଼ ଧକ୍କା ବୋଲି କହିଛନ୍ତି ଏସପି ।

ଓଡ଼ିଶା ସରକାରଙ୍କ ଘୋଷଣା ଅନୁଯାୟୀ ମମତାକୁ ୫ ଲକ୍ଷ ୫୦ ହଜାର ଟଙ୍କା ସହିତ ବନ୍ଧୁକ ପାଇଁ ୧ ଲକ୍ଷ ୬୫ ହଜାର ଟଙ୍କା ପ୍ରଦାନ କରାଯିବ । ଆତ୍ମସମର୍ପଣ ସମୟରେ ଅନ୍ତରୀଣ ସହାୟତା ରାଶି ବାବଦକୁ ୫୦ ହଜାର ଟଙ୍କା ଦିଆଯାଇଛି । ସେହିପରି ଅନ୍ତୋଦୟ ଗୃହ ଯୋଜନାରେ ଘର ଏବଂ ବିବାହ ପାଇଁ ୨୫ ହଜାର ଟଙ୍କା ସହାୟତା ଦିଆଯିବ। ସେହିପରା ରାସନ କାର୍ଡ, ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା ଆଦି ଦିଆଯିବ ।

ଅନ୍ୟ ଯେଉଁମାନେ ବି ମାଓ ହିଂସାରେ ଜଡ଼ିତ ଅଛନ୍ତି, ସମସ୍ତେ ଅସ୍ତ୍ର ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଡିଜିପି ଆହ୍ୱାନ କରିଛନ୍ତି ।

ଏଠାରେ ଉଲ୍ଲେଖ ଯୋଗ୍ୟ, ଗତକାଲି କ୍ୟାଡର୍ ମାଓବାଦୀ ସୁକ୍ରାମ ମାଡ଼କାମ ମାଲକାନଗିରି ଏସପିଙ୍କ ନିକଟରେ ଆତ୍ମ ସମର୍ପଣ କରିଥିଲା । ମୁଣ୍ଡ ଉପରେ ୨୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ସେହିପରି ମଙ୍ଗଳାବର ଦିନ ରାଉରକେଲା ପୋଲିସ ନିକଟରେ ୧୮ ବର୍ଷୀୟ ମାଓବାଦୀ ପ୍ରଭୁ ଆତ୍ମସମର୍ପଣ କରିଥିଲା । ଦକ୍ଷିଣାଞ୍ଚଳ ଆଇଜି ବ୍ରିଜେଶ କୁମାର ରାଏ ଏବଂ ରାଉରକେଲା ଏସପି ନିତେଶ ଗଡ଼ୱାନୀ ଏ ନେଇ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ । ସେ ଝାଡ଼ଖଣ୍ଡ ଦକ୍ଷିଣ ସିଂହଭୂମ ଜିଲ୍ଲାର ଛୋଟନାଗ୍ରା ଥାନା ହାଲାମୁଲି ଗ୍ରାମର ମୂଳ ବାସିନ୍ଦା ଅଟେ ।

# ବନ୍ଦେ ଭାରତ ସ୍ଲିପର ଟ୍ରେନର ୨୬୦ ରେକ୍ ନିର୍ମାଣ ଯୋଜନା : ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ,୫।୨(ପିଆଇବି): ବନ୍ଦେ ଭାରତ ସ୍ଲିପର ପାଇଁ ନୂତନ ରୋଲିଂ ଷ୍ଟକର ବିକାଶ ପ୍ରକ୍ରିୟାରେ ବୈଷୟିକ ନବସୃଜନ, ରଣନୈତିକ ଯୋଜନା ଓ ଉତ୍ପାଦନ-ଏ ତିନୋଟିକୁ ଏକ ସାମଗ୍ରିକ ଆଭିମୁଖ୍ୟରେ ସମନ୍ୱୟ କରାଯିବା ଆବଶ୍ୟକ, ଯାହା ଯାତ୍ରୀମାନଙ୍କୁ ନିରାପଦ, ବିଶ୍ୱସନୀୟ ଓ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବ। ଏହି ପ୍ରକ୍ରିୟାରେ ମୂଳ ଢାଞ୍ଚାର ବିକାଶ, ବ୍ୟାପକ ପରୀକ୍ଷଣ ଏବଂ ସଫଳ ପରୀକ୍ଷଣ ପରେ ସିରିଜ୍ ଉତ୍ପାଦନକୁ ଅନ୍ତର୍ଭୁକ୍ତ କରାଯାଇଛି।

ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଉତ୍ପାଦନ କାର୍ଯ୍ୟକ୍ରମ ଚେନ୍ନାଇର ବିଇଏମଏଲ ଏବଂ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି ଏବଂ ଟେକ୍ନୋଲୋଜି ଅଂଶୀଦାରମାନଙ୍କ ଦ୍ୱାରା ମୂଳ ଢାଞ୍ଚାର ବିକାଶ, ପରୀକ୍ଷଣ ଏବଂ ସିରିଜ୍ ଉତ୍ପାଦନ ମାଧ୍ୟମରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେଉଛି।



ଚାହିଦା ଏବଂ ପରିଚାଳନା ପ୍ରସ୍ତୁତି ଆଧାରରେ ପର୍ଯ୍ୟାୟକ୍ରମେ ନିୟମିତ ଯାତ୍ରୀ ସେବାରେ ଏହି ଟ୍ରେନ୍ ସେଟଗୁଡ଼ିକୁ ସାମିଲ କରାଯିବ। ଉତ୍ପାଦନ ପାଇଁ ମୋଟ ୨୬୦ଟି ରେକ୍ ବିଶିଷ୍ଟ ବନ୍ଦେ ଭାରତ ସ୍ଲିପର ଟ୍ରେନ ସେଟର ଯୋଜନା କରାଯାଇଛି। ଯାତ୍ରୀଙ୍କ ଯାତ୍ରା ଅଭିଜ୍ଞତାକୁ ଉନ୍ନତ କରିବା ଏବଂ ନିରାପଦ ଓ ଆରାମଦାୟକ ଯାତ୍ରା ଦୃଷ୍ଟିରୁ ନୂତନ ମାନଦଣ୍ଡ ସ୍ଥାପନ କରିବା ପାଇଁ, ଏହି ଟ୍ରେନ୍ ସେଟଗୁଡ଼ିକରେ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ ଏବଂ ଯାତ୍ରୀ ସୁବିଧା ସହିତ ଆଧୁନିକ କୋଚ୍ ପ୍ରଦାନ କରାଯାଇଛି। ଯେପରିକି: ଝଟ୍କା-ମୁକ୍ତ ଅର୍ଦ୍ଧ ସ୍ଥାୟୀ କପ୍ଲର୍ ଏବଂ ଆଣ୍ଟି କ୍ଲାଇମ୍ବର୍ କବଚ୍ ସହିତ ସଜ୍ଜିତ । ଘଣ୍ଟାପ୍ରତି ୧୮୦/୧୬୦ କିଲୋମିଟର ର ବେଗ ପାଇଁ ଡିଜାଇନ/ପରିଚାଳନା ସହିତ ଉଚ୍ଚ ଆକ୍ସିଲିରେସନ । ଇ. ଏନ୍. ମାନ ଅନୁପାଳନ କରୁଥିବା କାର ବଡିର କ୍ରାସୱାର୍ଦି ଡିଜାଇନ୍ ।

ଅଗ୍ନି ନିରାପତ୍ତା ମାନର ଅନୁପାଳନ ପାଇଁ ପ୍ରତ୍ୟେକ କୋଚ୍‌ର ଶେଷରେ ଅଗ୍ନି ପ୍ରସ୍ଥାନ ଦ୍ୱାର ରହିଛି। ଉନ୍ନତ ଅଗ୍ନି ନିରାପତ୍ତା-ବୈଦ୍ୟୁତିକ କ୍ୟାବିନେଟ୍ ଏବଂ ଶୌଚାଳୟରେ ଏରୋସୋଲ୍ ଆଧାରିତ ଅଗ୍ନି ଚିହ୍ନଟ ଏବଂ ପ୍ରଶମନ ବ୍ୟବସ୍ଥା। ଶକ୍ତି ସଂରକ୍ଷଣ ପାଇଁ ରିଜେନରେଟିଭ୍ ବ୍ରେକିଂ ସିଷ୍ଟମ୍। ଯାତ୍ରୀ ଅଞ୍ଚଳ ଭିତରେ ସ୍ୱଚ୍ଛତାର ମାନରେ ଉନ୍ନତି ଆଣିବା ପାଇଁ ବାୟୁରୁ ୯୯% କ୍ଷତିକାରକ ଜୀବାଣୁକୁ ନିଷ୍କ୍ରିୟ କରିବା ପାଇଁ ସ୍ୱଦେଶୀ ଭାବରେ ବିକଶିତ ୟୁଭି-ସି ଲ୍ୟାମ୍ପ-ଆଧାରିତ ଜୀବାଣୁନାଶକ ପ୍ରଣାଳୀ ସହିତ ଶୀତତାପ ନିୟନ୍ତ୍ରିତ ୟୁନିଟ୍ ପ୍ରଦାନ କରାଯାଇଛି। କେନ୍ଦ୍ରୀୟ ନିୟନ୍ତ୍ରିତ ସ୍ୱୟଂଚାଳିତ ପ୍ଲଗ୍ ଡୋର୍ ଏବଂ ସମ୍ପୂର୍ଣ୍ଣ ସିଲ୍ ହୋଇଥିବା ବ୍ୟାପକ ଗ୍ୟାଙ୍ଗୱେ। ସମସ୍ତ କୋଚ୍‌ରେ ସିସିଟିଭି ବ୍ୟବସ୍ଥା ଜରୁରୀକାଳୀନ ପରିସ୍ଥିତିରେ ଯାତ୍ରୀ ଏବଂ ଟ୍ରେନ୍ ମ୍ୟାନେଜର/ ଲୋକୋ ପାଇଲଟଙ୍କ ମଧ୍ୟରେ ଯୋଗାଯୋଗ ପାଇଁ ଜରୁରୀକାଳୀନ ଟକ୍-ବ୍ୟାକ୍ ୟୁନିଟ୍। ଦିବ୍ୟାଙ୍ଗଜନ ଯାତ୍ରୀମାନଙ୍କ ପାଇଁ, ପ୍ରତ୍ୟେକ ପାର୍ଶ୍ୱରେ ଡ୍ରାଇଭିଂ ୱାଚ୍‌ରେ ସ୍ୱତନ୍ତ୍ର ଶୌଚାଳୟ ରହିଛି। ଏୟାର କଣ୍ଡିସନିଂ, ସେଲୁନ୍ ଲାଇଟିଂ ଆଦି ଭଳି ଯାତ୍ରୀ ସୁବିଧାର ଉନ୍ନତ ଅବସ୍ଥା ତଦାରଖ ପାଇଁ କେନ୍ଦ୍ରୀୟ କୋଚ୍ ମନିଟରିଂ ସିଷ୍ଟମ୍ ଉପର ବର୍ଥକୁ ଚଢ଼ିବାକୁ ସହଜ କରିବା ପାଇଁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ ହୋଇଥିବା ସିଡି କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ପ୍ରଦାନ କରିଛନ୍ତି।

# ଭାଗଚାଷୀଙ୍କ ପାଇଁ ଆସିପାରେ ନୂଆ ଆଇନ

ଭୁବନେଶ୍ୱର, ,୫।୨(ମହାଭାରତ) ଭାଗଚାଷୀଙ୍କ ପାଇଁ ନୂଆ ଆଇନ ଆଣିପାରନ୍ତି ସରକାର ।ଏ ନେଇ ସଂକେତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜସ୍ୱ ବିଭାଗର ଉପନିବନ୍ଧନ କାର୍ଯ୍ୟାଳୟ ଉଦଘାଟନ ଅବସରରେ ଭାଗ ଚାଷୀଙ୍କୁ ଆଇନ ଗତ ସୁରକ୍ଷା ଦେବାକୁ ରାଜସ୍ୱ ମନ୍ତ୍ରୀଙ୍କୁ କହିଛନ୍ତି ମୁଖ୍ୟମନ୍ତ୍ରୀ । ଏନେଇ ବିଚାର କରିବାକୁ ରାଜସ୍ୱ ବିଭାଗକୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହା ହୋଇ ପାରିଲେ ଭାଗଚାଷୀ ମାନେ ସରକାରୀ ସୁବିଧା ପାଇ ପାରିବେ। ଅନ୍ୟପଟେ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ କହିଛନ୍ତି ଭାଗ ଚାଷୀ ଆଇନ ପ୍ରସଙ୍ଗରେ କୃଷି ବିଭାଗ, ସମବାୟ ବିଭାଗ ସହିତ ଆଲୋଚନା ହୋଇଛି । ଆଗକୁ ବିଭିନ୍ନ ଷ୍ଟେକ୍ ହୋଲଡରଙ୍କ ସହିତ ଆଲୋଚନା କରାଯିବ। ପୂର୍ବ ରିପୋର୍ଟକୁ ଅନୁଧ୍ୟାନ କରାଯାଉଛି। ବାହାର ରାଜ୍ୟର ଆଇନକୁ ଅନୁଧ୍ୟାନ କରାଯାଉଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ।

# କୋଇଲା ଖଣିରେ ବିସ୍ଫୋରଣ, ୧୬ ଶ୍ରମିକ ମୃତ

ଶିଲଂ,୫।୨(ମହାଭାରତ) : ମେଘାଳୟର ତାଶଖାଇ ଅଞ୍ଚଳରେ ଥିବା ଏକ କୋଇଲା ଖଣିରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏହି ଘଟଣାରେ ଅତି କମ୍‌ରେ ୧୬ ଜଣ ଶ୍ରମିକଙ୍କ ମୃତ୍ୟୁ ହେବାର ସୂଚନା ଆସିଛି। ଦୁର୍ଘଟଣା ପରେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳି ଯାଇଛି ଏବଂ ସ୍ଥାନୀୟ ପ୍ରଶାସନ ତଥା ପୁଲିସ ତତ୍କାଳ ରେସ୍କ୍ୟୁ ଅପରେସନ ଆରମ୍ଭ କରି ଦେଇଛନ୍ତି।

ସୂଚନା ଅନୁସାରେ , ତାଶଖାଇର କୋଇଲା ଖଣିରେ ହଠାତ୍ ଏକ ଜୋରଦାର ବିସ୍ଫୋରଣ ହୋଇଥିଲା , ଏହି କାରଣରୁ ଖଣି ଭିତରେ କାମ କରୁଥିବା ଶ୍ରମିକମାନେ ଏଥିରେ ପ୍ରଭାବିତ ହୋଇଥିଲେ। ବିସ୍ଫୋରଣ ଏତେ ଜୋରଦାର ଥିଲା ଯେ, ଖଣି ଭିତରେ ଥିବା ଶ୍ରମିକଙ୍କୁ ବାହାରକୁ ଆସିବା ପାଇଁ ଆଉ ସୁଯୋଗ ମିଳି ନଥିଲା। ଆଶଙ୍କା କରାଯାଉଛି ଯେ, ମୃତକଙ୍କ ମଧ୍ୟରେ ସବୁ ଶ୍ରମିକ ଆସାମ ବାସିନ୍ଦା। ହେଲେ ପ୍ରଶାସନ ପକ୍ଷରୁ ଏବେ କିଛି ଅଫିସିଆଲି ସ୍ପଷ୍ଟ ହୋଇ ନାହିଁ।

ସ୍ଥାନୀୟ ସୂତ୍ରାନୁସାରେ , ମୃତ ଶ୍ରମିକଙ୍କ ମଧ୍ୟରେ ଜଣେ ଆସାମର କଟିଗାରା ଅଞ୍ଚଳର ବିହାରା ଗାଁର ଥିବା କୁହାଯାଉଛି। ଦୁର୍ଘଟଣାର ସୂଚନା ପାଇବା କ୍ଷଣି ମେଘାଳୟ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ ଏବଂ ଉଦ୍ଧାର ଓ ସୁରକ୍ଷା କାର୍ଯ୍ୟ ଆରମ୍ଭ କରିଦିଆ ଯାଇଥିଲା। ଖଣି ଭିତରେ ଫସି ରହିଥିବା ଅନ୍ୟ ଶ୍ରମିକଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ପ୍ରଶାସନ ଆଖାପାଖ ଅଞ୍ଚଳକୁ ଘେରାବନ୍ଦୀ କରି ସୁରକ୍ଷା ବଢାଇ ଦେଇଛି, ଯାହାକି ଉଦ୍ଧାର କାର୍ଯ୍ୟରେ ଯେମିତି କୌଣସି ପ୍ରତିବନ୍ଧକ ସୃଷ୍ଟି ନହୁଏ। ଅଧିକାରୀଙ୍କ କହିବାନୁସାରେ , ଧମାକାର କାରଣ ଜାଣିବା ପାଇଁ ଯାଞ୍ଚ ଆରମ୍ଭ କରିଦିଆ ଯାଇଛି। ପ୍ରାରମ୍ଭିକ ଭାବେ ଖଣିରେ ଗ୍ୟାସ ଲିକ୍ କିମ୍ବା ଯାନ୍ତ୍ରିକ ତ୍ରୁଟିକୁ ଦୁର୍ଘଟଣାର ସମ୍ଭାବିତ କାରଣ ବୋଲି କୁହାଯାଉଛି।

## ଗାଜର ଖିରି

ଗାଜରେ ପୋଟାସିୟମ୍, ଭିଟାମିନ୍ ଏ, ଭିଟାମିନ ଇ ଭଳି ପୋଷକ ତତ୍ତ୍ୱ ଭରି ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ଦେଇଥାଏ । ଆସନ୍ତୁ ଜାଣିବା ଗାଜରରେ ପ୍ରସ୍ତୁତ ଖିରି , ଯାହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ।

ଆବଶ୍ୟକୀୟ ସାମଗ୍ରୀ: ଗାଜର ଅଧ କିଲୋ, ଗୋଟେ ଚାମଚ ଘିଅ,ଗୋଟେ ଚାମଚ ଚିନି, କିସମିସ୍ ୧୦ ଗ୍ରାମ, କାଜୁ-୧୦ ଗ୍ରାମ୍, ଗୁଜୁରାତି ୩ଟି,କ୍ଷୀର-୩କପ୍ ।

ପ୍ରଣାଳୀ: ଗାଜରକୁ ଧୋଇ କୋରି ଦିଅନ୍ତୁ। ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲା ପରେ ଏଥିରେ ଗୋଟେ ଚାମଚ ଘିଅ ପକାନ୍ତୁ । ଘିଅ ଗରମ ହୋିଗଲା ପରେ ଏବେ ଗାଜର ପକାନ୍ତୁ । ଗାଜର ଭଲ ଭାବରେ ଭାଜି ହୋଇଗଲା ପରେ ଗ୍ୟସ୍ର ଜାଳ କମ୍ କରି ସେଥିରେ ଚିନି ପକାନ୍ତୁ । ମଝିରେ ମଝିରେ ଗାଜରକୁ ଲେଉଟାନ୍ତୁ ଫଳରେ ଗାଜର ପ୍ୟାନରେ ଲାଗିବନି ।

ଏବେ ଏଥିରେ କ୍ଷୀର ପକାଇ ଅଳ୍ପ ଜାଳରେ ଫୁଟିବାକୁ ଦିଅନ୍ତୁ । ୨୦ ମିନିଟ୍ ଯାଏଁ ଫୁଟିବାକୁ ଦିଅନ୍ତୁ । ମଝିରେ ମଝିରେ ଏହାକୁ ଘାଣ୍ଟୁଥିବେ । ଯେମିତି ପ୍ୟାନରେ ଲାଗିବନି । ଏବେ ଏଥିରେ ଗୁଜୁରାତି ଗୁଣ୍ଡ, କିସମିସ୍, କାଜୁ ପକାଇ । ଏବେ ପ୍ରସ୍ତୁତ ହୋଇଗଲା ଗାଜ ଖିରି । ଏହାକୁ ଆପଣ ଗରମ ଗରମ ଖାଇପାରିବେ ।



ଖବର

## ପରସ୍ପର ଉପରେ ଦୋଷ ଲଦାଲଦି ହେଲେ ଅମିତାଭ ଓ ପ୍ରଭାସ



ମୁମ୍ବାଇରେ ଗତ ବୁଧବାର ସିନେମାର ପ୍ରି-ରିଲିଜ କାର୍ଯ୍ୟକ୍ରମ ରଖାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଭାସ, ଅମିତାଭ ବଚ୍ଚନ, ଦୀପିକା ପାଦୁକୋନ ଓ କମଲ ହାସନ ନଜର ଆସିଥିଲେ। ଏଥିରେ ପ୍ରଭାସ ଓ ଅମିତାଭଙ୍କ ମଜାଳିଆ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା। ଏହାର ଏକ ଭିଡିଓ ବି ସୋସିଆଲ ମିଡିଆରେ ଭାଇରାଲ ହୋଇଛି ।କାର୍ଯ୍ୟକ୍ରମକୁ ରାଣା ଦଗୁବାତୀ ଉପସ୍ଥାପନ କରୁଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଭାସ କହିଥିଲେ, 'ମୁଁ ବିଗ ବିଙ୍କ ପାଦସ୍ପର୍ଶ କରିବାକୁ ଯେତେଥର ଚେଷ୍ଟା କରିଛି ସେ ସ୍ପର୍ଶ କରିବାକୁ ଦେଇନାହାନ୍ତି । ମୋ ହାତକୁ ଧରି ଅଟକାଇ ଦେଇଥାଆନ୍ତି । 'ପ୍ରଭାସଙ୍କ ଏଭଳି କଥା ଶୁଣି ଅମିତାଭ ହସିହସି କହିଥିଲେ, 'ପ୍ରଭାସ ମୋତେ ଦୋଷ ଦେଉଛନ୍ତି । ମୁଁ କହିବି ସେ ବି ମୋତେ କେବେ ତାର ପାଦସ୍ପର୍ଶ କରିବାକୁ ଦେଇନାହ । ଆଚ୍ଛା ଯଦି ମୁଁ ତାଙ୍କର ପାଦସ୍ପର୍ଶ କରେ ଏଥିରେ କ'ଣ ଅସୁବିଧା ରହିଛି ମୁଁ କିଛି ବୁଝି ପାରୁନାହିଁ । ଆପଣମାନେ ଦୟାକରି କହିବେ କି ।

## ଅନିତ୍ୟ ଜଗତରେ ଭଗବାନ ହିଁ ନିତ୍ୟ

ଆମ ଦେଶର ପ୍ରାଚୀନ ଋଷିଗଣ ଭଗବାନଲାଭକୁ ହିଁ ଜୀବନର ଲକ୍ଷ୍ୟ ବୋଲି କହି ଯାଇଛନ୍ତି। ଦୁଃଖ-କଷ୍ଟର ଅବସାନ ପାଇଁ ନିଜର ସ୍ୱରୂପ ଉପଲବ୍ଧି କରି ଶାନ୍ତି ଲାଭ କରିବା ପାଇଁ ସେମାନେ ଏହି ଆଦର୍ଶକୁ ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି। ଏହି ଆଦର୍ଶ ଏତେ ପ୍ରାଣସ୍ପର୍ଶୀ ଯେ, ଏ ଦେଶର ଅସଂଖ୍ୟ ଉଚ୍ଚସ୍ତରର ମନୁଷ୍ୟ, ଏପରିକି ଅନେକ ରାଜା, ରାଜକୁମାର ଏବଂ ଜୀବନର ବିଭିନ୍ନ କ୍ଷେତ୍ରରେ ଅତି ଉନ୍ନତ ବ୍ୟକ୍ତିମାନଙ୍କ ହୃଦୟରେ ମଧ୍ୟ ତାହା ରେଖାପାତ କରିଛି। ସେମାନେ ସମସ୍ତେ ଭଗବାନଲାଭ ପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି। ସେମାନେ ବୁଝିଥିଲେ, ଜଗତରେ କୌଣସି ବସ୍ତୁ ଚିରସ୍ଥାୟୀ ନୁହେଁ, ସମସ୍ତ ହିଁ ପରିବର୍ତ୍ତନଶୀଳ ଏବଂ ଏକମାତ୍ର ଭଗବାନ ହିଁ ନିତ୍ୟ ସତ୍ୟ। ଶ୍ରୀରାମକୃଷ୍ଣ କହୁଥିଲେ, 'ଯଦି ଜାଣନ୍ତି ଯେ ଜଗତଟା ନିତ୍ୟ, ତା'ହେଲେ କାମାରପୁକୁରକୁ ସୁନାରେ ଛାଉଣି କରିଦେଇ ଯାଆନ୍ତି। କିନ୍ତୁ ଦେଖୁଛି, ଜଗତଟା ଅନିତ୍ୟ।' ରୂପ ଗୋସ୍ୱାମୀ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଜନୈକ ବିଶିଷ୍ଟ ଶିଷ୍ୟ, ବୃନ୍ଦାବନରେ ବାସ କରୁଥିଲେ; ତାଙ୍କ ଭାଇ ବଙ୍ଗଳା ନବାବଙ୍କର ମନ୍ତ୍ରୀ ଥିଲେ ଏବଂ ବିଷୟ ସମ୍ପତ୍ତିରେ ବିଶେଷ ଭାବେ ଜଡ଼ିତ ହୋଇପଡ଼ିଥିଲେ। ତାଙ୍କ ପ୍ରତି ସ୍ନେହ ପରବଶ ହୋଇ ସେ ତାଙ୍କୁ ଗୋଟିଏ ଶ୍ଳୋକ ଲେଖି ପଠାଇଲେ, ଯାହାର ଅର୍ଥ ହେଲା; ଭାବିଦେଖ, ସେ ଅଯୋଧ୍ୟାପୁରୀ ବା କେଉଁଠି, ସେ ଦ୍ୱାରିକାପୁରୀ ବା କେଉଁଠି ? ପ୍ରକୃତରେ ଜାଣିବ ଏକମାତ୍ର ଭଗବାନଙ୍କ ବ୍ୟତୀତ ଜଗତରେ ଅନ୍ୟ ସବୁ ଅନିତ୍ୟ। ଏଥିରେ ତାଙ୍କ ଭାଇଙ୍କର ଆଖି ଖୋଲିଗଲା; ସେ ବଙ୍ଗଳାର ମନ୍ତ୍ରୀତ୍ୱ ଛାଡ଼ି ବୃନ୍ଦାବନକୁ ଚାଲିଗଲେ ଏବଂ ଭଗବାନଙ୍କୁ ପ୍ରତ୍ୟକ୍ଷ କରିବା ପାଇଁ ସାଧନାରେ ମଗ୍ନ ହେଲେ। ଏହି ଆଦର୍ଶ ଚିରଦିନ ଭାରତବାସୀଙ୍କ ମନରେ ରେଖାପାତ କରିଆସୁଛି। ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, 'ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍।' 'ଯେଉଁ ଜଗତକୁ ଆସିଛ ତାହା ଅନିତ୍ୟ, ଆନନ୍ଦହୀନ, ମୋର ଭଜନ କର।' ପ୍ରକୃତରେ ଦେଖାଯାଉଛି, ଆମର ଶାସ୍ତ୍ର, ଋଷି, ଅବତାର ଓ ଆଚାର୍ଯ୍ୟଗଣ ସମସ୍ତେ ହିଁ କହିଛନ୍ତି - ବୈଷୟିକ ଜୀବନରେ ଶାନ୍ତିର ଆଶା କରନାହିଁ। ତା'ଠାରୁ ଅଲଗା ରହି ଆତ୍ମସ୍ୱରୂପ ଉପଲବ୍ଧି କରିବାକୁ ଏବଂ ଶାନ୍ତି ଲାଭ କରିବାକୁ ଚେଷ୍ଟା କର। ବିଷୟାବଦ୍ଧ ଜୀବନରେ କେବେ ହେଲେ ଶାନ୍ତି ଲାଭ ହୋଇପାରେ ନାହିଁ।

## ଭାନାମତୀଙ୍କୁ ଭେଟିଲେ ନାରଦ ଓ ରତି

ଭଗବାନ ବିଷ୍ଣୁଙ୍କର କଥା ଶୁଣି ପଦ୍ମିନୀ କହିଲେ ଇଏ କାନ୍ଦ ନୁହେଁ ପ୍ରଭୁ ପଶ୍ଚାତାପର ଅଶ୍ରୁ। ଏବେ ମୋର ମାୟା ଓ ରସାୟନ ବିଦ୍ୟା ପ୍ରତି ଲୋଭ ନାହିଁ। ଏବେ ମୁଁ ମୁକ୍ତି ଚାହୁଁଛି ପ୍ରଭୁ। ଯେବେ ଦ୍ୱାପର ଯୁଗରେ ମୋ ହାତରେ ତ୍ରିଲୋକ କଲ୍ୟାଣ ପାଇଁ କାର୍ଯ୍ୟ ସମ୍ପନ୍ନ ହେବ ଆପଣ ମୋତେ ମୁକ୍ତି ଦେଇଦେବେ ପ୍ରଭୁ ଏହା ମୋର ପ୍ରାର୍ଥନା। ଭଗବାନ ଶ୍ରୀହରି କହିଲେ ତଥାସ୍ତୁ।

ଏହାଶୁଣି ନାରଦମୁନି ଶ୍ରୀକୃଷ୍ଣଙ୍କୁ କହିଲେ ଆପଣଙ୍କ ଲୀଳା ଅପାର ପ୍ରଭୁ। ପ୍ରଦ୍ୟୁମ୍ନଙ୍କ ସୁରକ୍ଷା ଯୋଜନା ଆପଣ ପୂର୍ବରୁ ହିଁ କରିସାରିଛନ୍ତି। ପଦ୍ମିନୀଙ୍କ ମାୟା ଓ ରସାୟନ ବିଦ୍ୟା ଶିଖିବାର ଇଚ୍ଛା ପଛରେ ପ୍ରଭୁ କ'ଣ ଆପଣଙ୍କର ହାତ ନାହିଁ କି ? ଏହାଶୁଣି ଶ୍ରୀକୃଷ୍ଣ ହସିଦେଲେ। ପୁଣି ସେ କହିଲେ ଦେବର୍ଷି ! ଏବେ ଆପଣଙ୍କୁ ଓ ରତିଙ୍କୁ ଭାନାମତୀଙ୍କୁ ଯାଇ ଭେଟିବାକୁ ହେବ। ଭାନାମତୀଙ୍କୁ ତା'ର ପୂର୍ବ ଜନ୍ମ କଥା ମନେ ପକାଇଦେଲେ ସେ ତାଙ୍କର ସବୁକିଛି ଫେରିପାଇବେ। ଋଷି ସଦାନନ୍ଦଙ୍କ ଅଭିଶାପରୁ ମୁକ୍ତି ପାଇବେ ଏବଂ ପ୍ରଦ୍ୟୁମ୍ନଙ୍କୁ ଯୁବାବସ୍ଥା ପ୍ରଦାନ କରିବେ।

ଏହାପରେ ଶ୍ରୀକୃଷ୍ଣ ଦେବୀ ରତିଙ୍କୁ କହିଲେ ଆପଣଙ୍କ କାର୍ଯ୍ୟ ହେଉଛି ପ୍ରଦ୍ୟୁମ୍ନଙ୍କୁ ଏହାକହିବାକୁ ହେବ ଯେ, ସେ ହେଉଛନ୍ତି କାମଦେବ। ସମ୍ବରାସୁରର ଗୁରୁଦେବଙ୍କୁ ଜଣା ପଡ଼ିଗଲାଣି ଯେ, ପ୍ରଦ୍ୟୁମ୍ନ ହେଉଛି ମହାରାଜାଙ୍କର ମୃତ୍ୟୁଦାତା। ତେଣୁ ସେ ପ୍ରଦ୍ୟୁମ୍ନଙ୍କୁ ମାରିବା ପାଇଁ ପ୍ରୟାସ କରିବେ। ତାଙ୍କ ପ୍ରୟାସକୁ ବିଫଳ କରିବା ପାଇଁ ଭାନାମତୀଙ୍କୁ ପୂର୍ବଜନ୍ମ କଥା ସ୍ମରଣ କରାଇବା ଆବଶ୍ୟକ। ଏହାଶୁଣି ଦେବୀ ରତି କହିଲେ ଆମକୁ ଅତିଶୀଘ୍ର ଭାନାମତୀଙ୍କୁ ଭେଟିବାକୁ ପଡ଼ିବ। ଏପରି କହି ଦେବର୍ଷି ନାରଦ ଓ ଦେବୀ ରତି ସେଠାରୁ ଚାଲିଗଲେ।

ଏପଟେ ଭାନାମତୀ ଝୁଲାରେ ପ୍ରଦ୍ୟୁମ୍ନଙ୍କୁ ଶୁଆଉଥିଲେ ସେହି ସମୟରେ ନାରଦମୁନି ଓ ଦେବୀ ରତି ପ୍ରକଟ ହେଲେ। ଏହାଦେଖି ଭାନାମତୀ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ପ୍ରଣାମ କଲେ। ଦେବର୍ଷି ତାଙ୍କୁ ସୌଭାଗ୍ୟବତୀ ଭବଃ କହିବା ପରେ ରତି ଦେବୀଙ୍କ ପରିଚୟ କରାଇଲେ।

ଭାନାମତୀ କହିଲେ ଆପଣ ମୋ କୁଡ଼ିଆକୁ ଆସିଥିବାରୁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ ହେଲେ ହଠାତ୍ ଆଜି ଆପଣଙ୍କ ଦର୍ଶନ? ନାରଦମୁନି କହିଲେ- ଅସୁର ଶ୍ରେଷ୍ଠ ସମ୍ବରାସୁରଙ୍କଠାରୁ ଜାଣିଲି ଆପଣ ଭୋଜନ ବହୁତ ସ୍ୱାଦିଷ୍ଟ କରୁଛନ୍ତି। ତେଣୁ ଭାବିଲୁ ଆମେ ଆପଣଙ୍କ ଆତିଥ୍ୟର ଆନନ୍ଦ ଉଠାଇବା ପାଇଁ। ଏହାଶୁଣି ଭାନାମତୀ କହିଲେ ଆପଣମାନେ ଏଠାରେ ତୃପ୍ତି ହୋଇ ଯିବେ ଏହା ହେବ ମୋର ପରମ ସୌଭାଗ୍ୟ। ରତି କହିଲେ ଏତେ କଷ୍ଟ ଉଠାଇବାର ଆବଶ୍ୟକତା ନାହିଁ। ଏହାପରେ ପ୍ରଦ୍ୟୁମ୍ନ ପାଖକୁ ଯାଇ କହିଲେ ମୁଁ ତୁମର ପୁତ୍ରକୁ ଦେଖିବା ପରେ ଧନ୍ୟ ହୋଇଗଲି। ବହୁତ ସୁନ୍ଦର! ଦେଖିବା ପରେ ଲାଗୁଛି ଏହି ବାଳକ କୌଣସି ଈଶ୍ୱରୀୟ ଅଂଶ।



## ଧନ ଓ ସୌଭାଗ୍ୟର ଦେବୀ



ଶାସ୍ତ୍ରରେ ମାତା ଲକ୍ଷ୍ମୀଙ୍କୁ ଧନ ଓ ସୌଭାଗ୍ୟର ଦେବୀ ବୋଲି କୁହାଯାଏ। । ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି, ସେ ଧନବାନ ହୋଇଥାନ୍ତି। ଆଉ ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ପ୍ରସନ୍ନ ନଥାନ୍ତି, ସେମାନେ ଯେତେ ଚେଷ୍ଟା କଲେ ମଧ୍ୟ ଧନବାନ ହୋଇପାରନ୍ତି ନାହିଁ । ଯେକୌଣସି ଦେବଦେବୀଙ୍କୁ ଆପଣ ପୂଜା କରନ୍ତୁ ସେହି ପୂଜାରେ କିଛି ନିୟମ ରହିଥାଏ। ଯାହାକୁ ମାନି ପୂଜା କରିବା ଦ୍ୱାରା ଭଗବାନ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି। ଏମିତିରେ ଆମେ ସମସ୍ତ ଦେବଦେବୀଙ୍କ ସ୍ୱରୂପକୁ ମୂର୍ତ୍ତି ଆକାରରେ ଦେଖିଛେ। ସମସ୍ତଙ୍କ ଘରେ ପୂଜା ଘର ଅଛି। ଯେଉଁଠି ଆମେ ସମସ୍ତ ଦେବଦେବୀଙ୍କ ମୂର୍ତ୍ତି ସ୍ଥାପନା କରି ପୂଜା କରିଥାଉ। କିଛି ଦେବତାଙ୍କ ମୂର୍ତ୍ତିକୁ ଘରେ ରଖି ପୂଜା କରିବା ମନା କରାଯାଇଛି। ଯେପରି କି ଶନିଦେବ। ତେବେ ଅନ୍ୟ ଦେବଦେବୀଙ୍କ ମୂର୍ତ୍ତି ଘରେ ରଖି ପୂଜା କଲେ ମଧ୍ୟ ସମସ୍ତଙ୍କୁ ନେଇ କିଛି ନିୟମ ରହିଛି। ଆମେ ମନ ଇଚ୍ଛା କିଛି ବି ମୂର୍ତ୍ତି ଆଣି ଭଗବାନଙ୍କ ପୂଜା କରିବା ଆଦୌ ଉଚିତ ନୁହେଁ। କାରଣ ଶାସ୍ତ୍ରରେ ତାହାକୁ ବାରଣ କରଯାଇଛି। କିଛି ଜଣ ଅଛନ୍ତି ଯେଉଁମାନଙ୍କୁ ଏହା ସମ୍ପର୍କରେ ଜଣାନଥାଏ। ବଜାରରେ ଭଗବାନଙ୍କର ବିଭିନ୍ନ ପ୍ରକାରର ମୂର୍ତ୍ତି ଭିନ୍ନ ଭିନ୍ନ ଢଙ୍ଗରେ ତିଆରି ହୋଇ ବିକ୍ରି ହେଉଛି। ତେବେ ଭଗବାନଙ୍କର ଏମିତି କିଛି ରହିବା ସ୍ଥିତି ରହିଛି ଯାହାକୁ ନେଇ ଆମେ ପୂଜା କରିବା ଉଚିତ। ଆଜି ଜାଣିବା ମାତା ଲକ୍ଷ୍ମୀଙ୍କ କେଉଁ ମୂର୍ତ୍ତି ଘରେ ପୂଜା କରିବା ଉଚିତ।

ଲୋକମାନେ ମା' ଲକ୍ଷ୍ମୀଙ୍କର କୃପା ପାଇବା ପାଇଁ ବିଭିନ୍ନ ଉପାୟରେ ତାଙ୍କୁ ପ୍ରସନ୍ନ କରିବା ପାଇଁ ଚେଷ୍ଟା କରିଥାନ୍ତି। ଏହାପାଇଁ ଲୋକମାନେ ପୂଜା ଘରେ ମାତା ଲକ୍ଷ୍ମୀଙ୍କୁ ରଖି ପୂଜା କରିଥାନ୍ତି କିନ୍ତୁ ଦେବୀ ମୂର୍ତ୍ତି ରଖିବାର କ୍ଷତି ମଧ୍ୟ ହୋଇପାରେ ଯଦି ଆପଣ ତାହାକୁ ଠିକ୍ ଭାବରେ ନ ରଖନ୍ତି। ଆସନ୍ତୁ ଜାଣିବା ମାତା ଲକ୍ଷ୍ମୀଙ୍କ ମୂର୍ତ୍ତିକୁ ରଖିବାର ଠିକ୍ ଉପାୟ।

-ପୂଜା ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ନିଶ୍ଚିତ ଥାଏ। କିନ୍ତୁ ଅନେକ ଥର ଭୁଲବଶତଃ ଦେବୀ ଲକ୍ଷ୍ମୀଙ୍କର ଛିଡ଼ାଥିବା ଅବସ୍ଥାରେ ପ୍ରତିମା ରଖି ଦେଇଥାନ୍ତି, ଯାହାକୁ ରଖିବା ଉଚିତ ନୁହେଁ। ମାତାଙ୍କର ଏହି ରୂପରେ କରାଯାଉଥିବା ପୂଜା କୌଣସି ଫଳ ପ୍ରାପ୍ତି କରିନଥାଏ।

-ପୁରାଣ ଅନୁଯାୟୀ ଦେବୀ ଲକ୍ଷ୍ମୀ ଚଞ୍ଚଳ ଥାନ୍ତି ଏଥିପାଇଁ କେବେ ବି ତାଙ୍କର ଛିଡା ହୋଇଥିବା ଅବସ୍ଥାର ମୂର୍ତ୍ତି ରଖିବା ଉଚିତ ନୁହେଁ କାରଣ ସେ ସେହି ସ୍ଥାନରେ ଅଧିକ ସମୟ ଯାଏଁ ରହିପାରନ୍ତି ନାହିଁ। ସବୁବେଳେ ଘରେ ମାତା ଲକ୍ଷ୍ମୀଙ୍କର ବସିଥିବା ମୂର୍ତ୍ତି ରଖିବା ଉଚିତ।

-ମାତା ଲକ୍ଷ୍ମୀଙ୍କର ବାହନ ପେଚା ଏବଂ ସେ ମଧ୍ୟ ଚଞ୍ଚଳ ସ୍ୱଭାବର ହୋଇଥାଏ। ଏଥିପାଇଁ ଦେବୀ ଲକ୍ଷ୍ମୀଙ୍କ ମୂର୍ତ୍ତି କେବେବି ପେଚା ଉପରେ ବସିଥିବାର ରଖିବା ନାହିଁ।

-ଅଧିକାଂଶ ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ଭଗବାନ ଗଣେଶଙ୍କ ସହିତ ଦେଖିବାକୁ ମିଳିଥାଏ। ଏହିଭଳି ମୂର୍ତ୍ତି ରଖିବା ଭୁଲ ହୋଇଥାଏ। କାରଣ ମାତା ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କର ପତ୍ନୀ ଅଟନ୍ତି ଏଥିପାଇଁ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ବିଷ୍ଣୁଙ୍କ ମୂର୍ତ୍ତି ରଖିବା ଉଚିତ।

-ମାତା ଲକ୍ଷ୍ମୀଙ୍କୁ କେବେବି କାନ୍ଥ ସହିତ ଲାଗିକି ରଖିବା ଉଚିତ ନୁହେଁ। ବାସ୍ତୁରେ ଏହାକୁ ଦେଖଯାଇଥାଏ। ମୂର୍ତ୍ତି ଏବଂ କାନ୍ଥ ମଧ୍ୟରେ ଦୂର ରଖିବା ଉଚିତ।

-ଅନେକ ଲୋକ ନିଜ ପୂଜା ଘରେ ଦେବୀ ଲକ୍ଷ୍ମୀଙ୍କର ଏକରୁ ଅଧିକ ମୂର୍ତ୍ତି ବା ଫଟୋ ରଖିଥାନ୍ତି ଯାହାକୁ ଶାସ୍ତ୍ରରେ ବର୍ଜିତ ବୋଲି କୁହାଯାଏ।

## ଭଗବାନ ବୁଦ୍ଧଙ୍କ ଦିବ୍ୟ ଉପଦେଶବ

ବୋଧିବୃକ୍ଷ ତଳେ ଅନେକ ବର୍ଷ ପର୍ଯ୍ୟନ୍ତ ବସି ଧ୍ୟାନ କରିବା ପରେ ଗୌତମ ଅଲୌକିକ ଜ୍ଞାନ ପ୍ରାପ୍ତ କରିଥିଲେ । ସେବେଠାରୁ ସେ ମହାତ୍ମା ବୁଦ୍ଧ ନାମରେ ପରିଚିତ ହୋଇଥିଲେ । ସେ ବୁଦ୍ଧତ୍ୱ ପ୍ରାପ୍ତ କରିବା ସମୟରେ ଆକାଶରୁ ପୁଷ୍ପ ବର୍ଷା ହୋଇଥିଲା । ଦେବତାମାନେ ଭଗବାନ ବୁଦ୍ଧଙ୍କ ବନ୍ଦନା କରିଥିଲେ । ବ୍ରହ୍ମା ତାଙ୍କୁ କହିଥିଲେ ଯେ ସେ ଜନକଲ୍ୟାଣ ନିମନ୍ତେ ଉପଦେଶ ଦିଅନ୍ତୁ । ବୁଦ୍ଧ ନିଜର ପ୍ରଥମ ଉପଦେଶ ବାରାଣସୀ ନିକଟବର୍ତ୍ତୀ ସାରନାଥ ଠାରେ ଦେଇଥିଲେ । ବୁଦ୍ଧଙ୍କ ଉପଦେଶରୁ ହିଁ ଭାରତରେ ଏକ ନୂଆ ଧର୍ମର ଅଭ୍ୟୁଦୟ ହୋଇଥିଲା- ବୌଦ୍ଧ ଧର୍ମ ।



ବୁଦ୍ଧ ନିଜର ପ୍ରଥମ ଉପଦେଶ କହିଥିଲେ ଯେ ଜବୀନରେ ଅତ୍ୟଧିକ ଭୋଗ କରିବା ଉଚିତ୍ ନୁହେଁ କିମ୍ବା ଅତି ତ୍ୟାଗ କରିବା ମଧ୍ୟ ଉଚିତ୍ ନୁହେଁ । ମଧ୍ୟମ ମାର୍ଗ ଆପଣାଇ ଜୀବନ ଯାପନ କରିବା ଲାଗି ସେ ପରାମର୍ଶ ଦେଇଥିଲେ । ବୁଦ୍ଧ ଜୀବନରେ ଦୁଃଖର କାରଣ ଏବଂ ପରିଣାମ ରହସ୍ୟ ମଧ୍ୟ ଉନ୍ମୋଚନ କରିଥିଲେ । ସେ ସମଗ୍ର ମାନବଜାତିକୁ ବୁଝାଇଥିଲେ ଯେ ଆମେମାନେ ଭୋଗୁଥିବା ଅନେକ ଦୁଃଖର କାରଣ କେବଳ ଆମ ଭିତରେ ରହିଥିବା ଅଜ୍ଞାନ ଏବଂ ମିଥ୍ୟାଦୃଷ୍ଟି । କେବଳ ସତ୍ୟର ଜ୍ଞାନ ମାଧ୍ୟମରେ ଦୁଃଖର ନାଶ କରିବା ସମ୍ଭବ । ସତ୍ୟ ଅର୍ଥାତ୍ ଯଥାର୍ଥ ଜ୍ଞାନ ହିଁ ସମ୍ୟକ ଜ୍ଞାନ । ଏଣୁ ସତ୍ୟର ସନ୍ଧାନ ପାଇବାକୁ ହେଲେ ଦୁଃଖରୁ ମୁକ୍ତି ପାଇବା ପରମ ଆବଶ୍ୟକ ।

ଅଜ୍ଞାତ ସତ୍ୟର ସନ୍ଧାନ କରାଯାଇଥାଏ । ପୂର୍ବରୁ ରହିଥିବା ପରମ୍ପରାକୁ ଖଣ୍ଡନ କରି ବୁଦ୍ଧ ଏକ ନୂତନ ମାର୍ଗରେ ସତ୍ୟ ସନ୍ଧାନ କରିବା ଲାଗି ଉପଦେଶ ଦେଇଥିଲେ । ବୁଦ୍ଧ ନିଜେ କାହା ପ୍ରତି ପ୍ରତିବଦ୍ଧ ହୋଇନଥିଲେ କିମ୍ବା ନିଜ ଶିଷ୍ୟମାନଙ୍କୁ ମଧ୍ୟ କେଉଁଠି ବାନ୍ଧିନଥିଲେ । ବୁଦ୍ଧ କହୁଥିଲେ ଯେ ମୋ କଥାକୁ ମଧ୍ୟ ସହଜରେ ମାନିନେବା ଉଚିତ୍ ନୁହେଁ । ବୁଦ୍ଧଙ୍କ କଥାରେ ମଧ୍ୟ ସନ୍ଦେହ କର ଏବଂ ବିଭିନ୍ନ ଢଙ୍ଗରେ ତାହାର ପରୀକ୍ଷା କର । ଜୀବନରେ ତା'କୁ ପରୀକ୍ଷା କର, ନିଜ ଅନୁଭବକୁ ମିଶାଅ, ଯଦି ତୁମେ ଉଚିତ୍ ଜ୍ଞାନକୁ ସ୍ୱୀକାର କରିପାରିବ ତା'ହେଲେ ତୁମେ ଜୀବନରେ ଆଗକୁ ବଢ଼ିପାରିବ । ତୃଷ୍ଣା ପରିତ୍ୟାଗ କରିବା, ହିଂସା ତ୍ୟାଗ କରିବା, ଜୀବମାତ୍ରକେ ସ୍ନେହ କରିବା ଲାଗି ବୁଦ୍ଧ ପରାମର୍ଶ ଦେଇଥିଲେ । ମିଥ୍ୟା ମଧ୍ୟ ହିଂସା ବୋଲି ସେ କହୁଥିଲେ । ତେଣୁ ସତ୍ୟ ମାଧ୍ୟମରେ ତାହାର ଦମନ କରିବା ଲାଗି କହୁଥିଲେ । ନ୍ୟାୟପୂର୍ଣ୍ଣ ଢଙ୍ଗରେ ଅର୍ଜନ କରାଯାଇଥିବା ବସ୍ତୁ ଉପରେ ହିଁ ଅଧିକାର ସାବ୍ୟସ୍ତ କରିବା ଲାଗି ସେ କହୁଥିଲେ । କେବଳ ନିଜ ପରିଶ୍ରମ ଉପରେ ଭରସା କରିବା ଲାଗି ବୁଦ୍ଧ ଉପଦେଶ ଦେଇଥିଲେ । ସେହିପରି ମଦ୍ୟପାନ ନିଷିଦ୍ଧ ବୋଲି ବୁଦ୍ଧ ପରାମର୍ଶ ଦେଇଥିଲେ । ସମସ୍ତ ବାସନା ପରିତ୍ୟାଗ କରିବା ଲାଗି ବୁଦ୍ଧ ମନୁଷ୍ୟ ସମାଜକୁ ଶିକ୍ଷଣ ଦେଇଥିଲେ । କାରଣ ମୁକ୍ତି ପାଇବାରେ ଏସବୁ କେବଳ ଗୋଟିଏ ଗୋଟିଏ ବାଧା ।

# ସୁଦୃଢ଼ ହେବ ସହରାଞ୍ଚଳ ପରିମଳ ବ୍ୟବସ୍ଥା

**ଭୁବନେଶ୍ୱର,୫।୨ (ମହାଭାରତ):** ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି ଓଡ଼ିଶା ଅର୍ବାନ୍ ଏକାଡେମୀଠାରେ ଫେକାଲ୍ ସ୍ଲଜ୍ ଏବଂ ସେପଟେଜ୍ ପରିଚାଳନା (ଏଫଏସଏସଏମ୍ ) ଉପରେ ଏକ ଶିକ୍ଷଣ ଭିତିକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟର ସହରାଞ୍ଚଳ ପରିମଳ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ତ୍ରିପାକ୍ଷିକ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଟିଏସୟୁ-ଏଫଏସଏସଏମ୍ ଏବଂ 'ଦସ୍ରା' ର ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ବରିଷ୍ଠ ପଦାଧିକାରୀ, କ୍ଷେତ୍ର ବିଶେଷଜ୍ଞ ଏବଂ ପ୍ରମୁଖ ସହଯୋଗୀମାନେ ଯୋଗ ଦେଇ ଓଡ଼ିଶାର ଅଗ୍ରଣୀ ପରିମଳ ପଦକ୍ଷେପଗୁଡ଼ିକୁ ଆହୁରି ଆଗକୁ ନେବା ପାଇଁ ଆଲୋଚନା କରିଥିଲେ। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ଉପସ୍ଥିତିରେ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ୱାଟକୋ, ଆଡମିନିଷ୍ଟ୍ରେଟିଭ୍ ଷ୍ଟାଫ୍ କଲେଜ ଅଫ୍ ଇଣ୍ଡିଆ ଏବଂ ଟାଇଡ୍ ଟେକ୍ନୋକ୍ରାଟସ୍ ଲିମିଟେଡ୍ ମଧ୍ୟରେ ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ, ବାସୁଆଘାଇ ଫେକାଲ୍ ସ୍ଲଜ୍ ଟ୍ରିଟ୍‌ମେଂଟ ପ୍ଲାଂଟ ଠାରେ ଏକ ଅତ୍ୟାଧୁନିକ 'ପାଇରୋଲିସିସ୍ ୟୁନିଟ୍' ପ୍ରତିଷ୍ଠା କରାଯିବ। ପରିମଳ କ୍ଷେତ୍ରରେ ବର୍ଜ୍ୟବସ୍ତୁରୁ ସମ୍ପଦ ସୃଷ୍ଟି ଏବଂ 'ଗତିଶୀଳ ଇକୋନୋମି'ର ପ୍ରସାର ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।କର୍ମଶାଳାରେ ଅଂଶୀଦାରମାନଙ୍କ ସହ ଏକ ବିସ୍ତୃତ ପରାମର୍ଶ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ଏଫଏସଏସଏମ୍ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା, ଯାହା ରାଜ୍ୟ ସରକାରଙ୍କ 'ବିକଶିତ ଓଡ଼ିଶା' ସଂକଳ୍ପ ସହ ସମାନୁପାତିକ। ଏହି ଅବସରରେ ଶ୍ରୀମତୀ ପାଢୀ ରାଜ୍ୟ ସରକାର ଏବଂ ସହଯୋଗୀ ସଂସ୍ଥାଗୁଡ଼ିକର ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଓଡ଼ିଶାର ଏଫଏସଏସଏମ୍ କାର୍ଯ୍ୟକ୍ରମ ସହରୀ ବିକାଶ କ୍ଷେତ୍ରରେ ଏକ 'ଉଜ୍ଜ୍ୱଳ ତାରକା' ସଦୃଶ, ଯାହା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ପାଇଛି। ଏହାସହ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଦୀର୍ଘ ଦିନ ଧରି ସହଯୋଗ କରି ଆସୁଥିବା ଗେଟ୍ସ ଫାଉଣ୍ଡେସନ୍ କୁ ସେ ଧନ୍ୟବାଦ ଜଣାଇଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ତଥା ସ୍ୱଚ୍ଛ ଭାରତ ମିଶନ (ସହରାଂଚଳ)ର ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶ କହିଥିଲେ ଯେ, ଏହି କର୍ମଶାଳା ଓଡ଼ିଶାର ପରିମଳ ବ୍ୟବସ୍ଥାକୁ ଭବିଷ୍ୟତ ପାଇଁ ଅଧିକ ପ୍ରସ୍ତୁତ ଏବଂ ସ୍ଥାୟୀ କରିବାରେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ।



# ଭାରତ - ଆମେରିକା ବୁଝାମଣା ବୈଶ୍ୱିକ ଆର୍ଥିକ କୂଟନୀତିରେ ନିର୍ଣ୍ଣାୟକ କ୍ଷଣ

**ଭୁବନେଶ୍ୱର,୫।୨ (ମହାଭାରତ):** କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତ ଓ ଆମେରିକା ମଧ୍ୟରେ ସମ୍ପାଦିତ ହୋଇଥିବା ଐତିହାସିକ ବାଣିଜ୍ୟ ବୁଝାମଣାକୁ ବିଶ୍ୱ ଆର୍ଥିକ କୂଟନୀତିରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି। ଏହି ଐତିହାସିକ ସଫଳତା ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସୋସିଆଲ୍ ମିଡିଆରେ ସେୟାର କରାଯାଇଥିବା ନିଜ ବାର୍ତ୍ତାରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଏହି ବୁଝାମଣା ଦୁଇ ଦେଶ ମଧ୍ୟରେ ଦ୍ୱିପକ୍ଷୀୟ ବ୍ୟାପାର ଓ ନିବେଶକୁ ନୂଆ ସୁଦୃଢ଼ତା ପ୍ରଦାନ କରିବ। ସେ କହିଛନ୍ତି ଯେ, ଏହା ଦ୍ୱାରା ଶକ୍ତିଶାଳୀ ଓ ସପ୍ଲାୟ ଚେନ୍‌ଗୁଡ଼ିକର ନିର୍ମାଣ ହେବ, ପ୍ରଯୁକ୍ତି ସହଯୋଗକୁ ପ୍ରୋତ୍ସାହନ ମିଳିବ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।



କେନ୍ଦ୍ରୀୟ ମନ୍ତ୍ରୀ କହିଛନ୍ତି ଯେ, ଏହି ବାଣିଜ୍ୟ ବୁଝାମଣା ଭାରତୀୟ ଉଦ୍ୟମଗୁଡ଼ିକ ପାଇଁ କୌଶଳଗତ ବଜାର ପହଞ୍ଚକୁ ବିସ୍ତାର କରେ ଏବଂ ଭାରତକୁ ଉତ୍ପାଦନ ଓ ନବାଭିନବତାର ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଭାବେ ସ୍ଥାପିତ କରେ। ସେ ଏହା ମଧ୍ୟ କହିଛନ୍ତି ଯେ, ଏହି ବୁଝାମଣା ଉଦୟମାନ ବିଶ୍ୱ ବିକାଶ କାହାଣୀରେ ଭାରତକୁ ଏକ କେନ୍ଦ୍ରୀୟ ସ୍ତମ୍ଭ ଭାବେ ପ୍ରତିଷ୍ଠା କରେ। ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବାର୍ତ୍ତାରେ କହିଛନ୍ତି, "ନୂତନ ଯୁଗର ଭାରତ ଆର୍ଥିକ, କୌଶଳଗତ ଓ ସଂସ୍ଥାଗତ ସ୍ତରରେ ନେତୃତ୍ୱ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ। ଭାରତ କେବଳ ବିଶ୍ୱ ବାଣିଜ୍ୟକୁ ଦିଗନିର୍ଦ୍ଦେଶ ଦେବ ନୁହେଁ, ସାମୁହିକ ସମୃଦ୍ଧି ଓ ସ୍ଥିରତାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ।" ସେ ଏହି ଆଶା ପ୍ରକାଶ କରିଛନ୍ତି ଯେ, ଏହି ବୁଝାମଣା ଭାରତର ବିଶ୍ୱ ଆର୍ଥିକ ଭୂମିକାକୁ ଆହୁରି ସୁଦୃଢ଼ କରିବ ଏବଂ ଆସନ୍ତା ବର୍ଷଗୁଡ଼ିକରେ ଦେଶର ବିକାଶ ଯାତ୍ରାକୁ ନୂଆ ଗତି ପ୍ରଦାନ କରିବ।

# ଯାଜପୁର ଡିଏମଏଫ ଗଠନ ସଂପର୍କିତ ବିଜ୍ଞପ୍ତି ରଦ୍ଦ

**ଭୁବନେଶ୍ୱର,୫।୨ (ମହାଭାରତ):** ଯାଜପୁର ଡିଏମଏଫ (ଜିଲ୍ଲା ଖଣିଜ ପ୍ରତିଷ୍ଠାନ) ଟ୍ରଷ୍ଟ ବୋର୍ଡ ଗଠନରେ ନିୟମ ଉଲ୍ଲଂଘନ କରାଯାଇ ଖଣି ନଥିବା ଅଞ୍ଚଳର ସରପଞ୍ଚଙ୍କୁ ସାମିଲ କରାଯାଇଥିବା ସ୍ପଷ୍ଟ ହୋଇଛି। ଖଣି ନଥିବା ପିମ୍ପୁଡ଼ିଆ, ହରିପୁର ଓ ଧଳିଗଡ଼ ସରପଞ୍ଚଙ୍କୁ ଟ୍ରଷ୍ଟ ବୋର୍ଡରେ ସାମିଲ କରାଯାଇ ପ୍ରକାଶ କରାଯାଇଥିବା ବିଜ୍ଞପ୍ତିକୁ ହାଇକୋର୍ଟ ଆଂଶିକ ରଦ୍ଦ କରିଛନ୍ତି। ଏ ସଂପର୍କିତ ୨୦୨୫, ଜୁଲାଇ ୨୪ର ବିଜ୍ଞପ୍ତିରେ ଉପରୋକ୍ତ ତିନି ସରପଞ୍ଚଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯିବା ନିଷ୍ପତ୍ତିକୁ ରଦ୍ଦ କରିବାକୁ ହାଇକୋର୍ଟ ରାୟ ଦେଇଛନ୍ତି। ଏଥିସହିତ ଓଡ଼ିଶା ଜିଲ୍ଲା ଖଣିଜ ପ୍ରତିଷ୍ଠାନ ନିୟମାବଳୀ, ୨୦୧୫ର ନିୟମ ୪ (୧) (୪) ପାଳନ କରି ଡିଏମଏଫ ପୁନର୍ଗଠନ ୪ ସପ୍ତାହ ଭିତରେ କରିବାକୁ ଉନ୍ନୟନ କମିସନର ତଥା ଯୋଜନା ଓ ସଂଯୋଜନା ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଖଣି ନଥିବା ନିକଟସ୍ଥ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କୁ ଡିଏମଏଫରେ ଅନ୍ତର୍ଭୁକ୍ତ କରାଯିବା ନିୟମ ୪ର ଉଲ୍ଲଂଘନ କରୁଛି ବୋଲି ହାଇକୋର୍ଟ କହିଛନ୍ତି। ଯେଉଁ ଅଞ୍ଚଳରେ ଖଣି ଓ ଖଣିଜ କାର୍ଯ୍ୟ ହେଉ ନାହିଁ ସେହି ଅଞ୍ଚଳର ପଞ୍ଚାୟତ ପ୍ରତିନିଧିଙ୍କୁ ଡିଏମଏଫର ସଦସ୍ୟ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ। ଅନ୍ୟପକ୍ଷରେ ଯେଉଁ ଅଞ୍ଚଳରେ ଖଣି ଅଛି ଓ ଖଣିଜ କାର୍ଯ୍ୟ ପାଇଁ ସ୍ଥାନୀୟ ବାସିନ୍ଦା ପ୍ରଭାବିତ ହେଉଛନ୍ତି ସେହି ଅଞ୍ଚଳର ପଞ୍ଚାୟତର ପ୍ରତିନିଧିଙ୍କୁ ୨୦୧୫ର ନିୟମାବଳୀ ଅନୁସାରେ ଡିଏମଏଫରେ ସ୍ଥାନ ଦିଆଯିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି



ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କାଳିଆପାଣି ସରପଞ୍ଚ ବିକାଶ କୁମାର ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ଜେମା ଋଷି, ରାଂସୋଲ ସରପଞ୍ଚ କନକଲତା ଶବର, କଂସ ଓ କାଳିଆପାଣି ଅଞ୍ଚଳର ଅନ୍ୟ ଦୁଇ ସମିତି ସଭ୍ୟଙ୍କ ତରଫରୁ ଏହି ଆବେଦନ ଦାୟର କରାଯାଇଥିଲା। ରାଜ୍ୟ ସରକାର ୨୦୨୫, ଜୁଲାଇ ୨୪ରେ ଏକ ବିଜ୍ଞପ୍ତି ଜାରି କରି ଯାଜପୁର ଡିଏମଏଫ ବୋର୍ଡ ଅଫ ଟ୍ରଷ୍ଟିଜ୍ ଗଠନ କରିଥିଲେ। ଏଥିରେ ପିମ୍ପୁଡ଼ିଆ, ହରିପୁର ଓ ଧୂଳିଗଡ଼ ପଞ୍ଚାୟତର ସରପଞ୍ଚଙ୍କୁ ସଦସ୍ୟ ଭାବେ ଅନ୍ତର୍ଭୁକ୍ତ କରାଯାଇଥିଲା।

# ୬ରୁ ଧଉଳି-କଳିଙ୍ଗ ମହୋତ୍ସବ

**ଭୁବନେଶ୍ୱର,୫।୨ (ମହାଭାରତ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଓ ଓଡିଶା ଡ୍ୟାନ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆସନ୍ତା ଫେବୃୟାରୀ ୬ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଯାଉଛି ୨୧ ଧଉଳି-କଳିଙ୍ଗ ମହୋତ୍ସବ। ଧଉଳି ପାହାଡର ପାଦ ଦେଶରେ ଦେଶ ବିଦେଶରୁଆସିଥିବା ଖ୍ୟାତି ସମ୍ପନ୍ନ କଳାକାରମାନେ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଶାନ୍ତି ସ୍ତୁପକୁ ସାକ୍ଷୀ କରି ଶାନ୍ତି ଓ ମୈତ୍ରୀର ବାର୍ତ୍ତା ପ୍ରଦାନ କରିଥାନ୍ତି। ଚଳିତ ବର୍ଷ ବର୍ଷର ନାଟ୍ୟ ଜଗତର ଅନନ୍ତ ମହାପାତ୍ରଙ୍କୁ ବୁଦ୍ଧ ସମ୍ମାନ ପ୍ରଦାନ କରାଯିବ। ଏହା ସହ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ସୁବର୍ଣ୍ଣ ଜୟନ୍ତୀ ବର୍ଷ ଅବସରରେ,ପୂର୍ବତନ ଭାରତୀୟ କୂଟନୀତିଜ୍ଞ ଲଳିତ ମାନସିଂହଙ୍କୁ ଏକ ବିଶେଷ ସମ୍ମାନ "ସ୍ୱର୍ଣ୍ଣ ସ୍ମାରକୀ ସମ୍ମାନ ପ୍ରଦାନ କରାଯିବ, ଯିଏକି ଓଡିଆ କଳା-ସଂସ୍କୃତି ପ୍ରଚାର ଓ ପ୍ରସାର ଦିଗରେ ଅନନ୍ୟ ଭୂମିକା ନେଇଛନ୍ତି। ସେହିଭଳି ଓଡିଶା ଡ୍ୟାନ୍ସ ଏକାଡ଼େମୀର ପ୍ରତିଷ୍ଠାତା ଗୁରୁ ଗଙ୍ଗାଧର ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚାରି ଜଣଙ୍କୁ ସମ୍ମାନିତ କରାଯିବ।

# ସିଏସଆଇଆର-ଆଇଏମଏମଟି ପରିଦର୍ଶନ କଲେ ତେଲଙ୍ଗାନା ଗଣମାଧ୍ୟମ ପ୍ରତିନିଧି




**ଭୁବନେଶ୍ୱର,୫।୨ (ମହାଭାରତ):** ପିଆଇବି ତତ୍ତ୍ୱାବଧାନରେ ତେଲଙ୍ଗାନାରୁ ଆସିଥିବା ଗଣମାଧ୍ୟମ ପ୍ରତିନିଧି ଦଳ ମଙ୍ଗଳବାର ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ଭୁବନେଶ୍ୱରସ୍ଥିତ ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଅନୁସନ୍ଧାନ ପରିଷଦ (ସିଏସଆଇଆର)- ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମଏମଟି) ପରିଦର୍ଶନ କରିଛନ୍ତି। ଏହି ଗଣମାଧ୍ୟମ ପ୍ରତିନିଧି ଦଳ ବୈଜ୍ଞାନିକମାନଙ୍କ ସହ ମତ ବିନିମୟ କରିବା ସହିତ ସିଏସଆଇଆର-ଆଇଏମଏମଟିରେ ଚାଲିଥିବା ବିଭିନ୍ନ ଗବେଷଣା କାର୍ଯ୍ୟ ସମ୍ପର୍କରେ ଅବଗତ ହୋଇଛନ୍ତି। ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ (ପିଆଇବି), ଭୁବନେଶ୍ୱରର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି, ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦଙ୍କ ସହିତ ତେଲଙ୍ଗାନା ଗଣମାଧ୍ୟମ ପ୍ରତିନିଧି ଦଳ ସିଏସଆଇଆର-ଆଇଏମଏମଟି ପରିସର ବୁଲି ଦେଖିଥିଲେ। ପ୍ରତିଷ୍ଠାନର ବୈଜ୍ଞାନିକମାନେ ଏହି ପ୍ରତିନିଧି ଦଳକୁ ବିଭିନ୍ନ ବିଷୟରେ ସୂଚନା ଦେଇଥିଲେ। ବିଶେଷ କରି ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ହୋଇଥିବା ଗବେଷଣା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା। ବୈଜ୍ଞାନିକମାନଙ୍କ ସୂଚନା ମୁତାବକ, ଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରତିଷ୍ଠାନ ପକ୍ଷରୁ ୯୨୫ରୁ ଅଧିକ ଗବେଷଣା ନିବନ୍ଧ ପ୍ରକାଶ ପାଇଛି। ଏହି ପ୍ରତିଷ୍ଠାନ ବିଭିନ୍ନ କ୍ଷେତ୍ରରେ ୭ଟି ବୁଝାମଣାପତ୍ର ଏବଂ ୧୨ଟି ପେଟେଂଟ ହାସଲ କରିଛି। ସିଏସଆଇଆର-ଆଇଏମଏମଟି ଖଣିଜ ପ୍ରକ୍ରିୟାକରଣ କ୍ଷେତ୍ରରେ ଖଣିଜ ବର୍ଗୀକରଣ, ପାଇଲଟ୍ ପ୍ଲାଂଟ ଟେଷ୍ଟିଂ, ବାଣିଜ୍ୟିକ ପ୍ଲାଂଟ ପାଇଁ ମୌଳିକ ଇଞ୍ଜିନିୟରିଂ ପ୍ରସ୍ତୁତି, ବୈଷୟିକ ସହାୟତା, ପ୍ଲାଂଟ ଆରମ୍ଭ ସମୟରେ ସହାୟତା, ମାନବ ସମ୍ବଳ ବିକାଶ ଆଦି ସେବା ଯୋଗାଇ ଦେଇଥାଏ। ଏହା ମଧ୍ୟ ପ୍ଲାଟିନମ, ଲିଥିୟମ, ଟେଲିରିୟମ, କପର, ଗ୍ରାଫାଇଟ୍, ନିକେଲ ଭଳି ପ୍ରାୟ ୨୦ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ଉତୋଳନ ଏବଂ ପ୍ରକ୍ରିୟାକରଣ କ୍ଷେତ୍ରରେ ଗବେଷଣା ସହିତ ବିଭିନ୍ନ ଘରୋଇ ଓ ସରକାରୀ ପ୍ରତିଷ୍ଠାନକୁ ସେବା ଯୋଗାଇ ଦେଉଛି। ନିକଟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ଗବେଷଣା ଲାଗି ଅଷ୍ଟ୍ରେଲିଆ ସହ ସିଏସଆଇଆର-ଆଇଏମଏମଟି ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ପ୍ରତିଷ୍ଠାନ ଭାରତକୁ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ସହ ଦେଶର ରାଜସ୍ୱ ବୃଦ୍ଧିରେ ମଧ୍ୟ ସହାୟକ ହେଉଛି। ଏସବୁ ବିଷୟରେ ଅବଗତ ହୋଇ ତେଲଙ୍ଗାନା ଗଣମାଧ୍ୟମ ପ୍ରତିନିଧି ଦଳ ବିଶେଷ ଭାବେ ପ୍ରଭାବିତ ହୋଇଥିଲେ।

# ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳା

**ଭୁବନେଶ୍ୱର,୫।୨ (ମହାଭାରତ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି। ଶିରିପୁରସ୍ଥିତି ଇମେଜ୍ ଠାରେ ପ୍ରାୟ ୨୪୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଉଦଘାଟନୀ ଅଧିବେଶନରେ ବ୍ରହ୍ମପୁର ଉଚ୍ଚ ମାଧ୍ୟମିକ ଶିକ୍ଷା ଆଂଚଳିକ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ସେଠୀ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ବିନିତା ସେନାପତି, ରାଜ୍ୟ ଶିକ୍ଷା ବିଶେଷଜ୍ଞ, ୟୁନିସେଫ୍ ଶ୍ରୀମତୀ ଲଳିତା ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସ୍ନିଗ୍ଧା ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ଉପନିର୍ଦ୍ଦେଶକ ଶ୍ରୀମତୀ ସି.ଏଚ୍. ବିଜୟଲକ୍ଷ୍ମୀ, ଉପନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଆଂଚଳିକ ନିର୍ଦ୍ଦେଶକ ଶ୍ରୀ ସେଠୀ ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସମାଜ ଓ ଦେଶ ପାଇଁ ଉତମ ନାଗରିକର ଗଠନର ଭାର ଶିକ୍ଷକଙ୍କ ଉପରେ ନ୍ୟସ୍ତ ଥାଏ ତେବେ ଛାତ୍ରଛାତ୍ରୀଙ୍କୁ ଉଚିତ୍ ଦିଗଦର୍ଶନ ଦେବା ଶିକ୍ଷକମାନଙ୍କ କର୍ତବ୍ୟ ବୋଲି ସେ ମତ ପ୍ରକାଶ କରିଛନ୍ତି । ଏଥିସହ ଛାତ୍ର ଓ ଶିକ୍ଷକ ମଧ୍ୟରେ ରହୁଥିବା ବ୍ୟବଧାନକୁ ଚିହ୍ନଟ କରି ଏହାର ସମାଧାନ କରିବାକୁ ଶ୍ରୀ ସେଠୀ ପରାମର୍ଶ ଦେଇଛନ୍ତି । ସେହିପରି ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସେନାପତି ଉଦବୋଧନ ଦେଇ ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସର୍ବଦା ଜ୍ଞାନ ଆହରଣ ପ୍ରକ୍ରିୟା ଜାରି ରଖିବାକୁ ଉପଦେଶ ଦେଇଛନ୍ତି। ଶିକ୍ଷା ଦେବା ନିମନ୍ତେ ନିଜେ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଛନ୍ତି। ସେହିପରି ରାଜ୍ୟ ଶିକ୍ଷା ବିଶେଷଜ୍ଞ ଶ୍ରୀମତୀ ପଟ୍ଟନାୟକ କହିଛନ୍ତି, ଦିଗଦର୍ଶନ କର୍ମଶାଳା ମାଧ୍ୟମରେ ଶିକ୍ଷକମାନେ ଯାହା ଶିଖିକି ଯାଇଥାନ୍ତି, ତାହା ଛାତ୍ରଛାତ୍ରୀମାନଙ୍କୁ ଦକ୍ଷ କରିବାରେ ସହାୟକ ହୋଇଥାଏ। ଏଥିସହ ଛାତ୍ରଛାତ୍ରୀଙ୍କ କିଶୋର ଅବସ୍ଥା ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଛନ୍ତି। କିଶୋର ଅବସ୍ଥା ହେଉଛି ଛାତ୍ରଛାତ୍ରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ବିକାଶ।

# କମିଶନରେଟ୍ ପୋଲିସ ପକ୍ଷରୁ ରକ୍ତଦାନ ଶିବିର

**ଭୁବନେଶ୍ୱର,୫।୨ (ମହାଭାରତ):** କମିଶନରେଟ୍ ପୋଲିସ ପକ୍ଷରୁ ଆଜି ହରିରାଜପୁର (ନିଜିଗଡ଼) ସ୍ଥିତ ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ସଚେତନତା କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଛାତ୍ରଛାତ୍ରୀମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ଫଳରେ ମୋଟ ୧୭୭ ୟୁନିଟ୍ ମୂଲ୍ୟବାନ ରକ୍ତ ସଂଗୃହୀତ ହୋଇଛି। ରେଡକ୍ରସ ଆଞ୍ଚଳିକ ଶାଖା, କମିଶନରେଟ୍ ପୋଲିସ ଏବଂ ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ଏନ୍ ?ଏସ୍ ?ଏସ୍ ଶାଖାର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପୋଲିସ୍ କମିଶନର ଡ. ସୁରେଶ ଦେବଦତ୍ତ ସିଂହ, ଏବଂ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଫାଦର୍ ଏସ୍ ଆଣ୍ଟୋନି ରାଜ୍ ଉଦ୍‌ଘାଟନ କରିଥିଲେ। କ୍ୟାପିଟାଲ୍ ହସ୍ପିଟାଲ୍, ବିଏମସି ହସ୍ପିଟାଲ୍ ଏବଂ କେନ୍ଦ୍ରୀୟ ରେଡ଼କ୍ରସ ରକ୍ତଭଣ୍ଡାରର କର୍ମକର୍ତ୍ତାମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀମାନଙ୍କୁ ପୋଲିସ କମିଶନର ଓ ଅନ୍ୟାନ୍ୟ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ମିନି ଅଡିଟୋରିୟମ୍ ଠାରେ 'ସାଇବର ସୁରକ୍ଷା' ଏବଂ 'ଜୀବନ ଜିନ୍ଦାବାଦ୍' ବିଷୟବସ୍ତୁ ଉପରେ ଏକ ବିଶେଷ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।




ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ପୋଲିସ୍ କମିଶନର ନରସିଂହ ଭୋଳ, ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ଉତ୍କର୍ଷତା ହାସଲ କରିବା ସହ ଏକ ଦାୟିତ୍ୱବାନ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କମିଶନରେଟ୍ ପୋଲିସର ଅତିରିକ୍ତ ଡିସିପି ମାନସ ରଞ୍ଜନ ଗଡ଼ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଶା ନିବାରଣ ସଚେତନତା ଭିତ୍ତିକ ଭିଡିଓ ଚିତ୍ର 'ନିଶାକୁ ନାଁ' ପ୍ରଦର୍ଶିତ ହୋଇଥିଲା।

# ହନୁମାନକାଇଣ୍ଡ ଏବଂ ବିଶାଲ ଦାଦଲାନିଙ୍କ ଜବରଦସ୍ତ ଧମାକା

**ଭୁବନେଶ୍ୱର,୫।୨ (ମହାଭାରତ):** ଥମସ ଅପ ଭାରତର ଆଇକନିକ୍ ବିଲିୟନ-ଡ଼ଲାର ବ୍ରାଣ୍ଡ, ହନୁମାନକାଇଣ୍ଡ ଏବଂ ବିଶାଲ ଦାଦଲାନିଙ୍କ ମିଶି ଏକ ଶକ୍ତିଭରା "ଟେଷ୍ଟ ଦ ଥଣ୍ଡର" ଆନଥେମର ଉନ୍ମୋଚନ କରିଛି। ବ୍ରାଣ୍ଡର ସିଗ୍‌ନେଚ୍‌ର ତୁଫାନୀ ମନୋଭାବକୁ ଦର୍ଶାଉଥିବା ଏହି ଗୀତର ମୂଳ ଶବ୍ଦ ହେଉଛି "ଆଜ୍‌କୁଛ୍ ତୁଫାନୀ କର୍ତେ ହେଁ" - ଯାହା ପ୍ରତିଟି ବିଟ୍‌ରେ ଅଦମ୍ୟ ଶକ୍ତି ଏବଂ ଯୁବପିଢ଼ିର ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି। ହନୁମାନକାଇଣ୍ଡ ଏବଂ ବିଶାଲ ଦାଦଲାନିଙ୍କ ସହ ଥମସ ଅପର ଏହି ସହଭାଗୀତା ଯୁବପିଢ଼ିଙ୍କ ସହ ସମ୍ପର୍କକୁ ଅଧିକ ଦୃଢ଼ କରିବା ସହିତ ଏକ ସାହସୀ ସାଂସ୍କୃତିକ ଅଭିନବକାରୀ ଭାବରେ ନିଜର ସ୍ଥିତିକୁ ସ୍ପଷ୍ଟ କରିଛି। ଥମସ ଅପର ଏହି ଦମଦାର ସ୍ୱାଦ ଏବଂ ତୁଫାନୀ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରୁଥିବା ଏହି ଦୁଇ କଳାକାର ଯଥାର୍ଥରେ ତୀବ୍ରତା, ସହଜ ପ୍ରବୃତି ଏବଂ ସ୍ୱତନ୍ତ୍ରତାର ପ୍ରତୀକ। ହନୁମାନକାଇଣ୍ଡ ଭାରତର ନୂତନ ପିଢ଼ିର ହିପ୍-ହପ୍ ଆନ୍ଦୋଳନର ଏକ ନିଆରା ଶୈଳୀ ଆଣିଥିବା ବେଳେ, ବିଶାଲ ଦଶନ୍ଧି ଦଶନ୍ଧି ଧରି ସଙ୍ଗୀତର ମୁଖ୍ୟଧାରା ଏବଂ ବିଶେଷ ଭାବରେ ରକ୍ ସଙ୍ଗୀତ ମାଧ୍ୟମରେ ସବୁ ପିଢ଼ିର ଶ୍ରୋତାଙ୍କୁ ବାନ୍ଧି ରଖିଛନ୍ତି। ଡ଼ବ୍ଲୁପିପିଓ ଗିଲଭି ଦ୍ୱାରା ପରିକଳ୍ପିତ ଏବଂ ୟୁନିଭର୍ସାଲ ମ୍ୟୁଜିକ୍ ଗ୍ରୁପ ସହଯୋଗରେ ପ୍ରସ୍ତୁତ ଏହି ଟେଷ୍ଟ ଦି ଥଣ୍ଡର ଆନଥେମ ଆଜି କିଛି ସ୍ମରଣୀୟ କରିବା ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ କରୁଛି। ମୁମ୍ବାଇରେ ଆୟୋଜିତ ଏକ ସ୍ୱତନ୍ତ୍ର ପ୍ରେସ ଏବଂ କ୍ରିଏଟର ଶୋ'କେସରେଏହି ଆନଥେମର ଶୁଭାରମ୍ଭ କରାଯାଇଥିଲା, ଯେଉଁଥିରେ ହନୁମାନକାଇଣ୍ଡ, ବିଶାଲ ଦାଦଲାନୀ, ବିଜୟ ସେଙ୍ଗୀ, ସୁଶିନ ଶ୍ୟାମ ଏବଂ ବରୁଣ ଗ୍ରୋଭର ଉପସ୍ଥିତ ଥିଲେ।

# ବିଜେଡି ଓଡ଼ିଶା ରାଜନୀତିର ଅସ୍ତଗାମୀ ରାଜନୈତିକ ଦଳ

**ଭୁବନେଶ୍ୱର,୫।୨ (ମହାଭାରତ):** ବିଜୁ ଜନତା ଦଳ ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ ହେବା ପରେ ଉକ୍ତ ଦଳର ନେତାମାନେ ମାନସିକ ଅବସାଦରେ ଅଛନ୍ତି। ସେ ଦୃଷ୍ଟିରୁ ସେମାନେ କ'ଣ ବୟାନବାଜି କରୁଛନ୍ତି ଜାଣି ପାରୁନାହାନ୍ତି। ବିଜେଡି ଓଡ଼ିଶା ରାଜନୀତିର ଅସ୍ତଗାମୀ ରାଜନୈତିକ ଦଳ ହେବାକୁ ଯାଉଛି, ଏହାର ପ୍ରତିଫଳନ ତାର ବିଭିନ୍ନ ବୟାନବାଜିରୁ ଦେଖିବାକୁ ମିଳିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି । ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ନିର୍ବାଚନର ଦୀର୍ଘଦିନ ପରେ ବିଜେଡି ଏବେ ଇଭିଏମ୍ ଓ ୧୭ସି ଫର୍ମ ପ୍ରସଙ୍ଗ ଉଠାଇଛି । ଯେବେଠାରୁ ଇଭିଏମ୍ ଦେଶରେ ଲାଗୁହୋଇଛି, ତା'ପରଠାରୁ ହୋଇଥିବା ୫ ନିର୍ବାଚନରୁ ୪ଟିରେ ବିଜେଡି ବିଜୟୀ ହୋଇଛି । ଜିତିବାବେଳେ ସେମାନେ ଇଭିଏମ୍ ଉପରେ କୌଣସି ପ୍ରଶ୍ନ କରୁ ନ ଥିବାବେଳେ ଏବେ ହାରିବା ପରେ ଭୁଲ ବୋଲି କହି ମିଛରେ କାହିଁକି ପ୍ରଳାପ କରୁଛି ତାର ଉତର ବିଜେଡି ଦେଉ । ନିର୍ବାଚନରେ ଭୋଟ୍ ?ଦାନ ବେଳେ ଯେଉଁମାନେ ବୁଥ୍ ରେ ଏଜେଂଟ ଥାନ୍ତି




ସେମାନେ ଉକ୍ତ ବୁଥ୍ ?ରେ ଥିବା ପ୍ରିଜାଇଡିଂ ଅଧିକାରୀଙ୍କଠାରୁ ୧୭ସି ଫର୍ମ ଆଣିଥାନ୍ତି । ଗତ ସାଧାରଣ ନିର୍ବାଚନରେ ପାଖାପାଖି ୩୭,୮୦୦ ବୁଥ୍ ଥିଲା । ସେସମୟରେ ଏସମସ୍ତ ବୁଥ୍ ରେ ବିଜେଡିର ୩୭,୮୦୦ ଏଜେଂଟ ରହିବା କଥା । ଆଉ ଯଦି ଲୋକସଭା, ବିଧାନସଭାକୁ ମିଶାଇ ଦିଆଯାଏ ତାହେଲେ ପ୍ରାୟ ୭୫,୦୦୦ ଏଜେଂଟ ବିଭିନ୍ନ ବୁଥ୍ ?ରେ ରହିବା କଥା । ମାତ୍ର କୌଣସି ବୁଥ୍ ?ରେ ଜଣେ କେହି ଏଜେଂଟ ୧୭ସି ଫର୍ମ କାହିଁକି ମିଳିଲା ନାହିଁ ବୋଲି ପ୍ରଶ୍ନ ଉଠାଇଲେ ନାହିଁ ।

ନିର୍ବାଚନ ଶେଷ ହେବାର ଅନେକ ଦିନ ପରେ ଏବଂ ହାରିଯିବା ପରେ ଏବେ ଏହି ପ୍ରଶ୍ନ ଉଠାଇବା କେତେଦୂର ଠିକ୍ ତାହା ଓଡ଼ିଶାବାସୀ ବିଚାର କରିବେ । ଯଦି ସେମାନଙ୍କ ପାଖରେ ତଥ୍ୟ ରହିଛି, ଭାରତ ବର୍ଷର ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଏବିଷୟକୁ ସେମାନେ ଉଚ୍ଚ ନ୍ୟାୟାଳୟ କିମ୍ବା ଉଚ୍ଚତମ ନ୍ୟାୟାଳୟକୁ ନେଇପାରିବେ । ମାତ୍ର ବିଜେଡି ସେପରି ନ କରି ଗଣମାଧ୍ୟମରେ ଶସ୍ତା ମନ୍ତବ୍ୟ ଦେଉଛି । ଉଚ୍ଚତମ ନ୍ୟାୟାଳୟ ପୂର୍ବରୁ କହିସାରିଛନ୍ତି ଯେ, ଇଭିଏମ୍ ଟାମ୍ପରିଂ ହେବାର କୌଣସି ପ୍ରମାଣ ତାଙ୍କୁ ହସ୍ତଗତ ହୋଇନାହିଁ । ଏପରିକି ଇଭିଏମ୍ ଟାମ୍ପରିଂ ହୋଇପାରିବ ନାହିଁ ବୋଲି କହିଛନ୍ତି ।

# ଯାଜପୁର ପାଲଟପୁର ପଞ୍ଚାୟତରେ ମହାମାରୀ ଅବସ୍ଥା : କଂଗ୍ରେସ

**ଭୁବନେଶ୍ୱର,୫।୨ (ମହାଭାରତ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ ପାଲଟପୁର ପଞ୍ଚାୟତକୁ ଗସ୍ତକରି ପିସିସି ସଭାପତି ଭକ୍ତ ଚରଣ ଦାସ ସେଠାରେ ଦେଖାଦେଇଥିବା ବିଶୁଦ୍ଧ ପାନୀୟଜଳ ସଂକଟ ବିଷୟରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଏସମ୍ପର୍କରେ ମଙ୍ଗଳବାର କଂଗ୍ରେସ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ରେ ପିସିସି ସଭାପତି କହିଛନ୍ତି ଯେ ସେଠାରେ ପ୍ରଦୁଷିତ ପାଣି ବ୍ୟବହାର କରି ୧୨୦ ଜଣ କ୍ୟାନସର ଏବଂ ଯକ୍ଷ୍ମା ରୋଗରେ ମୃତ୍ୟୁବରଣ କଲେଣି। ସେଠାକାର ଜନତା ୨୦୧୮ ମସିହାରୁ ୨୦୨୬ ପର୍ଯ୍ୟନ୍ତ ପାଣି ମୁନ୍ଦିଏ ପାଇଁ ଆନ୍ଦୋଳନ କରି ଆସୁଛନ୍ତି। ପାଲଟପୁରର ମୋଟ ଜନସଂଖ୍ୟା ୬୮୪୧ ଏବଂ ୫ଟି ରାଜସ୍ୱଗ୍ରାମ ପାଲଟପୁର, ମୁରାରୀପୁର, ନିଳକଣ୍ଠପୁର, ବିନ୍ଧାଣୀପୁର, ସାଠିବାଲି।



ବର୍ତ୍ତମାନ ୨୦ ଜଣ ଆକ୍ରାନ୍ତ ଚିକିତ୍ସାଧିନ ଅଛନ୍ତି। ପରୀକ୍ଷା ପାଇଁ ୮୨୭ ଟି ନଳକୂପରୁ ସାମ୍ପୁଲ ନିଆଯାଇଥିଲା। ସେଥିରୁ ୪୨ଟି ନଳକୂପର ନମୂନା ମିଳିନଥିବା ବେଳେ ୧୬୦ଟି ରିପୋର୍ଟ ଆସିଲା ଏବଂ ସେଥିରୁ ୯୦ ଟି ନଳକୂପର ନମୂନା ପରୀକ୍ଷଣରୁ ଆର୍ସେନିକ, ଲିଡ, ମାଗ୍ନେସିୟମ, ଆଇରନ ଭଳିଆ ରସାୟନିକ ପଦାର୍ଥ ମିଳିଥିଲା।

ଏନେଇ ବିଗତ ସରକାର ମଧ୍ୟ କିଛି ପଦକ୍ଷେପ ନେଇନଥିଲା ଏବଂ ବର୍ତ୍ତମାନର ସରକାର ସଂପୂର୍ଣ୍ଣ ଚକ୍ଷୁ ମୁଦି ଦେଇଛି। ଆମେ ଦାବି କରୁଛୁ ପଞ୍ଚାୟତର ଜନତାଙ୍କର ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉ। ଉପକୂଳବର୍ତୀ ଅଂଚଳମାନଙ୍କରେ ଥିବା ସମସ୍ତ ନଳକୂପର ପରୀକ୍ଷା କରାଯାଉ ଏବଂ ବିଧିବଦ୍ଧ ଭାବରେ ପ୍ରତିଶେଧାତ୍ମକ କାର୍ଯ୍ୟଗ୍ରହଣ କରାଯାଉ।

ଏହି ସାମ୍ବାଦିକ ସମ୍ମିଳନୀରେ ପାଲଟପୁର ପଞ୍ଚାୟତର ସରପଞ୍ଚ ଲିପିକା ମଲ୍ଲିକ ଅଞ୍ଚଳର ସମସ୍ତ ତଥ୍ୟ ପ୍ରଦାନ କରିବା ସହ ବାରମ୍ବାର ଅନୁରୋଧ ଏବଂ ଦାବି ସତ୍ୱେ ପ୍ରଶାସନ ଏବଂ ସରକାର କିପରି ଅବହେଳା କରୁଛି ପ୍ରକାଶ କରିଥିଲେ। କଂଗ୍ରେସ ନେତା ଚନ୍ଦ୍ରଶେଖର ସାହୁ ଘଟଣାର ସଂପୂର୍ଣ୍ଣ ବର୍ଣ୍ଣନା କରିଥିଲେ। ଯାଜପୁର ଜିଲ୍ଲା ସଭାପତି ମାଗୁଣି ଜେନା ଓ କଂଗ୍ରେସ ନେତା ଭରତ ବାବୁ ଉପସ୍ଥିତ ଥିଲେ।

# କେନ୍ଦ୍ର ସରକାର ନିଷ୍ପତ୍ତି

ସୁପ୍ରିମକୋର୍ଟ ଏହା ଉପରେ ରହିତାଦେଶ ଜାରି କରି ଦେଶ ଏବଂ ସମାଜକୁ ରକ୍ଷା କରିଦେଲେ। ନଚେତ ବହୁତ ବଡ଼ ବିଶୃଙ୍ଖଳା ଏବଂ ଆନ୍ଦୋଳନ ମୁଣ୍ଡ ଟେକିବା ଆଶଙ୍କା ଥିଲା। ଏ ସମ୍ପର୍କରେ କେନ୍ଦ୍ର ସରକାର ନିଷ୍ପତ୍ତି ନେବା ପୂର୍ବରୁ ସବୁ ପକ୍ଷ ସହ ଆଲୋଚନା କରି ସହମତି ଭିତ୍ତିରେ ନିଷ୍ପତ୍ତି କରିବାର ଥିଲା। ଏନଡିଏର ସବୁ ଅଂଶୀଦାର ଦଳ ସହ ଏହି ପ୍ରସଙ୍ଗରେ ଆଲୋଚନା କରିବା ଉଚିତ ଥିଲା। ସଂସଦରେ ମଧ୍ୟ ଏହା ଉପରେ ଆଲୋଚନା ହେବା ଉଚିତ। ଏଥିପାଇଁ ତ ସଂସଦ ରହିଛି। ଗଣତାନ୍ତ୍ରିକ ପରମ୍ପରାରେ ସଂସଦରେ ଆଲୋଚନା ପରେ ହିଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବା ଉଚିତ। ଏ କ୍ଷେତ୍ରରେ ମୋଦି ସରକାର ଭୁଲ କରିବସିଲେ। ଏଥିପାଇଁ ସୁପ୍ରିମକୋର୍ଟ ସମାଲୋଚନା କରିଛନ୍ତି। ୟୁଜିସି ନିୟମରେ ରୋକ ଲଗାଇବା ବେଳେ ସୁପ୍ରିମକୋର୍ଟ କହିଛନ୍ତି ଯେ, ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ଦେଶରୁ ଜାତିପ୍ରଥା ବିଲୋପ ପରିବର୍ତ୍ତେ ବିଦ୍ୱେଷ ବଢ଼ିଚାଲିଛି। ଏହା ଦୁର୍ଭାଗ୍ୟଜନକ। ଜାରତିଭିତ୍ତିକ ସଂରକ୍ଷଣବାଦ ହେଉଛି ଏହାର ମୁଖ୍ୟ କାରଣ । ଏହାକୁ ଧିରେ ଧିରେ ହ୍ରାସ କରିବା ପରିବର୍ତ୍ତେ ପ୍ରତି କ୍ଷେତ୍ରରେ ଏହାକୁ ସମ୍ପ୍ରସାରିତ କରିବା ଏବଂ ଅସଂରକ୍ଷିତ ବର୍ଗଙ୍କୁ ଉପେକ୍ଷା କରିବା ସମାଜ ପ୍ରତି ବିପଦ। ଏହା ଦ୍ୱାରା ଜାତିଗତ ବିଦ୍ୱେଷ ଏବଂ ବିବାଦ ବଢ଼ିବ। ସମାଜ ବିଷାକ୍ତ ହୋଇଯିବ। ଏହା ଦେଶ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ନୂଆ ୟୁଜିସି ନିୟମ ସମ୍ବିଧାନ ବିରୋଧୀ ଏବଂ ୟୁଜିସି ଆକ୍ଟ ୧୯୫୬ର ବିରୁଦ୍ଧାଚରଣ କରୁଛି ବୋଲି ସୁପ୍ରିମ କୋର୍ଟ କହିଛନ୍ତି। ଏହାର ପୁନଃସମୀକ୍ଷା କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ସହିତ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ସ୍ମରଣ କରାଯାଇପାରେ ହଯେ ୧୯୯୦ରେ ତତ୍କାଳୀନ ଭି ପି ସିଂହ ସରକାର ମଣ୍ଡଳ କମିଶନଙ୍କ ସୁପାରିସ ଆଧାରରେ ଅନ୍ୟ ପଛୁଆ ବର୍ଗ ବା ଓବିସିଙ୍କ ଲାଗି ଶିକ୍ଷା ଏବଂ ଚାକିରୀ କ୍ଷେତ୍ରରେ ୨୭ ପ୍ରତିଶତ ସହଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପରେ ଏହା ବିରୋଧରେ ପ୍ରବଳ ଜନ ଆନ୍ଦୋଳନ ହୋଇଥିଲା ଏବଂ ଅନେକ ବ୍ୟକ୍ତିଙ୍କ ଜୀବନ ଯାଇଥିଲା। ଶେଷରେ ଭି ପି ସିଂହ ସରକାରର ପତନ ହୋଇଥିଲା। ସେହିଦିନଠାରୁ ଭାରତରେ ଜାତିଗତ ବିଭେଦ ଏବଂ ବିବାଦ ଅତି ଉତ୍କଟ ହୋଇଛି। ଏହା ଆମ ସମାଜକୁ ବିଭାଜିତ ଏବଂ ବିଷମୟ କରିଛି। ଏହାକୁ ପୁଣି ଅଧିକ ବ୍ୟାପକ କରିବା ପ୍ରୟାସ ନିନ୍ଦନୀୟ। କିଛି ବ୍ୟକ୍ତି ଘରୋଇ କ୍ଷେତ୍ରରେ ନିଯୁକ୍ତିରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ଦାବି କରୁଛନ୍ତି। ଏବେ ଘରୋଇ କ୍ଷେତ୍ରରେ ଅଧିକ ନିଯୁକ୍ତି ମିଳୁଛି। ଘରୋଇ କମ୍ପାନୀ ଗୁଡ଼ିକ ପ୍ରତିଭା ଏବଂ ଯୋଗ୍ୟତା ଆଧାରରେ ବିଭିନ୍ନ ପଦପଦବୀରେ ନିଯୁକ୍ତି ପ୍ରଦାନ କରୁଛନ୍ତି। ଦକ୍ଷତା ଏବଂ ପ୍ରତିଭା ହେଉଛି ନିଯୁକ୍ତିର ଏକମାତ୍ର ମାପକାଠି। ଏହା ଫଳରେ ସରକାରୀ ସଂସ୍ଥା ପରିବର୍ତ୍ତେ ଘରୋଇ ସଂସ୍ଥା ଲାଭ କରୁଛନ୍ତି। ଏକଥା ସ୍ୱୀକାର କରାଯାଇପାରିବ ଯେ, ସଂରକ୍ଷିତ ବର୍ଗରେ ଅନେକ ପ୍ରତିଭାସମ୍ପନ୍ନ ଯୁବକ ଯୁବତୀ ରହିଛନ୍ତି ଯେଉଁମାନେ ନିଜ ଯୋଗ୍ୟତା ବଳରେ ସଫଳତା ହାସଲ କରିପାରିବେ। ସେମାନଙ୍କୁ ଶିକ୍ଷା ଏବଂ ନିଯୁକ୍ତି ପାଇଁ ସଂରକ୍ଷଣ ସିଡ଼ି ଚଢ଼ିବାର ଆବଶ୍ୟକତାର ନାହିଁ। କିନ୍ତୁ ସଂରକ୍ଷଣବାଦ ଯୋଗୁ ଅନେକଙ୍କ ଧାରଣା ସଂରକ୍ଷିତ ବର୍ଗର ଅନେକ ଅଯୋଗ୍ୟ ନିଯୁକ୍ତି ସୁବିଧା ପାଉଛନ୍ତି। ଏହା ଭୁଲ ଧାରଣା। ସଂରକ୍ଷର ବ୍ୟବସ୍ଥା ହଟିଗଲେ ସମସ୍ତେ ଜାଣିପାରନ୍ତେ ଆମର ଏସଟି/ଏସସିଏବଂ ଓବିସି ବର୍ଗରେ କେତେ ଯୋଗ୍ୟ ଛାତ୍ରଛାତ୍ରୀ ଅଛନ୍ତି। ଆନେକ ଝିଅ ସର୍ବଭାରତୀୟ ସ୍ତରରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରୁଛନ୍ତି। ତେଣୁ ମହିଳାଙ୍କ ପାଇଁ କାହିଁକି ସଂରକ୍ଷଣ ବ୍ୟବସ୍ଥା କରାଯାଇଛି ? ଏହା ସେମାନଙ୍କ ମନରେ ହୀନମନ୍ୟତା ସୃଷ୍ଟି କରୁଛି ଏବଂ ସେମାନେ ସଂରକ୍ଷଣ ବ୍ୟବସ୍ଥା ଉପରେ ନିର୍ଭରଶୀଳ ହୋଇ ପଡୁଛନ୍ତି।

“

*;ମୋହ - ମୋହଗ୍ରସ୍ତ ଲୋକକୁ ଏକ ପାଗଳ କୁହାଯାଇପାରେ। କାରଣ ତା'ମୋହ ତାକୁ ସର୍ବଦା ଭୁଲ ବାଟକୁ ନେଇଯାଇଥାଏ। କ'ଣ ଠିକ୍, କ'ଣ ଭୁଲ, କେଉଁଟି କରଣୀୟ, କ'ଣ ଅକରଣୀୟ, କ'ଣ ଶ୍ରେୟ, କ'ଣ ପ୍ରେୟ ତାହା ସେ ଜାଣିପାରେନାହିଁ। ବିଚାରଣା ଶକ୍ତି ହରାଇ ବସେ। ପତ୍ନୀମୋହ, ଭୂମିମୋହ, ଧନ ମୋହ ପ୍ରଭୃତିରେ ପଡ଼ି ନକଲା କାମ କରି ସୁନାମ, ସୁଖ୍ୟାତି, ପ୍ରତିଷ୍ଠା ପ୍ରଭୃତିରେ ନିଜେ ନିଜ ହାତରେ ଅଗ୍ନି ସଂଯୋଗ କରିଦିଅନ୍ତି। ଶେଷରେ ମୋହଗ୍ରସ୍ତ ଲୋକର ବୁଦ୍ଧି ନାଶ ହୋଇଯାଏ। ବୁଦ୍ଧି ନାଶ ହୋଇଯିବା ଏକ ପ୍ରକାର ମୃତ୍ୟୁ ସହ ସମାନ।*

# ଷଡ଼ରିପୁ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

ସଂସାରରେ ଯାହାସବୁ ଘଟି ଯାଉଛି ସେଥିରେ ବ୍ୟତିବ୍ୟସ୍ତ ହେବାର କିଛି ନାହିଁ କାରଣ ସବୁ ପରା ଆମ ଭଗବାନଙ୍କ ଦ୍ୱାରା ଘଟୁଛି। ଆମେ ଆମ ଠାରେ ଥିବା ଷଡ଼ରପୁଙ୍କ ଦ୍ୱାରା ଅନେକ ସମୟରେ ଆକ୍ରାନତ ହେଉ, ଭୁଲ ହୋଇଯାଏ, ସେଥିପାଇଁ ଅନୁତାପ କରୁ, ଆହୁରି ନାନା ସମସ୍ୟା ସୃଷ୍ଟି ହୋଇଯାଏ, ସେଥିରୁ ତାହାର ପାର୍ଶ୍ୱ ପ୍ରତିକ୍ରିୟା ଆରମ୍ଭ ହୋଇଯାଏ ଏବଂ ଆମ୍ଭେମାନେ ହନ୍ତସନ୍ତ ହୋଇ ନାନା ଦୁଷ୍ଚିନ୍ତା ଏବଂ ଆଶଙ୍କାର ଶୀକାର ହୋଇପଡୁ। ସେ ସବୁଥିରୁ ନିଜକୁ ଉଦ୍ଧାର କରିବାର ଉପାୟ ଖୋଜିବସୁ। ଏଥିରେ କୃତକାର୍ଯ୍ୟ ହେବାର ଉପାୟ ମିଳେ କେବଳ ଏହି ଷଡ଼ରପୁଙ୍କ ସମୁଚିତ ବ୍ୟବହାର ଓ ପ୍ରୟୋଗ ଫଳରେ, ବୁଦ୍ଧି ବଳରେ। କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟଙ୍କୁ ରପୁ କୁହାଯାଇଛି। ସେଥିରୁ ଜଣାଯାଉଛି ଏଗୁଡ଼ିକ ଗୋଟିଏ ଗୋଟିଏ ଶତ୍ରୁ, ପୁଣି ଆମ ଭିତରେ ଥିବା ଶତ୍ରୁ। ବାହାରେ ଥିବା ଶତ୍ରୁଙ୍କୁ ହରାଇବା ବରଂ ସହଜ। ଭିତରେ ଥିବା ଶତ୍ରୁ, ଯିଏ ଆମ ସହ ଖାଇପିଇ ବଢ଼ୁଛି, ଉପରେ ଆମକୁ ଭଲ ଲାଗିଲା ଭଳି ଦେଖାଉଛି କିନ୍ତୁ ଭିତରେ ଥାଇ ଏଭଳି କର୍ମରେ ଆମକୁ ଲଗାଇ ଦେଉଛି, ତାହାର ପରିଣାମ ଦେଖିଲାବେଳକୁ ନିଜକୁ ଅପମାନ ଲାଗୁଛି, ନିଜ ରୂପ ମଧ୍ୟ ଅସୁନ୍ଦର ହୋଇଯାଉଛି। ସମାଜରେ ଆମ ପ୍ରତିଷ୍ଠା ମଧ୍ୟ ନଷ୍ଟ ହୋଇଯାଉଛି। ଆମ ବ୍ୟକ୍ତିତ୍ୱ ମଧ୍ୟ ଲୁଣ୍ଠିତ ହୋଇଯାଉଛି। ଆମକୁ ବେଶୀ ଖରାପ ଲାଗେ ଏଥିପାଇଁ ଆମେ ଆମ ନିଜ ଗୁଣ ଦ୍ୱାରା ଏହି ପରିଣାମ ଅର୍ଜନ କରିଛୁ, ଆଉ କେହି ଏଥିପାଇଁ ଦାୟୀ ନୁହନ୍ତି। କାହାକୁ କିଛି କହି ହୁଏନାହିଁ। କେବଳ ଅନୁତାପାନଳରେ ଦଗ୍ଧିଭୂତ ହେବା ହିଁ ସାର ହୁଏ। କେବଳ କଠୋର, ନିୟମିତ ଏବଂ ମୁକ୍ତି ପାଇବା ପାଇଁ ବ୍ୟାକୁଳିତ ସାଧନା ମାଧ୍ୟମରେ ସୁଫଳ ମିଳିପାରେ।

କାମ - ଏହା ଏକ ସର୍ବନାଶୀ ରପୁ; କିନ୍ତୁ ଏହାର ପ୍ରୟୋଗ ଖୁବ ଆନନ୍ଦ ଦିଏ ବୋଲି ଅଧିକରୁ ଅଧିକ ବ୍ୟବହୃତ ହୁଏ। ପରିଣାମସ୍ୱରୂପ ମଣିଷ ନାନା ଦୁର୍ନାମ, କୁଖ୍ୟାତି, ସାମାଜିକ ଅପବାଦ ତଥା ଅପରାଧରେ ବୁଡ଼ିଯାଏ। ମଣିଷ ଏହା ଫଳରେ ଏକ ପ୍ରକାର ଅନ୍ଧ ହୋଇଯାଏ। ନିଜର ବଂଶ, ପରମ୍ପରା, ଜାତି, ଗୋତ୍ର, ପ୍ରତିଷ୍ଠାକୁ ଭୁଲି ପୂର୍ବଜମାନେ ଅର୍ଜିଥିବା ସାମାଜିକ ପ୍ରତିଷ୍ଠାକୁ ମୁହୂର୍ତ୍ତକରେ ନଷ୍ଟ କରି ବସୁ। ଏହାଦ୍ୱାରା କେବଳ ସାମାଜିକ କ୍ଷତି ସହିବାକୁ ପଡ଼େ ତାହା ନୁହେଁ, ବ୍ୟକ୍ତିଗତ କ୍ଷତି ଏପରିକି ଆଧାତ୍ମିକ କ୍ଷତି ମଧ୍ୟ ସହ୍ୟ କରିବାକୁ ହୋଇଥାଏ, ଯେଉଁ କ୍ଷତି ପୂରଣ କରିବାକୁ ବର୍ଷ ବର୍ଷ ନୁହେଁ ଜନ୍ମ ଜନ୍ମ ଲାଗି ଯାଇପାରେ।

କ୍ରୋଧ - ଏହାର ପରିଚୟ ମିଳିବା ପୂର୍ବରୁ ସେ ବହୁତ କିଛି କ୍ଷତି ଘଟାଇ ଦେଇଥାଏ। ଏହାର କାରଣ ଏହାକୁ ପ୍ରୟୋଗ କଲାବେଳେ ନିଜକୁ ବହୁତ ଭଲ ଲାଗେ। ବେଳେବେଳେ ଜିତାପଟ ମିଳିଥାଏ। ମଣିଷ ଭାବେ ତତ୍କ୍ଷଣାତ ବିଜୟ ହାସଲ କରିବା ପାଇଁ କ୍ରୋଧ ଗୋଟିଏ ଭଲ ଅସ୍ତ୍ର। ପରେ କିନ୍ତୁ ଉପଲବ୍ଧି ଆସେ ଯେ ସେ ବିଜୟ କ୍ଷଣିକର କଥା ଥିଲା, ତାହା ପ୍ରକୃତ ବିଜୟ ନୁହେଁ। ଶାନ୍ତିପ୍ରିୟ ଲୋକେ ବାକ୍ ଯୁଦ୍ଧରେ ଭାଗ ନ ନେଇ ଚୁପ୍ ହୋଇଯାଆନ୍ତି। ତାହା ତାଙ୍କର ପରାଜୟ ନୁହେଁ ବରଂ ବିଜ୍ଞତାର ପରିଚୟ। କଥା ମାଧ୍ୟମରେ କ୍ରୋଧ ତ ବନ୍ଧୁକର ଗୁଳି ସହ ସମାନ। କର୍ମ ମାଧ୍ୟମରେ କ୍ରୋଧ ଅଶେଷ କ୍ଷତି ଘଟାଇଥାଏ। ପରିଶେଷରେ ଦେଖିବାକୁ ମିଳେ ଯେ ନିଜର କ୍ଷତି ହିଁ ସବୁଠାରୁ ବେଶୀ ହୋଇଛି। କ୍ରୋଧ କର୍ମ ରୂପ ନେବା ପୂର୍ବରୁ ମାନସିକ ସ୍ତରରେ ଯେଉଁ ପାଞ୍ଚଣା ପାଞ୍ଚିବାରେ ଲାଗେ ତାହା ସର୍ବାଧିକ କ୍ଷତିକାରକ। ନିଜ ମସ୍ତିଷ୍କର ତଥା ବ୍ୟକ୍ତି ସତ୍ତାର ଘୋର ବିଧ୍ୱଂସକ। ସେଥିପାଇଁ କୁହାଯାଇଛି କ୍ରୋଧ ବ୍ରାହ୍ମଣକୁ ଚଣ୍ଡାଳରେ, ମାନବକୁ ଦାନବରେ, ରକ୍ଷକକୁ ଭକ୍ଷକରେ, ଭଦ୍ରକୁ ଅଭଦ୍ରରେ, ଶିଷ୍ଟାଚାରୀକୁ ଦୁରାଚାରୀରେ ପରିଣତ କରିଦିଏ। ଶେଷରେ ନିଜର ଅସରନ୍ତି କ୍ଷତି କରି ଚାଲିଯାଏ।

ଲୋଭ - ଏହା ଭଦ୍ର ଲୋକକୁ ଚୋର କରିଦିଏ, ସନ୍ୟାସୀକୁ ସତ୍ୟାନାଶୀ କରିଦିଏ। ଲୋଭାସକ୍ତ ଲୋକ କାମାସକ୍ତ ବି ହୋଇଯାଇପାରେ। ସେ ଏଠାରେ ଲୋଭ ସହ କାମ ରୂପକ ଶତ୍ରୁ କବଳରେ ପଡ଼ି ଦ୍ୱିଗୁଣିତ କ୍ଷତି ସମ୍ମୁଖୀନ ହୁଏ। ଲୋଭୀ ଲୋକର ଭାବନାଧାରା ଏତେ ଅପବିତ୍ର ଥାଏ ଯେ ପରିଶେଷରେ ସେ ପାପୀରେ ପରିଣତ ହୋଇଯାଏ। କୌଣସି କାମ ନକରି ନିଜକୁ ନଷ୍ଟ କରିଦିଏ। ଦୁର୍ଯ୍ୟୋଧନର ରାଜ୍ୟ ଲୋଭର ପରିଣତି ସମସ୍ତେ ଜାଣନ୍ତି, କଂସର ଜୀବନ ପ୍ରତି ଥିବା ଲୋଭରା ପରିଣତି ଯାହା ହେଲା, ରାବଣର ନାରୀ ଲୋଭ ଫଳରେ ଯାହା ଘଟିଲା ସେଥିରୁ ଆମେ ଶିକ୍ଷା ଲାଭ କରିବା ଉଚିତ। ଶ୍ରୀମଦ୍‌ଭାଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖରେ କୁହାଯାଇଛି, ଏହି କାମ, କ୍ରୋଧ ଓ ଲୋଭ ତିନିଟି ହେଉଛି ନର୍କରର ତିନିଟି ଦ୍ୱାର। ଏହା ସର୍ବାଦୌ ବର୍ଜନୀୟ। ଅନ୍ୟ ତିନିଟି ମଧ୍ୟ କିଛି କମ ନୁହନ୍ତି।

ମୋହ - ମୋହଗ୍ରସ୍ତ ଲୋକକୁ ଏକ ପାଗଳ କୁହାଯାଇପାରେ। କାରଣ ତା'ମୋହ ତାକୁ ସର୍ବଦା ଭୁଲ ବାଟକୁ ନେଇଯାଇଥାଏ। କ'ଣ ଠିକ୍, କ'ଣ ଭୁଲ, କେଉଁଟି କରଣୀୟ, କ'ଣ ଅକରଣୀୟ, କ'ଣ ଶ୍ରେୟ, କ'ଣ ପ୍ରେୟ ତାହା ସେ ଜାଣିପାରେନାହିଁ। ବିଚାରଣା ଶକ୍ତି ହରାଇ ବସେ। ପତ୍ନୀମୋହ, ଭୂମିମୋହ, ଧନ ମୋହ ପ୍ରଭୃତିରେ ପଡ଼ି ନକଲା କାମ କରି ସୁନାମ, ସୁଖ୍ୟାତି, ପ୍ରତିଷ୍ଠା ପ୍ରଭୃତିରେ ନିଜେ ନିଜ ହାତରେ ଅଗ୍ନି ସଂଯୋଗ କରିଦିଅନ୍ତି। ଶେଷରେ ମୋହଗ୍ରସ୍ତ ଲୋକର ବୁଦ୍ଧି ନାଶ ହୋଇଯାଏ। ବୁଦ୍ଧି ନାଶ ହୋଇଯିବା ଏକ ପ୍ରକାର ମୃତ୍ୟୁ ସହ ସମାନ।

ମଦ - ଅନ୍ୟ ଅର୍ଥରେ ଗର୍ବ, ଅହଂକାର, ଦମ୍ଭ ପ୍ରଦର୍ଶନ। ଏଗୁଡ଼ିକର ପରିଣାମ ଆମେ ଇଚ୍ଛା କଲାମାତ୍ରେ ଶହ ଶହ ସଂଖ୍ୟାରେ ଆମ ଆଗରେ ପ୍ରତିଭାତ ହୋଇଯିବ। ଭଗବାନ ସବୁ ସହନ୍ତି କିନ୍ତୁ ଗର୍ବ ସହିପାରନ୍ତି ନାହିଁ, ତାଙ୍କ ପାଖରେ କାହାରି ଅହଂକାର କାମ ଦିଏନାହିଁ। ଯେଉଁଥିରେ ଭଗବାନ ସନ୍ତୁଷ୍ଟ ନୁହନ୍ତି ସେ ଗୁଣ ଧାରଣ କରି ମଣିଷ କି ଆନନ୍ଦ, କି ଉପକାର ବା କି ଲାଭ ପାଇବ ? ଗର୍ବୀ ଲୋକ ନିଜ ସ୍ତ୍ରୀ ଓ ପିଲାଙ୍କ ପ୍ରିୟ ହୋଇପାରନ୍ତି ନାହିଁ, କର୍ମକ୍ଷେତ୍ରରେ ନିଜ ଉପରିସ୍ଥ କର୍ମଚାରୀ ତଥା ନିଜ ସହକର୍ମୀଙ୍କ ପ୍ରିୟ ହୋଇପାରନ୍ତିନାହିଁ, ବ୍ୟବସାୟ କ୍ଷେତ୍ରରେ ନିଜ ଗରାଖଙ୍କ ପ୍ରିୟ ମଧ୍ୟ ହୋଇପାରନ୍ତି ନାହିଁ। ନିଜ ବାସସ୍ଥାନରେ ପଡ଼ୋଶୀର ପ୍ରିୟ ମଧ୍ୟ ହୋଇପାରନ୍ତି ନାହିଁ। ସମସ୍ତଙ୍କର ଅପ୍ରିୟ ହୋଇ କି ଶାନ୍ତି, କି ସନ୍ତୋଷ ସେ ଲାଭ କରିପାରିବ ? ଭଗବାନଙ୍କ ପ୍ରିୟ ହେବା ସୁଦୂର ପରାହତ ହୋଇଯିବ ତା'ପକ୍ଷରେ। ଜୀବନ ବ୍ୟର୍ଥ ହୋଇଯିବ।

ମାତ୍ସର୍ଯ୍ୟ - ମଣିଷ ଯଦି ଅନ୍ୟ ସହ ନିଜକୁ ତୁଳନା କରିବସିବ ସେ ଦେଖିବ ସେ ନିଜେ କେତେକଙ୍କ ଠାରୁ ଉତ୍କୃଷ୍ଟ ଓ ଅନ୍ୟ କେତେକଙ୍କ ଠାରୁ ନିକୃଷ୍ଟ। ସେ ଯେଉଁଠାରେ ଉତ୍କୃଷ୍ଟ ସେଠାରେ ଅହଂକାର ବଢ଼ିବାର ବିପଦଅଛି, ଯେଉଁଠାରେ ନିକୃଷ୍ଟ ସେଠାରେ ଈର୍ଷା ଅସୂୟା ବଢ଼ିବାର ଭୟ ଅଛି। ଉଭୟ ଯାକ ବିପଦପୂର୍ଣ୍ଣ। ଏଥିରୁ ରକ୍ଷା ପାଇବାର ଉପାୟ ଭଗବାନ ବତାଇଛନ୍ତି। ନିଜକୁ ଅନ୍ୟ ମାନଙ୍କ ସହ ତୁଳନା କରିବ ନାହିଁ। ଆମ ସହ କେହି ଜନ୍ମ ହୋଇନାହାନ୍ତି, ଆମ ସେହ କେହି ମଧ୍ୟ ପରଲୋକକୁ ଯିବେନାହିଁ। ନିଜକୁ ନିଜ ସହ ତୁଳନା କଲେ ଉପକାର। ନିଜର ଅତୀତ ସହ ନିଜର ବର୍ତ୍ତମାନକୁ ତୁଳନା କଲେ ନିଜର ଉନ୍ନତି ଅବନ୍ନତି ଜାଣିହେବ ଏବଂ ପ୍ରଚେଷ୍ଟା ଓ ପ୍ରଯତ୍ନ ଫଳରେ ସନ୍ତୋଷଜନକ ଫଳ ମିଳିବ। ଜାଣିହେବ ଯେ ନିଜର କଷ୍ଟଲବ୍ଧ ଚେଷ୍ଟା ଓ ପ୍ରାର୍ଥନା ଫଳରେ ସବୁକିଛି ହାସଲ କରିହେବ। କିଛି ନକରି କେବଳ ଯା ତା'ପ୍ରତି ଈର୍ଷାପରାୟଣ ହେଲେ କିଛି ସୁଫଳ ମିଳିବାର ନାହିଁ ବରଂ କୁପରିଣାମ ନିଶ୍ଚିତ ଭାବେ ପ୍ରାପ୍ତ ହେବ।

ରପୁମାନଙ୍କର ଖରାପ ଦିଗ ସହ ତାଙ୍କୁ ସଠିକ୍ ଭାବେ ବ୍ୟବହାର କରିପାରିଲେ କିଛି ଭଲ ମଧ୍ୟ ମିଳିପାରିବ। ଯଥା କାମ ଭାବକୁ ଯଦି ଈଶ୍ୱରଙ୍କ ସହ ଯୋଡ଼ିଦିଆଯାଏ ସେ କେବଳ ଈଶ୍ୱରଙ୍କୁ କାମନା କରିବ। ଫଳ ସର୍ବୋତ୍ତମ, ଉଦାହରଣ ଶ୍ରୀରାମକୃଷ୍ଣ ପରମହଂସ, ସ୍ୱାମୀ ନିଗମାନନ୍ଦ ସରସ୍ୱତୀ। କ୍ରୋଧକୁ ବ୍ୟବହାର କରି କେତେକ ପ୍ରଭୁକୃପା ଲାଭ କରିଛନ୍ତି। ଯଥା ଶ୍ରୀବତ୍ସ ବ୍ରାହ୍ମଣ। ଈଶ୍ୱର ଉପଲବ୍ଧିରେ ମନୋନିବେଶ କଲାବେଳେ ଏଥିରେ ବାଧା ଦେଉଥିବା ଦର୍ଶନେନ୍ଦ୍ରିୟ ପ୍ରତି କ୍ରୋଧବଶତଃ ନିଜ ଆଖି ଫୁଟାଇ ଦେଇଥିଲେ ଭକ୍ତ ବିଲ୍ୱମଙ୍ଗଳ। ତାଙ୍କୁ ମିଳିଯାଇଥିଲା ଦର୍ଶନ। ଲୋଭକୁ ମଧ୍ୟ ଈଶ୍ୱରାର୍ପିତ କରିହେବ। ଜଣେ ଜଣେ କହିଥାନ୍ତି, ଜଗନ୍ନାଥଙ୍କ ମହାପ୍ରସାଦରେ ମୋର ଲୋଭ। ଏ ଲୋଭ ତ ଭଲ କଥା। ଏ ଲୋଭକୁ ଚରିତାର୍ଥ କରିବା ଉଚିତ। ଫଳ ଭଲ ହେବା ନିଶ୍ଚିତ। ମୋହ - ମୀରା ଏହାର ଉଦାହରଣ। ରାଜକୁଳରେ ଜନ୍ମ, ରାଜବଂଶର କୁଳବଧୂ, ଏସବୁର ମୋହରେ ନପଡ଼ି ସର୍ବଶ୍ରେଷ୍ଠ ମୋହରେ ପଡ଼ି, ନିଜ ସହିତ ସମଗ୍ର ମାନବ ସମାଜ ପାଇଁ ଉଦାହରଣ ପାଲଟିଯାଇଛନ୍ତି। ଭଗବାନଙ୍କ ମୋହରେ ପଡ଼ି, ମୋହନ ବଂଶୀର ମୋହରେ ପଡ଼ି ଗୋପୀ ତଥା ରାଧା କାଳ କାଳକୁ ପୂଜ୍ୟ ହୋଇପାରିଛନ୍ତି। ମଦକୁ ମଧ୍ୟ ସାଧ କରିଥିଲେ ଅକ୍ରୂର। ନିଜର ସାମର୍ଥ୍ୟ ଉପରେ ତାଙ୍କର ଦୃଢ଼ ବିଶ୍ୱାସ ଥିଲା। ଦୃଢ଼ତାର ସହ ସେ ତାହାକୁ ବ୍ୟବହାର କରିଥିଲେ। ଯାଦବ ବଂଶର ସୁରକ୍ଷା, ବସୁଦେବ ଦେବକୀଙ୍କର ସୁରକ୍ଷା, ଶ୍ରୀକୃଷ୍ଣଙ୍କୁ ମଥୁରା ନେବା ଓ ସେଥିରେ ଥିବା ବିପଦ ଆପଦରୁ ସମସ୍ତଙ୍କୁ ରକ୍ଷା କରିବାର ଯୋଜନା ଭଗବାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା। ଜଟାୟୁ ନିଜ ମଦକୁ ବ୍ୟବହାର କରି ପୁଷ୍ପକ ବିମାନରେ ରାବଣ ସହ ଯୁଦ୍ଧ କରି, ଆହତ ହୋଇ, ରାମ କୃପାର ଅଧିକାରୀ ହୋଇଥିଲେ। ମାତ୍ସର୍ଯ୍ୟକୁ ବ୍ୟବହାର କରି କୈକେୟୀ ଓ ମନ୍ଥରା ପରିଶେଷରେ ରାମକୃପା ଲାଭ କରିଥିଲେ।

ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫

# ଖାଦ୍ୟଶସ୍ୟ ଦରରେ ଅସ୍ଥିରତା

॥ ସୌଭାଗ୍ୟ ରଂଜନ ମହାନ୍ତି ॥

ଖାଦ୍ୟରେ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ସମେତ ବିଭିନ୍ନ ସାମଗ୍ରୀର ମୂଲ୍ୟ ଉପରମୁହାଁ ହୋଇଥିବାବେଳେ ମୁଦ୍ରାସ୍ଫୀତି ମଧ୍ୟ ସେହି ହାରରେ ବଢିଚାଲିଛି। ଖାଦ୍ୟ ସାମଗ୍ରୀର ମୂଲ୍ୟର ଅସ୍ଥିରତା ବା ଦରବୃଦ୍ଧିର ପ୍ରଭାବ ସିଧାସଳଖ ମୁଦ୍ରାସ୍ଫୀତି ଉପରେ ପଡିଛି। ଯାହାକି କେବଳ ଭାରତୀୟ ରିଜର୍ଭ ବ୍ୟାଙ୍କ ପାଇଁ ନୁହେଁ, ଦେଶର ଗରିବ ଖଟିଖିଆ, ମଧ୍ୟରେ ପରିବାର ପାଇଁ ଚିନ୍ତାର କାରଣ ହୋଇଛି। ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ (ଏନଏସଓ)ର ରିପୋର୍ଟ ଅନୁଯାୟୀ କୁମର ପ୍ରାଇସ ଇଣ୍ଡେକ୍ସ(ସିପିଆଇ) ୫.୫୫ ପ୍ରତିଶତକୁ ବୃଦ୍ଧି ପାଇଥିବା ମୁଦ୍ରାସ୍ଫୀତି ସଂକେତ କରିଛି।

ଗତ ଅକ୍ଟୋବର ଠାରୁ ୩ମାସ ମଧ୍ୟରେ ୪.୭ ପ୍ରତିଶତରୁ ୫.୫୫ ପ୍ରତିଶତକୁ ବୃଦ୍ଧି ପାଇଥାଏ। ସାଧାରଣତଃ କୁମର ପ୍ରାଇସ୍ ଇଣ୍ଡେକ୍ସ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ଖାଦ୍ୟ ଶସ୍ୟର ମଧ୍ୟ ଅତିଦ୍ରୁତ ବେଗରେ ୨୦୦୯ ମେସିକ ପଏଂଟ ବୃଦ୍ଧି ପାଇଁ ଗତ ମାସରେ ୮.୭%କୁ ବୃଦ୍ଧି ପାଇଥିଲା। ବିଶେଷକରି ଖାଦ୍ୟାଶସ୍ୟ ଓ ପନିପରିବା କ୍ଷେତ୍ରରେ ମୁଦ୍ରାସ୍ଫିତୀ ଯଥାକ୍ରମେ ୧୦.୩ ପ୍ରତିଶତ ଓ ୧୭.୭ ପ୍ରତିଶତରେ ପହଁଚିଛି। ଖାଦ୍ୟ ଶସ୍ୟ ଯାହାକି ସିପିଆଇର ଏକ ଦଶମାଂଶ ଭାବେ ବିଚାରକୁ ନିଆଯାଇଥାଏ, ତାହା ଗତ ୧୫ମାସ ମଧ୍ୟରେ ବଢି ଦୁଇ ଅଙ୍କରେ ପହଁଚିଛି। ବିଶେଷ କରି ଗହମ, ଚାଉଳ, ତୋଓ୍ୱାର ଆଦି ଶସ୍ୟର ମୂଲ୍ୟ ଗତ ଏକ ବର୍ଷ ଧରି ବଢିବାରେ ଲାଗିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୨ମାସ ମଧ୍ୟରେ ଚାଉଳ, ଗହମ ଆଦି ଖାଦ୍ୟାଶସ୍ୟର ମୂଲ୍ୟ ଗତ ଅକ୍ଟୋବର ଠାରୁ ୨.୮ ପ୍ରତଶତରୁ ପ୍ରାୟ ୧୫ ପଏଂଟ ବୃଦ୍ଧି ପାଇଛି।

କେବଳ ଚାଉଳ, ଗହମ ନୁହେଁ ଦେଶରେ ମସଲା ଜାତୀୟ ଖାଦ୍ୟ ପଦାର୍ଥ କ୍ଷେପରେ ମୂଲ୍ୟ ବୃଦ୍ଧି ଗତ କିଛି ମାସ ମଧ୍ୟରେ ୧୦୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇବା ଏବେ ଚିନ୍ତାର କାରଣ ହୋଇଛି। କହିବା ବାହୁଲ୍ୟ ଯେ, ଭାରତୀୟ ଖାଦ୍ୟରେ ରସୁଣ ଓ ଅଦା ପରି ମସଲା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଉଭୟ ରସୁଣ ଓ ଅଦା ବ୍ୟତିରେକେ ସ୍ୱାଦିଷ୍ଟ ଭୋଜନ ଚିନ୍ତା କରାଯାଇନପାରେ। ଗତ ୭ମାସ ଧରି ଅଦାର ମୂଲ୍ୟ ୧୦୦ ପ୍ରତିଶତରୁ ଅଧିକ ବଢିଥିବାବେଳେ ଏବେ ଏବେ ରସୁଣ'ର ମୂଲ୍ୟ ଗତ ୩ମାସ ହେଲା ମୂଲ୍ୟ ବୃଦ୍ଧି ଶତ ପ୍ରତିଶତ ଅତିକ୍ରମ କରିଛି।

ଯେଉଁ ଅଦାର କେଜି ପ୍ରତି ମୂଲ୍ୟ ୭ମାସ ତଳେ ୧୨୦ଟଙ୍କାରୁ କମ୍ ରହିଥିଲା ଏବେ ତାହାର ୨୫୦ଟଙ୍କାରେ ପହଁଚିଛି। ସେହିପରି ୩ମାସ ତଳେ ରସୁଣର କେଜି ପ୍ରତି ଦର ସର୍ବନିମ୍ନ ସ୍ତରରେ ଅର୍ଥାତ ୫୦ଟଙ୍କା ତଳେ ରହିଥିବା ସମୟରେ ଏବେ ଖୁଚୁରା ବଜାରରେ ୪୦୦ଟଙ୍କା ରହିଛି। ଏଥିରେ ସନ୍ଦେହ ନାହିଁ ଯେ, ଭାରତରେ ସର୍ବାଧିକ ବ୍ୟବହୃତ ପରିବା ଭାବେ ଟମାଟୋ, ଆଳୁ ଓ ପିଆଜ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସିଛି। ମାତ୍ର ଏହି ତିନି ପରିବାର ମୂଲ୍ୟ ବୃଦ୍ଧି ଖାଉଟିଙ୍କ ପାଇଁ ଚିନ୍ତାର କାରଣ ଭାବେ ଉଭା ହୋଇଛି। ଗତ ୩ମାସ ତଳେ ଟମାଟୋ ମୂଲ୍ୟ ସାରା ଦେଶରେ ଖାଉଟିଙ୍କ ଠାରୁ ଆରମ୍ଭ କରି ସରକାରଙ୍କ ପାଇଁ ଉଦ୍‌ବେଗର କାରଣ ହୋଇଥିଲା।

ତେବେ ଟମାଟୋ ଦର ନେଇ ସେଭଳି ଉଦବେଗ ନଟିବା ସତ୍ୱେ ଗତ ମାସ ତୁଳନାରେ ପୁଣି ଏହାର ମୂଲ୍ୟ ୧୧ପ୍ରତିତ ବଢିଛି। ସେହିପରି ଖାଉଟିଙ୍କ ସାଥି ଭାବେ ପରିଚିତ ପିଆଜ'ର ମୂଲ୍ୟ ଇତିମଧ୍ୟରେ ୮୬ ପ୍ରତିଶତ ବୃଦ୍ଧି ପାଇଛି। ପିଆଜ'ର ଉତ୍ପାଦନ ହ୍ରାସ ଯୋଗୁଁ ମୂଲ୍ୟ ବଢିଥିବା କୁହାଯାଇଛି। ବିଶେଷ କରି ଝଡିବର୍ଷା ଓ ଭୂତଳ ଜଳସ୍ତର ହ୍ରାସ ପିଆଜ ଉତ୍ପାଦନ ହ୍ରାସର ମୁଖ୍ୟକାରଣ ହୋଇଥିବା କୁହାଯାଇଛି। ଏଥିଯୋଗୁଁ ରବି ଋତୁରେ ୨୫ ପ୍ରତିଶତ ପିଆଜ ଉତ୍ପାଦନ ହ୍ରାସ ପାଇଥିବା କୁହାଯାଏ। ଆହୁରି ମଧ୍ୟ ଡାଲି ଓ ଚିନି ପରି ଖାଦ୍ୟ ପଦାର୍ଥର ମୂଲ୍ୟ ବୃଦ୍ଧି ମଧ୍ୟ ଚିନ୍ତାଜନକ। ଚିନିର ମୂଲ୍ୟ ୨୦ପ୍ରତିଶତରୁ ବଢିଥିବା ବେଳେ ଡାଲିର ମୂଲ୍ୟ ୬୦ପ୍ରତିଶତରୁ ଅଧିକ ବଢିଛି। ତେବେ ସବୁଠାରୁ ଉଦ୍‌ବେଗର କାରଣ ହେଉଛି ପନିପରିବାର ଦର ବୃଦ୍ଧି।

ଯେଉଁଦିନେ ପନିପରିବାର ମୂଲ୍ୟ ସର୍ବନିମ୍ନ ସ୍ତରରେ ରହିଥାଏ, ଅର୍ଥାତ ଚାଷୀ ଅଭାବୀ ବିକ୍ରୀର ସମ୍ମୁଖୀନ ହେଉଥିବା ଅଭିଯୋଗ ହୁଏ, ଏବେ ସେହି ଶୀତ ଦିନେ ପନିପରିବାର ମୂଲ୍ୟ ଶତପ୍ରତିଶତ ବୃଦ୍ଧି ହାଣ୍ଡିଶାଳରେ ବେଡି ଉପରେ କୋରଡାମାଡ ସଦୃଶ ହୋଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବନାହିଁ। ବଜାରରେ ଏବେ ବାଇଗଣ କେଜି ପ୍ରତି ଦର ଶତକ ଛୁଇଁଥିବାବେଳେ ଅନ୍ୟାନ୍ୟ ପନିପରିବାର ମୂଲ୍ୟ ୫୦ରୁ ୬୦ପ୍ରତିଶତ ବଢିଛି। ପନିପରିବା ଉତ୍ପାଦନ ଆଶାତୀତ ଭାବେ ହ୍ରାସ ପାଇବା ମୂଲ୍ୟ ବୃଦ୍ଧିର ମୂଳ କାରଣ ବୋଲି କୁହାଯାଇଛି। ଅଦିନିଆ ଝଡବର୍ଷା ପରିବାର ବୃଦ୍ଧିର ମୂଳ କାରଣ ଥିବା କୁହାଯାଏ। ନିକଟ ଭବିଷ୍ୟତରେ ଏହାର ଦଳ କମିବା ଆଶାକ୍ଷୀଣ। ଆଗକୁ ଖରାଦିନ ଆସୁଥିବାରୁ ଏବଂ ଭାରତୀୟ ଜଳବାୟୁ ଉପରେ ଏଲ-ନିନୋର ପ୍ରଭାବ ପଡିଥିବାରୁ ପରିବା ଉତ୍ପାଦନ ଆଶାତୀତ ଭାବେ ବାଧାପ୍ରାପ୍ତ ହେବା ଆଶଙ୍କା କରାଯାଏ। ଏହା ନିସନ୍ଦେହ ଯେ, ଯଦି ମୂଲ୍ୟ ବୃଦ୍ଧିକୁ ନିୟନ୍ତ୍ରଣ କରାନଯାଏ, ତେବେ ଦ୍ରବ୍ୟର କ୍ରୟ ଏବଂ ଅଭିବୃଦ୍ଧି ପ୍ରତି ବାଧକ ହେବ। ଫଳସ୍ୱରୁପ ଅର୍ଥନୀତିରେ ମାନ୍ଦାବସ୍ଥାକୁ ଅଣଦେଖା କରାଯାଇନପାରେ।

ମୋବାଇଲ ନଂ-୯୪୩୭୯୯୪୩୭୯

# ଭବ ସାଗର ତାରଣ

॥ ଉମେଶ ଚନ୍ଦ୍ର ପାତ୍ର ॥

ମାନବଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର । ମାନବଜାତିର କଲ୍ୟାଣ ପାଇଁ ସେ ବହୁ ଉପଦେଶ ଦେଇଯାଇଛନ୍ତି । ମଣିଷର ଜୀବନ ଈଶ୍ୱର ଓ ଅନ୍ୟମାନଙ୍କ ସେବା ଲାଗି ଉଦ୍ଦିଷ୍ଟ ବୋଲି ସେ କହୁଥିଲେ । ସମାଜ ସେବାରେ ହିଁ ମଣିଷ ଜୀବନର ସାର୍ଥକତା । ବୃକ୍ଷଲତା, ପଶୁପକ୍ଷୀ ଆଦି ସହଜାତ ଭାବେ କେବଳ ନିଜ ପାଇଁ ଜୀବନଧାରଣ କରନ୍ତି । ତଥାପି ମଣିଷ ସେମାନଙ୍କ ଦ୍ୱାରା ଉପକୃତ ହୁଏ । ନିଜ ଅଜାଣତରେ ସେମାନେ ମଣିଷର ଉପକାର କରିଥାଆନ୍ତି । ମଣିଷ ସ୍ଥାନ ସେମାନଙ୍କ ଠାରୁ ଉପରେ । ସେବା ପାଇଁ ମଣିଷର ଜନ୍ମ । ତେବେ ଆଜିର ମଣିଷ ନିଜର କର୍ତବ୍ୟ ଦଗରେ ସଚେତନ ନୁହେଁ । ଅହଂଭାବ, ସ୍ୱାର୍ଥପରତା ଆଦି ଯୋଗୁଁ ଆଜି ଆମେ ବସୁଧୈବ କୁଟୁମ୍ବକମ୍ ଆଦର୍ଶକୁ ଭୁଲିଗଲେଣି । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଧ୍ୟାତ୍ମିକ ମାର୍ଗଦର୍ଶନ କରି କହିଛନ୍ତି - 'ଯାହା ବୃଦ୍ଧି ପ୍ରାପ୍ତ ହୋଇ ଯାହାକିଛି ହୋଇ ମଧ୍ୟ ତାହା ହିଁ ରହିଛି - ତାହା ହିଁ ବ୍ରହ୍ମ । ଜଗତର ସମସ୍ତ ଐଶ୍ୱର୍ଯ୍ୟ ଜାଣିବା, ଭଲ ପାଇବା ଓ କର୍ମ - ଯାହାଙ୍କ ଭିତରେ ସହଜ - ଉତ୍ସାରିତ, ଆଉ ଯାହାଙ୍କ ପ୍ରତି ଆସକ୍ତିରେ ମଣିଷର ବିଚ୍ଛିନ୍ନ ଜୀବନ ଓ ଜଗତର ସମସ୍ତ ବିରୋଧର ଚରମ ସମାଧାନ ଲାଭହୁଏ - ସେ ହିଁ ମଣିଷର ଭଗବାନ । ଭଗବାନଙ୍କୁ ଜାଣିବା ମାନେ ହିଁ ସମସ୍ତଟାକୁ ବୁଝିବା ବା ଜାଣିବା ।' ପରମ ପ୍ରେମମୟ ଠାକୁର କହିଛନ୍ତି, ଅର୍ଥ, ମାନ, ଯଶ ଆଦି ପାଇବା ପାଇଁ ମତେ ଠାକୁର ରୂପେ ସଜାଇ, ଭକ୍ତ ହୁଅନାହିଁ । ତୁମ ମଧ୍ୟରେ ଦେବତ୍ୱ ଜାଗ୍ରତ ନହେଲେ, ସବୁ ପୂଜା ନିରର୍ଥକ । ବନ୍ଧୁ ଅସତ୍ ହେଲେ ବି ତ୍ୟାଗ କରନାହିଁ । ଅନ୍ତରରେ ଶ୍ରଦ୍ଧା ରଖି ବିପଦଆପଦ ବେଳେ ସାହାଯ୍ୟ କର । ଆଉ ସେ ଅନୁତପ୍ତ ହେଲେ ଆଲିଙ୍ଗନ କର । ଠାକୁର ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । କାରଣ ସମସ୍ତେ ପରମାତ୍ମାଙ୍କ ସତାର ଅଂଶ । ତେଣୁ ସମସ୍ତେ, ସମସ୍ତଙ୍କୁ ଭଲପାଇବା ଉଚିତ ।

ପରମପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଦିବ୍ୟଜୀବନ କେବଳ ରକ୍ତମାଂସ ଗଠିତ ଶରୀର ଭିତରେ ସୀମିତ ନୁହେଁ । ଯାହାଙ୍କ ଆଧାତ୍ମିକ ମାର୍ଗଦର୍ଶନ ମୁକ୍ତି ଅନ୍ୱେଷୀମାନଙ୍କୁ ଉଦ୍‌ବୁଦ୍ଧ କରିବା ସହ ଦିବ୍ୟ ଜୀବନ ଅଧିକାରୀ ହେବା ପାଇଁ ପ୍ରେରଣା ଯୋଗାଇ ଅନୁପ୍ରାଣିତ କରୁଛି । ଯେପରି ସୀମାହୀନ ମହାସିନ୍ଧୁର ନୀଳ ଜଳରାଶି, ଫେନିଳ ତରଙ୍ଗମାଳା ଅବଲୋକନ କରି ଭାବବିହ୍ୱଳ ହେବା ଛଡ଼ା କାହାର ସାଧ୍ୟ ନାହିଁ ଜଳରାଶିର ଗଭୀରତା ଓ ବିସ୍ତୀର୍ଣ୍ଣତାର ପରିସୀମାକୁ ମାପିବାକୁ । କେବଳ ମାତ୍ର ଭାବନାହୀନ ତନ୍ମୟତାରେ ସାଗରର କୂଳ ଦେଶର ମୃତ ବାଲୁକା ଶଯ୍ୟାରେ ପଦାଚାରଣା କରିବା ଛଡ଼ା ଆଉ କିଛି ସମ୍ଭବ ନୁହେଁ । ପୂର୍ଣ୍ଣବ୍ରହ୍ମ ଶ୍ରୀ ଶ୍ରୀ ପୁରୁଷୋତ୍ତମଙ୍କ ଦିବ୍ୟଲୀଳା ମାଧୁରୀକୁ ଅବତରଣ କରି ଏହା କୁହାଯାଇପାରେ ସାଗରର ମଧ୍ୟ ଶେଷ ଅଛି ସୀମା ମଧ୍ୟ ଅଛି । ତେଣୁ ସାଗର ଅନନ୍ତ ନୁହେଁ କି ଅସୀମ ନୁହେଁ । ଜଣେ ହିଁ ଅନନ୍ତ ଓ ଅସୀମ, ସେ ହେଉଛନ୍ତି ପୁରୁଷୋତ୍ତମ । ଆଶ୍ରିତଜନଙ୍କୁ କୃପା କରି ସସୀମ ରୂପରେ ଲୀଳା ପ୍ରକଟ କରିଛନ୍ତି । ଅବିଭକ୍ତ ବଂଗଭୂମିର ପାବନା ଜିଲ୍ଲାର ଗୋୟାଁଖାନା ନିବାସୀ ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଓ ମାତା ମନମୋହିନୀଙ୍କର କୋଳମଣ୍ଡନ କରିଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର । ସେ ମାହେନ୍ଦ୍ର ମୁହୂର୍ତ୍ତ ଥିଲା ୧୨୯୫ ବଙ୍ଗଳା ସାଲର ଭାଦ୍ରବ ମାସର ୩୦ ଦିନ ଶୁକ୍ଳପକ୍ଷ, ଇଂରାଜୀ ବର୍ଷ ଅନୁଯାୟୀ ୧୮୮୮ ମସିହା। ଜନ୍ମ ହେବାର ନବମ ମାସରେ ଅନ୍ନପ୍ରାଶନ୍ନ ଉତ୍ସବରେ ମାତା ମନମୋହିନୀ ଦେବୀ କବିତାଟିଏ ଲେଖିଥିଲେ ଯାହାର ପ୍ରଥମ ଅକ୍ଷରଗୁଡ଼ିକ ସମ୍ମିଳନରେ ଥିଲା 'ଅନୁକୂଳ'। ଯୁଗ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଭବ ସମୁଦ୍ର ମାନେ ହେବାର ସମୁଦ୍ର, ଚାଲିବାର ସମୁଦ୍ର। ଏହି ସମୁଦ୍ର ମଧ୍ୟରେ ସନ୍ତରଣ କରିବାକୁ ଗଲେ ଡଙ୍ଗାର ଖୁଣ୍ଟି ସହିତ ନିଜକୁ ଅଚ୍ୟୁତ ଅନୁରାଗ ରଜ୍ଜୁରେ ବାନ୍ଧି ନେଇ ଚାଲିବାକୁ ହୁଏ।

ସହପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଶବ ବ୍ୟବଚ୍ଛେଦ ଗୃହକୁ ବିଦ୍ୟୁତ ସଂଯୋଗ ଦାବି



ପାଟଣା, (ମହାଭାରତ) : ଆବଶ୍ୟକ ଶବ ବ୍ୟବଚ୍ଛେଦ ଗୃହ ରେ ବିଦ୍ୟୁତ ସଂଯୋଗ ନ ଥିବା ରୁ ସରକାରୀ ନିୟମ ଅନୁଯାୟୀ ସନ୍ଧ୍ୟା ସମୟ ପରେ ଶବ ବ୍ୟବଚ୍ଛେଦ ହୋଇ ପାରୁ ନାହିଁ। ଏପରି ଦୃଶ୍ୟ କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ରେ ଥିବା ଶବ ବ୍ୟବଚ୍ଛେଦ ଗୃହ ରେ ଦେଖିବାକୁ ମିଳି ଛି । ସୂଚନା ରୁ ପ୍ରକାଶ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ରେ ଥିବା ଶବ ବ୍ୟବଚ୍ଛେଦ ଗୃହ ସ୍ୱାସ୍ଥ୍ୟ କେନ୍ଦ୍ର ମାତ୍ର ପାଞ୍ଚଶହ ମିଟର ବ୍ୟବଧାନ ରେ ରହିଥିବା ବେଳେ ଶବ ବ୍ୟବଚ୍ଛେଦ ଗୃହ ରେ ବିଦ୍ୟୁତ୍ ସଂଯୋଗ ନ ଥିବା ରୁ ଶବ ବ୍ୟବଚ୍ଛେଦ ହୋଇ ପାରୁ ନାହିଁ। ଏହି ଶବ ବ୍ୟବଚ୍ଛେଦ ଗୃହ ଉପରେ ୪୦ କିଲୋମିଟର ପାଟଣା, ଘଟଗାଁ, ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନ ରୁ ବିଭିନ୍ନ ଦୁର୍ଘଟଣା ଜନିତ ମୃତ ବରଣ କରିଥିବା ମୃତଦେହ କୁ ପୋଲିସ ବା ପରିବାର ଲୋକେ ପାଟଣା ଶବ ବ୍ୟବଚ୍ଛେଦ ପାଇଁ ଅଣାଯାଇ ଥିବା ବେଳେ ଶବ ବ୍ୟବଚ୍ଛେଦ ରେ ଘୋର ବାଧାପ୍ରାପ୍ତ ଦେଖିବାକୁ ମିଳୁ ଛି। କାରଣ ଶବ ବ୍ୟବଚ୍ଛେଦ ଗୃହ ରେ ବିଦ୍ୟୁତ ସଂଯୋଗ ନାହିଁ। ଏପଟେ ସରକାର ଆହ୍ୱାନ ସନ୍ଧ୍ୟା ୬ଟା ପରେ ବି ଶବ ବ୍ୟବଚ୍ଛେଦ ପାଇଁ ଅନୁମତି ରହିଥିବା ବେଳେ ଦୁଃଖ ର ବିଷୟ ପାଟଣା ଶବ ବ୍ୟବଚ୍ଛେଦ ଗୃହ ରେ ବିଦ୍ୟୁତ ସଂଯୋଗ ନ ଥିବା ରୁ ମୃତ ଙ୍କ ପରିବାର ସନ୍ଧ୍ୟା ୬ଟା ସମୟ ପରେ ଶବ ନିକଟରେ ପରିବାର ଲୋକେ ପଡି ରହିଥିବା ଦେଖିବାକୁ ମିଳୁଛି । ଏଭଳି ପରିସ୍ଥିତି କୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ଶବ ବ୍ୟବଚ୍ଛେଦ ଗୃହ ରେ ଖୁବ୍ କମ ଦିନ ମଧ୍ୟରେ ବିଦ୍ୟୁତ ସଂଯୋଗ କାର୍ଯ୍ୟକାରୀ କରିବାକୁ ପାଟଣା ଅଞ୍ଚଳ ର ବୁଦ୍ଧି ବିଜୀ,ଜନସାଧାରଣ ଦାବି କରିଛନ୍ତି। ତେବେ ଜିଲ୍ଲା ପ୍ରଶାସନ ଶବ ବ୍ୟବଚ୍ଛେଦ ଗୃହ ରେ କେବେ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟକାରୀ କରିଛି ତାହା ଦେଖିବାକୁ ରହିଲା।

## ଗାମୁଛାରେ ଫାଶୀ ଲଗାଇ ଯୁବକର ଆତ୍ମହତ୍ୟା

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ଥାନା ମୂଷାଖୋରୀ ପଞ୍ଚାୟତ ଅନ୍ତର୍ଗତ ମାଲ୍ଲୀପଶି ଗ୍ରାମରେ ଜଣେ ଯୁବକ ଏକ ମହୁଲ ଗଛ ଡ଼ାଳ ରେ ଗାମୁଛା ରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣ ନାମ ଲିଟୁନ ଭୂମିଜ ବୋଲି ଜଣାପଡି ଛି। ଖବର ପାଇ ପାଟଣା ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ଗଛ ଡ଼ାଳ ରୁ ଯୁବକ ର ମୃତଦେହ ଉଦ୍ଧାର କରି ଶବ ଜବତ କରି ପାଟଣା ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗ ଙ୍କୁ ମୃତଦେହ ହସ୍ତାନ୍ତର କରିବା ସହିତ ଯୁବକ ର ମୃତ୍ୟୁ ନେଇ ପୋଲିସ ତଦନ୍ତ ଜାରି ରଖି ଛି ।

## ଏକ ରାଷ୍ଟ୍ର ଏକ ନିର୍ବାଚନ ମହାବିଦ୍ୟାଳୟରେ ସଚେତନତା ଅଭିଯାନ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟ ଠାରେ ' ଏକ ରାଷ୍ଟ୍ର ଏକ ନିର୍ବାଚନ" ବିଷୟରେ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀ ମାନଙ୍କୁ ଦେଶର ନିର୍ବାଚନ ପ୍ରଣାଳୀ ବିଷୟରେ ବୁଝାଇବା ଯଥା ସମୟ ଓ ସରକାରୀ ଟଙ୍କା ବଞ୍ଚାଇବାର ଲାଭ ବିଷୟ ଓ ଗଣତନ୍ତ୍ରକୁ ଆହୁରି ଶକ୍ତିଶାଳୀ କରିବାରେ ଯୁବଶକ୍ତିର ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ତତ ସହିତ ଏକ ସ୍ୱାକ୍ଷର କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଏ ଅବସରରେ କଲେଜର ଅଧକ୍ଷ ଜୟଦେବ ଗୌଡ଼,ଅଧ୍ୟାପକ ମାନସ ମିଶ୍ର,ଗାଣ୍ଡିକ ହାଡିବନ୍ଧୁ ମହାକୁଡ଼,ସୁଶାନ୍ତ କୁମାର ମହାପାତ୍ର, ସୁଭାଶିଷ ସାହୁ, ଚନ୍ଦନ ରାଉତ ଉପସ୍ଥିତ ଥିଲେ।ଛାତ୍ରଛାତ୍ରୀ ମାନେ ଉତ୍ସାହର ସହିତ ଆଲୋଚନାରେ ଭାଗ ନେଇ ନିଜ ମତାମତ ପ୍ରକାଶ କରିଥିଲେ।ଏପରି କାର୍ଯ୍ୟକ୍ରମ ଦ୍ୱାରା ଯୁବପିଢ଼ି ମଧ୍ୟରେ ରାଷ୍ଟ୍ରୀୟ ଚିନ୍ତାଧାରା ଆହୁରି ମଜବୁତ ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

## ଜଗଦୀଶ ଖରା ହେଲେ କୋରାପୁଟ ଜିଲ୍ଲା କଂଗ୍ରେସ ଉପସଭାପତି

ଲକ୍ଷ୍ମୀପୁର, (ମହାଭାରତ): ଆସନ୍ତା ପଞ୍ଚାୟତ ନିର୍ବାଚନକୁ ନଜରରେ ରଖି କଂଗ୍ରେସ ଦଳ ନିଜ ସଂଗଠନକୁ ଆଉ ମଜବୁତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ କୌଶଳ ଗ୍ରହଣ କରିଛି। ଏହି କ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ଲକ ସଭାପତି ସହ ଅନ୍ୟାନ୍ୟ ପଦପଦବୀରେ ନୂତନ ନିଯୁକ୍ତି କରାଯାଇଛି। ସେଇଭଳି ଭାବେ ଓଡ଼ିଶାର କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ଭାବେ ଯୁବ ନେତା ଜଗଦୀଶ ଖରାଙ୍କୁ ଏଆଇସିସି ପକ୍ଷରୁ ଆଧିକାରିକ ମୋହର ଲଗାଯାଇଛି। ଦୀର୍ଘ ବର୍ଷ ଧରି କଂଗ୍ରେସ ଦଳ ସହିତ ସକ୍ରିୟ ଭାବେ ଜଡିତ ରହି ସଂଗଠନକୁ ଗ୍ରାମସ୍ତରରେ ମଜବୁତ କରିବା ପାଇଁ ଜଗଦୀଶ ଖରା ନିରନ୍ତର ପରିଶ୍ରମ କରିଆସୁଥିଲେ। ତାଙ୍କର ସେଇ ନିଷ୍ଠା, ପରିଶ୍ରମ ଓ ସଂଗଠନାତ୍ମକ କ୍ଷମତାର ସ୍ୱୀକୃତି ସ୍ୱରୂପ ଦଳ ତାଙ୍କୁ ଏତେ ବଡ଼ ଦାୟିତ୍ୱ ସମର୍ପଣ କରିଛି। ଏହି ଖବର ପ୍ରସାର ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ମହୋଲ ଦେଖାଦେଇଛି। କଂଗ୍ରେସ କର୍ମୀ ଓ ସମର୍ଥକମାନଙ୍କ ମଧ୍ୟରେ ଶୁଭେଚ୍ଛା ଓ ଶୁଭକାମନାର ଧାରା ଛୁଟୁଥିବା ଦେଖାଯାଉଛି।

## କିଡ୍ସ ଫୋନ ଫିଟ ପ୍ଲେ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ

ବ୍ରହ୍ମପୁର, (ମହାଭାରତ): ଲୋଚପଡ଼ା ଶକ୍ତିନଗର ସେକଣ୍ଡ ଲେନ୍ ନିକଟରେ ଅବସ୍ଥିତ କିଡ୍ସ ଫନ୍ ଫିଟ୍ ପ୍ଲେ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ମହାଆଡ଼ମ୍ବର ଓ ଉତ୍ସାହର ସହିତ ଆରମ୍ଭ ହୋଇଛି। ତିନି ଦିନ ଧରି ଆୟୋଜିତ ହେଉଥିବା ଏହି କ୍ରୀଡ଼ା ଉତ୍ସବର ପ୍ରଥମ ଦିନର କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବେଶ୍ ଆକର୍ଷିତ କରିଥିଲା।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀ ଏଲ୍. ମହନ ଦାସ ଓ ଅ ବ ସ ର ପ୍ରା । ପ୍ର ଶାରୀରିକ ଶିକ୍ଷା ଶିକ୍ଷକ ଶ୍ରୀ ହରିହର ରାଉତ ଉପସ୍ଥିତ ରହି




ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସ୍କୁଲର ଅଭିଭାବକମାନଙ୍କର ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ଉଜ୍ଜ୍ୱଳ କରିଥିଲା।କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ପିଲାମାନଙ୍କ ଦ୍ୱାରା ସ୍କେଟିଂ ପିନ୍ଧି ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଜିପ୍-ଲାଇନ୍ ମାଧ୍ୟମରେ ପୁଷ୍ପବର୍ଷା। ପରେ ଓଡ଼ିଆ ପାରମ୍ପରିକ ଖେଳ ସହ ଆଧୁନିକ କ୍ରୀଡ଼ା କ୍ରିୟାକଳାପରେ ପିଲାମାନେ ଭାଗ ନେଇ ସେମାନଙ୍କର ଶାରୀରିକ ଓ ମାନସିକ ବିକାଶର ପ୍ରତିଭା ପ୍ରଦର୍ଶନ କରିଥିଲେ, ଯାହା ସମସ୍ତଙ୍କୁ ମନମୁଗ୍ଧ କରିଥିଲା।ସ୍କୁଲର ପ୍ରିନ୍ସିପାଲ୍ ଶ୍ରୀ ବିଭୂତି ଭୂଷଣ ଜେନା, ଶିକ୍ଷୟତ୍ରୀମାନଙ୍କ ମଧ୍ୟରେ କୁମୁଦିନୀ ମହାନ୍ତି, ଷ୍ଟରଞ୍ଜୁଲୁ ଆଚରି, ମୋନାଲିସା ପଟ୍ଟନାୟକ, ମିନି ସିଂ, ଜଗନ୍ନାଥ ପାତ୍ର, ଦ୍ରୌପଦୀ ଜେନା, ଏବଂ କାର୍ଯ୍ୟକ୍ରମର ସଞ୍ଚାଳକ ଶ୍ରୀ କାନୁ ରାଉତଙ୍କ ସୁଦକ୍ଷ ଆଙ୍କରିଂ ସହ ବିଭୂଦେନ୍ଦ୍ର ପ୍ରଧାନ, ବିଜେନ୍ ପ୍ରଧାନ, କେ. ସନ୍ମୁଖାଙ୍କ ସୁଦକ୍ଷ ପରିଚାଳନାରେ ସମଗ୍ର କାର୍ଯ୍ୟକ୍ରମ ସୁସଂଗଠିତ ଓ ସଫଳ ଭାବେ ସମ୍ପନ୍ନ ହୋଇଥିଲା।

# ନିର୍ବାଚନ ପାଇଁ ବାଜିଲା ବିଗୁଲ୍ : ଘୋଷଣାର ଆଠବର୍ଷ ପରେ ଓଡ଼ଗାଁ ଏନ୍‌ଏସି ହେବ ନିର୍ବାଚନ

ଓଡ଼ଗାଁ, (ମହାଭାରତ) : ଓଡ଼ଗାଁ ଏନ୍‌ଏସି ନିର୍ବାଚନକୁ ନେଇ ଲାଗି ରହିଥିବା ସମସ୍ତ କଳ୍ପନା ଜଳ୍ପନା ର ଅନ୍ତ ଘଟିବାକୁ ଯାଉଛି। ରାଜ୍ୟ ସରକାର ନୂଆ ଏନ୍‌ଏସି ଓ ମ୍ୟୁନସିପାଲିଟି ଘୋଷଣା କରିବା ପରେ ଓଡ଼ଗାଁ ଏନ୍‌ଏସି ନିର୍ବାଚନ ପାଇଁ ବାଟ ଫିଟିଛି। ତାଲିକାରେ ୨୮ଟି ଏନ୍‌ଏସି ଓ ୭ଟି ମ୍ୟୁନିସିପାଲିଟିର ମଧ୍ୟରେ ଓଡ଼ଗାଁ ଏନ୍‌ଏସି ନାଁ ରହିଛି। ସୂଚନା ଅନୁଯାୟୀ, ୨୦୧୭ ଅଗଷ୍ଟ ୧୮ ତାରିଖରେ ଓଡ଼ଗାଁ ଏନ୍‌ଏସି ଘୋଷଣା ପରେ ୱାର୍ଡ ପରିବର୍ଦ୍ଧିତ ହେବା ନେଇ ହାଇକୋର୍ଟରେ ମାମଲା ହୋଇଥିଲା।




ହାଇକୋର୍ଟରୁ ମାମଲା ପ୍ରତ୍ୟାହାର ପରେ ସରକାର ନୟାଗଡ଼ ଜିଲ୍ଲାପାଳଙ୍କୁ ୱାର୍ଡ ଓ ଆସନ ତାଲିକା ପ୍ରଦାନ କରିବାକୁ ଚିଠି କରିବା ପରେ ସମସ୍ତ ଆସନ ବଳବତ୍ତର ରଖିବାକୁ ଜିଲ୍ଲାପାଳ ସରକାରଙ୍କୁ ଚିଠି କରିଥିଲେ। ଗତକାଲି ରାଜ୍ୟର ୨୮ଟି ନୂଆ ଏନ୍‌ଏସି ତାଲିକା ମଧ୍ୟରେ ଓଡ଼ଗାଁ ଏନ୍‌ଏସି ନିର୍ବାଚନ ପାଇଁ ବିଗୁଲ ବାଜିଛି। ଓଡ଼ଗାଁର ୧୫ଟି ୱାର୍ଡ ପାଇଁ ସମସ୍ତ ତାଲିକା ସରକାରଙ୍କୁ ପ୍ରଦାନ କରାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଓଡ଼ଗାଁ ଏନ୍‌ଏସି ନିର୍ବାଚନ ପାଇଁ ସବୁ ମହଲରୁ ଦାବି ହୋଇ ଆସୁଥିଲା। ଏହି ଖବର ବାରମ୍ବାର ବିଭିନ୍ନ ଗଣମାଧ୍ୟମ ରେ ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ନଜରକୁ ଆସିଥିଲା। ଏବେ ଓଡ଼ଗାଁ ଏନ୍‌ଏସି ରେ ନିର୍ବାଚନ କରିବାକୁ ସ୍ଥିର କରିଛନ୍ତି। ଓଡ଼ଗାଁରେ ପ୍ରଥମଥର ଏନ୍‌ଏସି ନିର୍ବାଚନ ହେଉଥିବାରୁ ଏନ୍‌ଏସି ଅଞ୍ଚଳ ବାସୀ ନେତା କାହାକୁ ବାଛିବେ ତାକୁ ନେଇ ଚା ଖଟିଠାରୁ ଆରମ୍ଭ ହୋଇ ପାନଦୋକାନରେ ଚର୍ଚ୍ଚା ଆରମ୍ଭହେଲାଣି। ଆଉ ଗୋଟିଏ ପଟେ ସରକାର ବଦଳିବା ପରେ ବିଜେପି ଓ ବିଜେଡି ମଧ୍ୟରେ କଡ଼ା ଟକର ହୋଇପାରେ ବୋଲି ଆଲୋଚନା ହେଉଛି। ଓଡ଼ଗାଁର ୧୫ଟି ୱାର୍ଡ ମଧ୍ୟରୁ ବିଜ୍ଞପ୍ତି ଅନୁଯାୟୀ, ୱାର୍ଡ-୧, ୱାର୍ଡ-୨, ୱାର୍ଡ-୫, ୱାର୍ଡ-୬, ୱାର୍ଡ-୧୦, ୱାର୍ଡ-୧୪ ଏବଂ ୱାର୍ଡ-୧୫ ଅଣସଂରକ୍ଷିତ। ସେହିପରି ୱାର୍ଡ-୩, ୱାର୍ଡ- ୪, ୱାର୍ଡ-୮, ୱାର୍ଡ-୧୧, ୱାର୍ଡ-୧୨ ଏବଂ ୱାର୍ଡ-୧୩ ମହିଳା ସିଟ୍ ହେବା ସହ ୱାର୍ଡ-୭, ଓ ୱାର୍ଡ-୯ ଅନୁସୂଚିତ ଜାତି (ମହିଳା) ରହିଛି।

## ବନ୍ଧୁକ ମୁନରେ ପୁଲିସ କନେଷ୍ଟବଳ ଙ୍କ ମୃତ୍ୟୁ : ପାରିବାରିକ ହତ୍ୟା ନା କିଏ ମାରିଛି ନେଇ ସନ୍ଦେହ, ଜିଲ୍ଲା ପୁଲିସ ଏବଂ ପରିବାର କଥାରେ ରହୁନି ତାଳମେଳ

ନୟାଗଡ଼, (ମହାଭାରତ) : ନୟାଗଡ଼ ରିଜର୍ଭ ପୁଲିସ କ୍ୟାମ୍ପସର ଛାତ ଉପରେ କନେଷ୍ଟବଳ ସୁନୀଲ ସେଠୀଙ୍କ ଆତ୍ମହତ୍ୟା। ନିଜର ସର୍ଭିସ ରିଭଲଭରରୁ ଗୁଳି ଫୁଟାଇ କରିଛନ୍ତି ଆତ୍ମହତ୍ୟା। ପାରିବାରିକ ଚାପ ରୁ ଆତ୍ମହତ୍ୟା କରିଥିବା ନେଇ ସୂଚନା। ୨୦୨୩ ମସିହାରେ ସେ ପୁଲିସ ଚାକିରୀ କରିଥିଲେ। ସୁନିଲ୍‌ଙ୍କ ଘର ଓଡ଼ଗାଁ ଥାନା ବେରୁଆଁବାରି ଗାଁ ରେ ବୋଲି ଜଣାପଡ଼ିଛି। ସୁନିଲ୍ ବହୁ ଦିନ ହେବ ବଡ ଭାଇ ର ସାଳୀଙ୍କୁ ଭଲ ପାଇ ଆସୁଥିଲେ। ଭଲ ପାଉଥିବା ଝିଅ ଙ୍କ ସହ ବିବାହ ହୋଇ ଥାନ୍ତା ସୁନିଲ୍ ଙ୍କର। ଗତ ୨୧ ତାରଖରେ ମଧ ବିବାହ ପାଇଁ ନିର୍ବନ୍ଧ ସାରିଥିଲା। କିନ୍ତୁ ଏହି ବାହାଘର କୁ ପରିବାର ଲୋକ ଚାହୁଁ ନଥିଲେ। ବାହାଘର ପାଇଁ ସାଢେ ନଅ ଲକ୍ଷ ଟଙ୍କା ଲୋନ କରି ଥିଲେ ସୁନୀଲ୍। ମୃତ୍ୟୁ ପୂର୍ବରୁ ସୁନିଲ ନିଜର ପ୍ରେମିକା ଙ୍କୁ ମେସଜ୍ ମାଧ୍ୟମରେ ସେଶ କଥା କହିଛନ୍ତି କି ଆମ ଭଲ ପାଇବାରେ କାହାର ନଜର ଲାଗିଗଲା। ତୁମେ ମତେ ଆଉ ଖୋଜିବନି। ଭଲରେ ରହିବ ବୋଲି ମେସଜ୍ ମାଧ୍ୟମରେ ନିଜର ପ୍ରେମିକା ଙ୍କୁ ଏହି ଶେଷ କଥା କହିଛନ୍ତି ସୁନିଲ୍। ରିଜର୍ଭ ପୋଲିସ କ୍ୟାମ୍ପସର ଛାତ ଉପରେ କନେଷ୍ଟବଳ ସୁନୀଲ ସେଠୀଙ୍କ ନିଜର ସର୍ଭିସ ରିଭଲଭରରେ ଆତ୍ମହତ୍ୟା କରିବା ପରେ ନୟାଗଡ଼ ଟାଉନ୍ ଥାନା ପକ୍ଷରୁ ସୁନିଲ୍ ଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପଠାଇବା ସହ ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ଘଟଣା ର ତଦନ୍ତ ଆରମ୍ଭ କରିଛି। ସୁନିଲ୍ ଆତ୍ମହତ୍ୟା କରିଥିବା ସର୍ଭିସ ରିଭଲଭର, ଗୁଳି ଓ ମୋବାଇଲ କୁ ଜବତ କରିଛି ନୟାଗଡ଼ ଟାଉନ ଥାନା ପୋଲିସ। ସୁନିଲ୍ ଙ୍କ ଆତ୍ମହତ୍ୟା କୁ ତାଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରୁନଥିବା ବେଳେ ପୁଲିସ ପାରିବାରିକ ଚାପ ରୁ ଆତ୍ମହତ୍ୟା କରିଥିବା ନେ କହୁଥିବା ଜଣାପଡିଛି। ଯାହାକୁ ନେଇ ସୁନିଲ୍ ଙ୍କ ପରିବାର ଲୋକେ ଖଣ୍ଡନ କରିବା ସହ ପୁଲିସ ରିଜର୍ଭ ବ୍ୟାରକରେ କେହି ତାଙ୍କୁ ମିରୀ ଦେଇଥିବା ନେଇ ଅଭିଯୋଗ କରିଛନ୍ତି। ନୟାଗଡ଼ ପୁଲିସ କହୁଥିବା କଥା କି ସୁନିଲ୍ ନିଜ ପାରିବାରିକ ଚାପ ରେ ଜୀବନ ହାରିଛି ଯାହାକୁ ସୁନିଲ୍ ଙ୍କ ପରିବାର ପକ୍ଷରୁ ଖଣ୍ଡନ କରାଯାଇଛି କି ପରିବାର ଲୋକଙ୍କ କହିବାନୁସାରେ ସୁନିଲ୍ ଙ୍କୁ ପୁଲିସ ରିଜର୍ଭ ବ୍ୟାରକରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ନୟାଗଡ଼ ଜିଲ୍ଲା ପୁଲିସ ଏବଂ ସୁନିଲ୍ ଙ୍କ ପରିବାର ମଧ୍ୟରେ ବିବାଦ ବଢ଼ାଇଛି। କିଏ କହୁଛି ସତ। ଏବେ ପୁଲିସ ର ତଦନ୍ତ ପୁପରେ ପ୍ରଶ୍ନବାଚୀ ସୃଷ୍ଟି। ଆଗକୁ ଦେଖାଯାଏ ପୁଲିସ ତଦନ୍ତ କେଉଁ ମୋଡ଼ ନେଉଛି।

## ଆଦିଦେବ ଏଣ୍ଟରଟେନମେଣ୍ଟ ପକ୍ଷରୁ ସାଂସ୍କୃତିକ ମହୋତ୍ସବ

ପାରାଦୀପ, (ମହାଭାରତ) : ପାରାଦୀପର ଆଦିଦେବ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ବୁଧବାର ଦିନ ଏକ ନିଆରା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରଥମ ଥର ପାଇଁ ପାରାଦୀପରେ ପାରାଦୀପ କୁଇନ୍, ପାରାଦୀପ ପରୀ ଭଳି ଏକ ସୁନ୍ଦର କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ସଫଳତା ହାସଲ କରିଥିବା ପ୍ରତିଯୋଗୀମାନେ ମହା ଫାଇନାଲକୁ ଉନ୍ନୀତ ହୋଇଥିଲେ। ମହା ଫାଇନାଲ ମୁକାବିଲା କାର୍ଯ୍ୟକ୍ରମରେ ମୁଖ୍ୟଥିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ, ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ସଚୀବ କ୍ରିଷ୍ଣା ବାପି ରାଜୁ ଯୋଗ ଦେଇଥିଲେ। ବିଚାରକ ଭାବେ ପ୍ରତିଷ୍ଠିତ



ସିନେ ତାରକା ଅଶ୍ରୁମୋଚନ ମହାନ୍ତି, ବବି ମିଶ୍ର, ଅଭିନେତ୍ରୀ ପ୍ରିୟଙ୍କା ପ୍ରମୁଖ ଯୋଗ ଦେଇଥିଲେ । ମଂଚରେ ଚିତାକର୍ଷକ ସଂଯୋଜନା କରିଥିଲେ ପୁପିନ୍ଦର । ବିଜେତାମାନଙ୍କୁ ପାରାଦୀପ ବନ୍ଦର ସଚୀବ କ୍ରିଷ୍ଣା ବାପି ରାଜୁ ପୁରସ୍କୃତ କରିଥିଲେ। ଆଦିଦେବ ଏଣ୍ଟରଟେନ୍‌ମେଣ୍ଟ ର ଅଧ୍ୟକ୍ଷା ବନ୍ଦିତା ଶୁଭଦର୍ଶିନୀ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାର ସଫଳତାକୁ ଅତିଥି, ବିଚାରକଙ୍କ ସମେତ ବନ୍ଦର ଅନ୍ତେବାସୀ ଉଚ୍ଚ ପ୍ରଶଂସା କରିଛନ୍ତି। ପାରାଦୀପ ଭଳି ବନ୍ଦର ତଥା ଶିଳ୍ପ ସହରରେ ଏଭଳି ସଫଳ ଆୟୋଜନ ଆଗାମୀ ଦିନରେ ଏକ ଭଲ ବାତାବରଣ ସୃଷ୍ଟି କରିବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷା ଶ୍ରୀମତୀ ପଟ୍ଟନାୟକ କହିଥିଲେ।

## ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ୪୦ତମ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ

ପାରାଦୀପ, (ମହାଭାରତ) : ଗୁରୁବାର ଦିନ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ୪୦ତମ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏହି ପୁଷ୍ପ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ । ଉପାଧ୍ୟକ୍ଷ ଟି.ଭେନୁ ଗୋପାଳ, ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କ ଉପସ୍ଥିତିରେ ଏହି ପ୍ରଦର୍ଶନୀ ଉଦଘାଟିତ ହୋଇଥିଲା । ଦେଶର ଏକ ଅଗ୍ରଣୀ ସବୁଜ ବନ୍ଦର ପାରାଦୀପ ବନ୍ଦର ସହରକୁ ସବୁଜିମାରେ ଭରୀ ଦେବା ପାଇଁ ବନ୍ଦର କର୍ତ୍ତୃପକ୍ଷ ସବୁବେଳେ କାର୍ଯ୍ୟ କରିଚାଲିଛନ୍ତି । ଗତ ବର୍ଷ ୧୨୬ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ବେଳେ ଚଳିତ ଥର ଏଥିରେ ବୃଦ୍ଧି ପାଇ ୧୫୦ରେ ପହଂଚିବା ନିଶ୍ଚିତ ଏକ ଶୁଭ ଲକ୍ଷ୍ୟଣ ବୋଲି ବିବେଚନା କରାଯାଉଛି। ବିଭିନ୍ନ କିସମର ଦେଶୀ ଫୁଲ, ଶଙ୍କର ଜାତୀୟ ଫୁଲ ଓ ଫଳର ସମ୍ଭାର ଚଳିତ ଥର ଦେଖିବାକୁ ମିଳିଥିଲା । ଘରୋଇ ଓ ଅନ୍ୟାନ୍ୟ ସ୍ଥାନରେ ଫୁଲ ଗଛ ଲଗାଇଥିବା ବ୍ୟକ୍ତି ବିଶେଷ ଏହି



ପ୍ରଦର୍ଶନୀରେ ସାମିଲ ହୋଇଥିଲେ । ପାରାଦୀପ ବନ୍ଦରର ବିଭିନ୍ନ ସ୍ଥାନରେ ୨୪ ଗୋଟି ପାର୍କ ରହିଛି । ଏହାର ରକ୍ଷଣାବେକ୍ଷଣର ଭାର ବନ୍ଦର କର୍ତ୍ତୃପକ୍ଷ ବହନ କରୁଛନ୍ତି । ପାରାଦୀପ ବନ୍ଦରାଂଚଳରେ ଗତ ଚାରି ବର୍ଷରେ ପାଖାପାଖି ୫ଲକ୍ଷ ବୃକ୍ଷରୋପଣ କରାଯାଇଥିବା ନେଇ ଅଧ୍ୟକ୍ଷ ଶ୍ରୀ ହରନାଦ ସୂଚନା ଦେଇଥିଲେ । ଚଳିତ ଜୁନ୍ ମାସରୁ ଜୁଲାଇ ମାସ ମଧ୍ୟରେ ଏକ ଲକ୍ଷ ଚାରାରୋପଣର ଲକ୍ଷ୍ୟ ରଖାଯାଇଛି । ଦେଶର ସମସ୍ତ ବନ୍ଦରମାନଙ୍କୁ ପଛରେ ପକାଇ ପାରାଦୀପ ବନ୍ଦର ଏହି ସବୁଜ ବଳୟ ସୃଷ୍ଟି କରି ପାରିଛି । ଷଣ୍ଢକୁଦଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ରାସ୍ତାକଡରେ ସବୁଜ ବଳୟ ସୃଷ୍ଟି କରି ସମସ୍ତଙ୍କ ଦୃଷ୍ଟିଗୋଚର କରିଚି ପାରାଦୀପ ବନ୍ଦରର କାର୍ଯ୍ୟ । ଶେଷରେ ସଫଳତା ହାସଲକାରୀଙ୍କୁ ମୁଖ୍ୟଅତିଥି ଶ୍ରୀ ହରାନଦ ପୁରସ୍କୃତ କରିଥିଲେ ।

## ପ୍ରଥମ ଚଣାହଟ୍ଟା ପ୍ରିମୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟନ

ବାଲିପାଟଣା (ମହାଭାରତ ) : ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ଜନ ବିଦ୍ୟାମନ୍ଦିର ଚଣହଟ୍ଟା ହାଇସ୍କୁଲ ପଡିଆ ରେ ପ୍ରଥମ ଚଣାହଟ୍ଟା ପ୍ରିମୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି । ମୁଖ୍ୟ ଅତିଥି ଭାବେ ବାଲିପାଟଣା ବ୍ଲକ ବିଡ଼ିଓ ଶୁଭ୍ରାଂଶୁ ଶେଖର ପାଢ଼ୀ ଓ ସମ୍ମାନୀତ ଅତିଥି ଭାବେ ଯୁବ ନେତା ସତ୍ୟନାରାୟଣ ଖଟେଇ , ଚଣାହଟ୍ଟା ହାଇସ୍କୁଲ ପ୍ରଧାନଶିକ୍ଷୟତ୍ରୀ ଜ୍ୟୋସ୍ନା ରାଣୀ ଦାଶ , ଅଜିତ ପାଇକରାୟ , ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା , ସରପଞ୍ଚ ବାହାନ ଭୋଇ ,ମାନସ ପଣ୍ଡା , ସତ୍ୟଜିତ ରାୟ , ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ସାହାଣୀ , ଅମୁଲ୍ୟ ପ୍ରଧାନ , ବସନ୍ତ କୁମାର ଦାଶ , ଶିଶୁ ଅନନ୍ତ ପ୍ରେସ କ୍ଲବ ସମ୍ପାଦକ ଆଶୁତୋଷ ଚୌଧୁରୀ ପ୍ରମୁଖ ଟୁର୍ନାମେଣ୍ଟରେ ଯୋଗଦେଇଥିଲେ । ଶିଶୁ ଅନନ୍ତ ପ୍ରେସ କ୍ଲବ ତରଫରୁ ଭାଗ ନେଇ ଥିବା ପାଞ୍ଚଟି ଦଳ ଓ ଅତିଥି ମାନଙ୍କୁ ମାନପତ୍ର ,ଉତ୍ତରୀୟ ଓ ପୁଷ୍ପ ବୃକ୍ଷ ଦେଇ ସମ୍ମାନିତ କରାଯାଇଥିଲା ! ଟୁର୍ନାମେଣ୍ଟ ରେ ଅଂଶ ଗ୍ରହଣ କରିଥିବା ୫ ଟି ଦଳ ମଧ୍ୟରେ ଭୁବାସିନୀ ବ୍ଲାଷ୍ଟରସ୍ , ଏସ ଏମ୍ ଜାଗୁଆରସ , ବାବା ସିଧେଶ୍ୱର ସ୍କାଏ ହିଟରସ୍ , ନୀଳକଣ୍ଠ ବୁଲସ୍ , ତାରିଣୀ ୱାରୀୟର୍ସ ।

# କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର: ଭିତିଭୂମି ପରଖିଲେ କୟାକଳ୍ପ ଟିମ

କୃଷ୍ଣପ୍ରସାଦ, (ମହାଭାରତ) : ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡ଼ ମନୋରଞ୍ଜନ ହାତିଙ୍କ ନେତୃତ୍ୱରେ ଆସିଥିବା କୟାକଳ୍ପ ଦଳ ଗୁରୁବାର କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଟିମ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ବିଭାଗର କୋଠରୀ ସହ ଅସ୍ତ୍ରୋପଚାର ଗୃହ, ଲେବର ରୁମ୍, ରୋଗୀ ଶଯ୍ୟା, ସୁରକ୍ଷା ପାଚେରୀ, ଅଳିଆ ଆବର୍ଜନା କୁଣ୍ଡ, ନିରାମୟ ଏବଂ ଡ୍ରେନେଜ ବ୍ୟବସ୍ଥା ନିରୀକ୍ଷଣ କରିଥିଲେ। ସୂଚନା ଯୋଗ୍ୟ ୨୦୧୫ରୁ ରାଜ୍ୟ ସରକାର ଭିତିଭୂମି ଏବଂ ପରିମଳ ବ୍ୟବସ୍ଥାକୁ ଅନୁଧ୍ୟାନ କରି ଡାକ୍ତରଖାନା ଗୁଡ଼ିକୁ ପୁରସ୍କାର ରାଶି ଦେବାର ବ୍ୟବସ୍ଥା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସ୍ୱତନ୍ତ୍ର ଟିମ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତିଭୂମିକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରୁଛନ୍ତି। କାୟାକଳ୍ପ ଟିମର ଗସ୍ତକୁ ଆଖି ଆଗରେ ରଖି ସ୍ୱାସ୍ଥ୍ୟ କେନ୍ଦ୍ର ପରିସର, ହର୍ବାଲ ଗାଡେନ, ରୋଗୀ ଶଯ୍ୟା, କାନ୍ଥକୁ ପରିଷ୍କାର କରାଯିବା ସହିତ ବିଭିନ୍ନ ରଙ୍ଗରେ ଚିତ୍ରିତ କରି




ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଟିମ ସଦସ୍ୟ ମାନେ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ବିଭାଗକୁ ଅନୁଧ୍ୟାନ କରି ଖୁସି ବ୍ୟକ୍ତ କରିବା ସହିତ ପୁରୀ ଜିଲ୍ଲାର ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକୁ ଦେଖି ସାରିବା ପରେ କେଉଁଟି ଉନ୍ନତମାନର ଜଣାପଡିବ ବୋଲି କହିଛନ୍ତି। ସାଧାରଣତଃ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ, ରୋଗୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଲେ ଡାକ୍ତରଖାନା ପରିବେଶ ସ୍ୱଚ୍ଛ, ସୁନ୍ଦର ଏବଂ ସବୁଜିମାରେ ପରିଣତ ହେବ ବୋଲି ଟିମର ସଦସ୍ୟ ମାନେ ସୂଚନା ଦେଇଥିଲେ। ଚଳିତ ବର୍ଷ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ବିଭିନ୍ନ ବିଭାଗରେ ଉନ୍ନତ ମାନର କାର୍ଯ୍ୟ କରିବା ସହିତ ପରିବେଶକୁ ଉନ୍ନତ କରିଛନ୍ତି ବୋଲି କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ଼ ନବ କିଶୋର କର ପ୍ରକାଶ କରିଛନ୍ତି। ଏହି କାୟାକଳ୍ପ ଟିମ ସଦସ୍ୟ ଡ଼. ମନୋରଞ୍ଜନ ହାତି, ଜିଲ୍ଲା କୀଟ ତତ୍ତ୍ୱ ବିଶାରଦ ବିଜନ କୁମାର ପାତ୍ର,ପିଏମଆଇ ରାଜ୍ୟ ପ୍ରୋଗ୍ରାମ ଅଫିସର ରୁବି ରାଉତ,ଜିଲ୍ଲା ଆଶା ସହକାରୀ ପରିଚାଳକ ଅଶୋକ କୁମାର ସାହୁ, ରାଜ୍ୟ ମାତୃ ମଙ୍ଗଳ ପରିଚାଳନା ବିଭାଗର ସୌମ୍ୟଶ୍ରୀ ମହାପାତ୍ର ପ୍ରମୁଖ ପରିଦର୍ଶନ କରିଥିଲେ।, କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ଼ ନବ କିଶୋର କର, ଡ଼ ସୁଜ୍ଞାନୀ ମହାରଣା, ଡ଼ ନିବେଦିତା ରାୟ ବକ୍ସି,ବିପିଏମ ଦେବାଶିଷ ମିଶ୍ର, ଚିକିତ୍ସାଳୟ ବିତ୍ତ ପରିଚାଳକ ସଂଜୀତ କୁମାର ସୁନ୍ଦରାୟ, ଫାର୍ମାସିଷ୍ଟ ତାପସ ବେହେରା, ଅଜୟ କୁମାର ରଣା, ଷ୍ଟାପ ନର୍ସ ମୁକ୍ତା କିଷାନ, ବିଶ୍ୱ ଭାରତୀ ବେହେରା, ସୁନିତା ବେହେରା, ସୁଶାନ୍ତ କୁମାର ପଣ୍ଡା,ସୁନୀଲ କୁମାର ଜେନା, ସୁଶାନ୍ତ କୁମାର ଦଳେଇ ସମେତ ଚିକିତ୍ସାଳୟର ସମସ୍ତ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ଏରେଣ୍ଡେଇ ପଞ୍ଚାୟତ ହାଇସ୍କୁଲରେ ବାର୍ଷିକ ଉତ୍ସବ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ହାଇସ୍କୁଲ ର ୨୩ତମ ବର୍ଷିକ ଉତ୍ସବ ପାଳିତ ଛି। କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ସହଦେବ ମହାନ୍ତ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଏରେଣ୍ଡେଇ ପଞ୍ଚାୟତର ସରପଞ୍ଚ ପାର୍ବତୀ ଦେହୁରୀ ଯୋଗଦାନ କରିଛନ୍ତି। ମୁଖ୍ୟବକ୍ତା ଭାବେ ଏବିଇଓ ପ୍ରକାଶ କୁମାର ରାୟ ଯୋଗ ଦେଇ ଛନ୍ତି। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତ, ପରିଚାଳନା କମିଟି ସଭାପତି ନୃସିଂହ ବେଜ, ସିଆରସିସି ଶୈଳେନ୍ଦ୍ର କୁମାର ମହାନ୍ତ ପ୍ରମୁଖ ଯୋଗଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମ କୁ କୈଳାସ ଚନ୍ଦ୍ର ମହାନ୍ତ ପରିଚାଳନା କରିଥିବା ବେଳେ ଅତିଥି ପରିଚୟ ସହକାରୀ ଶିକ୍ଷକ ଶ୍ରୀନିବାସ ଶତପଥୀ କରିଛନ୍ତି। ବିଦ୍ୟାଳୟ ପକ୍ଷ ରୁ ପ୍ରତିଯୋଗିତା ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ଶିକ୍ଷକ ସତ୍ୟନାରାୟଣ ମହାନ୍ତ, ମନୋରଞ୍ଜନ ମହାନ୍ତ, ଲକ୍ଷ୍ମଣ କୁମାର ମହାନ୍ତ, ସଂସ୍କୃତ ଶିକ୍ଷକ ଲକ୍ଷ୍ମଣ କୁମାର ମହାନ୍ତ ପ୍ରମୁଖ ସଂପୂର୍ଣ୍ଣ ସହଯୋଗ କରିଛନ୍ତି।

## କୂଅରୁ ଅଜଣା ବ୍ୟକ୍ତି ଉଦ୍ଧାର

ଦେବଗଡ଼, (ମହାଭାରତ) : ଗୁରୁ ବାର ଦିନ ସନ୍ଧ୍ୟାରେ ବାରକୋଟ ଦମକଳ ବାହିନୀ ଦ୍ଵାରା କଲା ନିକଟସ୍ତ ଖଡିନାଲି ବୁନୁ ସାହୁଙ୍କ କୁପରୁ ଜଣେ ଅଜଣା ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ଦେବଗଡ ଜିଲ୍ଲା ବାରକୋଟ ଥାନା ଅନ୍ତର୍ଗତ ଖଳିନାଳୀ ଗ୍ରାମର ବନବାସୀ ସାହୁ (ବୁନୁ) କଲା ନିକଟସ୍ତ ଖଡ଼ିନାଳୀ,ନୁଆଁ ଘର କାର୍ଯ୍ୟ କାମ ଚାଲିଥିବା ବେଳେ, ହାତ ଧୋଇ ହେବା ପାଇଁ ଆଜି ପ୍ରାୟ ଅପରାହ୍ନ ସାଢେ ୩ଟା ସମୟ ରେ ନିଜ ବାଡି କୁଅଁକୁ ଯାଇଥିଲେ ହଠାତ ଏକ ଉଲଗ୍ନ ବ୍ୟକ୍ତି ଜଣକୁ ଦେଖି ତୁ କିଏ ପଚାରିଥିଲେ। ଅଜଣା ବ୍ୟକ୍ତି ଜଣକ ବାରକୋଟ ଅଞ୍ଚଳର ହୋଇନଥିବା ବେଳେ କାର୍ଯ୍ୟ କରୁଥିବା ମିସ୍ତ୍ରୀ ମାନଙ୍କୁ ଡାକିବା ପୂର୍ବରୁ ବ୍ୟକ୍ତି ଜଣକ କୁଅଁରେ ଡେଇଁପଡ଼ିଥିଲେ, ଘର ମାଲିକ ସଙ୍ଗେ ସ୍ଥାନୀୟ ଲକଙ୍କୁ ଖବର ଦେବା ସହ ବାରକୋଟ ପୋଲିସ, ଦମକଳବାହୀଙ୍କୁ ଖବର ଦେଇଥିଲେ, ଘଟଣା ସ୍ଥଳେ ବାରକୋଟ ପୋଲିସ,ଦମକଳବାହୀ ପହଂଚି ଉଦ୍ଧାର କାର୍ଯ୍ୟ କରିବା ସମୟରେ ଅଜଣା ବ୍ୟକ୍ତି ଜଣକ ଉଉକ୍ଷେପ ହୋଇ ବହୁ ବାଧା ସୃଷ୍ଟି କରୁଥିଲା, ଫଳରେ ଦମକଳବାହୀର ତିନି ଘଣ୍ଟା ପରିଶ୍ରମ ପରେ ଉଦ୍ଧାର କାର୍ଯ୍ୟ ସଫଳ ହୋଇ ପୋଲିସ କୁ ହସ୍ତାନ୍ତର କରି, ଆମ୍ବୁଲାନ୍ସ ଦ୍ଵାରା ବାରକୋଟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ବ୍ୟକ୍ତି ଜଣକ ସୁନ୍ଦରଗଡ଼ ଜିଲ୍ଲାର ବ୍ରଜରାଜ ନଗର ଅଂଚଳର ବୋଲି ଜଣା ପଡିଛି।ସ୍ଥାନରେ ବାଇକ ଚୋର ବୋଲି ଚର୍ଚ୍ଚା ହେଉଥିବା ବେଳେ, ବ୍ୟକ୍ତି ଜଣଙ୍କର ମାନସିକ ଅବସ୍ଥା ଠିକ ନଥିବାର ବାରକୋଟ ଥାନା ଭାର ପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ଦଳେଇ ଫୋନ୍ ଦ୍ଵାରା ସୂଚନା ଦେଇଛନ୍ତି।

## ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଏକ ସଫେଇ ଏବଂ ବୃକ୍ଷ ରୋପଣ

କଳାହାଣ୍ଡି, (ମହାଭାରତ) : ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ମଦନ ମୋହନ ମନ୍ଦିର ପରିସରରେ ସୁନ୍ଦର ବାତାବରଣ ସୃଷ୍ଟି କରିବାର ଏକ ପ୍ରଚାର ଅଭିଯାନ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ହୋଇଯାଇଛି। ମନ୍ଦିର ପ୍ରାଙ୍ଗଣରେ ଏକ ସୁସ୍ଥ ଓ ସବୁଜ ବାତାବରଣ ସୃଷ୍ଟି ଉଦେଶ୍ୟରେ ଚେଷ୍ଟା ଉରଝ (ଉରଭଙ୍ଗକ୍ଷର ଲକ୍ଟକ୍ସ ରଭଙ୍ଗସକ୍ଟକ୍ସଙ୍କରଭଙ୍ଗ ଙ୍ଗଙ୍ଗଙ୍କୟଚ) ଓଡିଶା ସରକାର ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ଦିର ସୁରକ୍ଷା କମିଟିର ସଭାପତି ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାଶ, ଭବାନୀପାଟଣା ବ୍ଲକ ଶିକ୍ଷା ଅଧୀକାରୀ ଆଚାରୀ ଶବର ଓ. ଇ.ଏସ(୨), ଅତିରିକ୍ତ ବ୍ଲକ ଶିକ୍ଷା ଅଧୀକାରୀ ଜଗଦୀଶ ମୁଣ୍ଡ, ଅବସର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶ୍ରୀଯୁକ୍ତ ରବୀନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଘଉଉ ଏବଂ ସ୍କାଉଟ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ବିଦ୍ୟାଳୟରୁ ବାହାରି ମନ୍ଦିର ପରିସର ମଧ୍ୟରେ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ନିମନ୍ତ୍ରିତ ଅତିଥି ମନ୍ଦିର କମିଟି ସଦସ୍ୟ ଏବଂ ଛାତ୍ରଛାତ୍ରୀ ମାନଙ୍କ ଦ୍ଵାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା । ନିମନ୍ତ୍ରିତ ଅତିଥିବୃନ୍ଦ ଛାତ୍ରଛାତ୍ରୀ ମାନଙ୍କୁ ପରିବେଶ ସମ୍ବନ୍ଧୀୟ ଉପାଦେୟ ତଥ୍ୟ, ବୃକ୍ଷରୋପଣର ଆବଶ୍ୟକତା, ପରିଷ୍କାର ପରିଚ୍ଛନ୍ନତା ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରିଶେଷରେ ଛାତ୍ରଛାତ୍ରୀମାନଙ୍କୁ ସୁସ୍ଥ ଏବଂ ସୁନ୍ଦର ପରିବେଶର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ରାଜୁ କୁମାର ସାହୁ, ଦେବୀ ପ୍ରସାଦ ଆଚାରୀ, ଆଶୁତୋଷ ଦୁବେ, ଜଗମୋହନ ବିଶ୍ୱାଳ, ଉଦିତ ପ୍ରତାପ ସିଂ ଓ ତିଲୋତ୍ତମ ବାରିକ ଯୋଗଦାନ ଓ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥଲେ।

## ଆମ ଅଙ୍ଗନୱାଡ଼ି କେନ୍ଦ୍ରରେ ରଙ୍ଗବୋଳି ମିଥ୍ୟା ବିଲ ଉଦ୍ୟମକୁ ଗ୍ରାମବାସୀଙ୍କ ବିରୋଧ

ବାଲିଚନ୍ଦ୍ରପୁର, (ମହାଭାରତ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଂଚାୟତସ୍ଥିତ ଦକ୍ଷିଣ କଳାଶ୍ରୀ ଗ୍ରାମରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ୨୦୦୦ ମସିହାରୁ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରଟି ଆରମ୍ଭ ହୋଇଥିବା ବେଳେ ପ୍ରଥମେ ବିଦ୍ୟାଳୟ ବାରଣ୍ଡା ଓ ପରେ ବିଦ୍ୟାଳୟର ଏକ ଶ୍ରେଣୀ ଗୃହରେ ଚାଲୁଥିଲା। ପରବର୍ତ୍ତି ପର୍ଯ୍ୟାୟରେ ଏହି କେନ୍ଦ୍ର ପାଇଁ ସରକାରୀ ଅର୍ଥ ମଞ୍ଜୁର ହୋଇ ତାର ନିଜସ୍ୱ ଗୃହ ନିର୍ମାଣ କରାଯାଇଥିଲା। ୨୦୨୩ ମସିହାରେ ଉକ୍ତ ଗୃହକୁ ସମ୍ପୂର୍ଣ୍ଣ ଭାବେ ତିଆରି କରି ହସ୍ତାନ୍ତର କରିଥିଲେ। ପୂର୍ବରୁ ବିଦ୍ୟାଳୟରେ କବାଟ ଝରକା, ରୋଷେଇ ଘର ରଙ୍ଗ କାର୍ଯ୍ୟ, ଟାଇଲ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ହସ୍ତାନ୍ତର ହୋଇଥିଲା ବେଳେ ବର୍ତ୍ତମାନ ଏଥିରେ କୌଣସି ମରାମତ କିମ୍ବା ରଙ୍ଗ କାର୍ଯ୍ୟ ଆବଶ୍ୟକ ନଥିବା ଦେଖାଯାଇଛି। ଏହି କେନ୍ଦ୍ର ପାଇଁ ଏବେ ସରକାରଙ୍କ ପକ୍ଷରୁ ମମତା ଗୃହ ଓ ମରାମତ ପାଇଁ ପ୍ରାୟ ୪ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଛି। ଏହି ଅର୍ଥକୁ ଆତ୍ମସାତ କରିବା ପାଇଁ ସମ୍ପୃକ୍ତ କେନ୍ଦ୍ରରେ ଗୋପାଳପୁର ଗ୍ରାମର ଉତ୍ତମ ଦାସ ଏବଂ ଅନ୍ୟକିଛି ଲୋକଙ୍କ ସହ ପଂଚାୟତ ଦାୟିତ୍ୱରେ ଥିବା ଜେ.ଇ ଙ୍କୁ ସାଥିରେ ନେଇ ମାପଚୁପ ଆରମ୍ଭ କରି ବିଲ କରିବା ପାଇଁ ଯୋଜନା କରିଥିବା ବେଳେ ସ୍ଥାନୀୟ ଲୋକେ ଏହାର ବିରୋଧ କରିବାରୁ ସେମାନଙ୍କ ମଧ୍ୟରେ ବଚସା ହେବା ପରେ ମାପନକରି ଜେ.ଇ ମହାଶୟା ସେଠାରୁ ଚାଲିଯାଇଥିଲେ। ପରବର୍ତ୍ତି ଅବସ୍ଥାରେ ଘଟଣାକୁ ନେଇ ଗ୍ରାମବାସୀଙ୍କ ନାମରେ ଉତ୍ତମ ଦାସ ଥାନାର ଦ୍ଵାରସ୍ତ ହେବା ପରେ ଗ୍ରାମବାସୀଙ୍କ ପକ୍ଷରୁ ଉତ୍ତମ ଦାସଙ୍କ ନାମରେ ପ୍ରତି ଅଭିଯୋଗ ଦିଆଯାଇଛି। ତେବେ ଏହି ଘଟଣାକୁ ନେଇ ଜେ.ଇ ଜଣଙ୍କ ବଡ଼ଚଣା ବି.ଡ଼ି.ଓ ଙ୍କୁ ଅବଗତ କରାଇଥିଲେ। ବଡ଼ଚଣା ବି.ଡ଼ି.ଓ ରବିନ୍ଦ୍ର କୁମାର ପ୍ରଧାନ ଜେ.ଇ ଙ୍କ ତରଫରୁ ଦିନକ ପରେ ବାଲିଚନ୍ଦ୍ରପୁର ଥାନାରେ ପଂଚାୟତ ସମିତି ପତ୍ରସଂଖ୍ୟା ୫୨୧/୩୦.୦୧.୨୦୨୬ରେ ଚିଠି କରି ମାମଲା ରୁଜୁ ପାଇଁ କହିଥିଲେ। ଏ ସଂକ୍ରାନ୍ତରେ ବାଲିଚନ୍ଦ୍ରପୁର ଥାନାରେ ତିନୋଟି ପୃଥକ ପୃଥକ ମାମଲା ରୁଜୁ ହୋଇ ତଦନ୍ତ ଜାରିରହିଛି। ତେବେ ଘଟଣା ସମ୍ପର୍କରେ ଜେ.ଇ ପୁଷ୍ପାଞ୍ଜଳି ସାହୁଙ୍କୁ ଯୋଗାଯୋଗ କରିବାରେ ଘଟଣା ଘଟିଛି ମାତ୍ର ଗ୍ରାମବାସୀ ମାନେ ଉଚାସ୍ୱରରେ ପ୍ରତିବାଦ କରିବାରୁ ମୁଁ ସେଠାରୁ ପଳାଇଆସି ବି.ଡ଼ି.ଓ ଙ୍କୁ ଅବଗତ କରାଇଥିଲି। ମାତ୍ର ମାମଲା ପାଇଁ କହିନଥିଲି ବୋଲି ପ୍ରକାଶ କରିଛନ୍ତି। ତେବେ ବଡ଼ଚଣା ବିଡ଼ିଓ ରବିନ୍ଦ୍ର କୁମାର ପ୍ରଧାନ କାହିଁକି କାହା ଚାପରେ ଏପରି ଅଭିଯୋଗ କରିଛନ୍ତି ତାହା ସମସ୍ତଙ୍କୁ ଚକିତ କରିଛି। ଗୋଟିଏ ପରେ ସରକାରୀ ଅର୍ଥ ଆତ୍ମସାତ ପାଇଁ ଯୋଜନା କରାଯାଉଥିବା ବେଳେ ବିଡ଼ିଓ ତାହାକୁ ରୋକିବା ପରିବର୍ତ୍ତେ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି ବୋଲି ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ଉଠିଛି। ଏଥିନେଇ ଯାଜପୁର ଜିଲ୍ଲାପାଳ ତଦନ୍ତ କରି ସରକାରୀ ଅର୍ଥ ଆତ୍ମସାତକୁ ରୋକିବା ସହ ବିଡ଼ିଓଙ୍କ ଏଭଳି କାର୍ଯ୍ୟଧାରା ଉପରେ ରୋକ ଲଗାଇବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

## ବରିଷ୍ଠ ନାଗରିକଙ୍କ ଭୁଲାପଣ ପରୀକ୍ଷଣ ଶିବିର

ଗଜପତି, (ମହାଭାରତ) : ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଟାଉନ ହଲରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଅଟଳ୍ ୱୟୋ ଅଭ୍ୟୁଦୟ ଯୋଜନା ଅନ୍ତର୍ଗତ ବରିଷ୍ଠ ନାଗରିକଙ୍କ ନିମନ୍ତେ ଭୁଲାପଣ ପରିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି।ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକଙ୍କ ନାମ ପଞ୍ଜୀକରଣ କରାଯାଇ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ଼ାକ୍ତରଙ୍କ ଦ୍ଵାରା ଭୁଲାପଣ ପରୀକ୍ଷଣ କରାଯାଇଥିଲା ଓ ଶିବିରରେ ପାରଳାଖେମୁଣ୍ଡି ପୌରପରିଷଦ, ସହର ଉପକଣ୍ଠସ୍ଥ ବିଭିନ୍ନ ପଞ୍ଚାୟତ ଓ ସ୍ଥାନୀୟ ଆଶ୍ରା ଜରାଶ୍ରମରୁ ୧୦୨ ବରିଷ୍ଠ ନାଗରିକ ଯୋଗ ଦେଇ ନିଜର ପରୀକ୍ଷା କରାଇଥିଲେ । ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉତ୍ସର୍ଗୀତା ବଡରଇତ ଶିବିରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ପାରଳାଖେମୁଣ୍ଡି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ୍ ସନ୍ତୋଷ କୁମାର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନସିକ ସ୍ୱାସ୍ଥ୍ୟ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ ।

# କୁନ୍ଦୁରା ବ୍ଲକରେ ଲୁକ୍କାୟିତ ଭାବେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍ଘାଟନ




କୁନ୍ଦୁରା, (ମହାଭାରତ) : କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ କିଛି ପ୍ରକଳ୍ପ ଲୁକ୍କାୟିତ ଭାବେ ଉଦଘାଟନ ହୋଇ ଯାଇଛି । ଏହି ପ୍ରକଳ୍ପ ଗୁଡିକୁ ଲୁକ୍କାୟିତ ଭାବେ ଉଦଘାଟନ କରିବା ପଛରେ କୁନ୍ଦୁରା ବ୍ଲକ କର୍ତୃପକ୍ଷଙ୍କ କି ପ୍ରକାର ମନଛା ରହିଛି ତାହା ସାଧାରଣ ରେ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ଭିତରେ ପ୍ରଶ୍ନବାଛି ସୃଷ୍ଟି କରିଛି । ଗଣମାଧ୍ୟମ ହେଉଛି ସାଧାରଣ ଜନତାଙ୍କ ସ୍ୱର, ଗଣମାଧ୍ୟମ ଦ୍ଵାରା ସରକାରୀ ବେସରକାରୀ ସମାଜିକ ଓ ସାଂସ୍କୃତିକ ବିଭିନ୍ନ କାର୍ଯ୍ୟକ୍ରମ, ଘଟଣା ଦୁର୍ଘଟଣା ଏବଂ ଜନ ହିତକର ସୂଚନା ବିଷୟରେ ସାଧାରଣ ଲୋକଙ୍କୁ ସୂଚନା ଯୋଗାଇ ଥାଏ । ଲୋକଙ୍କ ବିଭିନ୍ନ ତୃଣମୂଳ ସ୍ତରର ସମସ୍ୟା ଗୁଡ଼ିକୁ ପ୍ରଶାସନ ନିକଟରେ ଉପସ୍ଥାପନା କରି ତାହାର ସମାଧାନ ପାଇଁ ପ୍ରମୁଖ ମାଧ୍ୟମ ସାଜି ଆସିଛି ଗଣମାଧ୍ୟମ । ଏତେ ସବୁ କାର୍ଯ୍ୟ ଗଣମାଧ୍ୟମ ଦ୍ଵାରା ସମ୍ପାଦନ ହେଉଥିବା ସତ୍ୱେ କୁନ୍ଦୁରା ବ୍ଲକ କର୍ତୃପକ୍ଷ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଶୁଭ ଉଦ୍ଘାଟନ କରିଛି ଅଥଚ ବ୍ଲକରେ କାର୍ଯ୍ୟରତ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇନାହିଁ ଏଥିରେ ବ୍ଲକ ପ୍ରଶାସନ ର କି ସ୍ୱାର୍ଥ ଲୁଚି ରହିଛି ତାହା ବର୍ତମାନ ପ୍ରଶ୍ନବାଚୀ । ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରାଯାଉଛି, ସରକାରୀ ଅଧିକାରୀ ଦଳୀୟ କାର୍ଯ୍ୟକର୍ତା ସାଜି କାର୍ଯ୍ୟ କରିଚାଲିଛନ୍ତି । କୁନ୍ଦୁରା ବ୍ଲକ ରେ ପ୍ରମୁଖ ୩ ଟି ରାଜନୈତିକ ଦଳ ରହିଥିବା ବେଳେ ୨ ଟି ରାଜନୈତିକ ଦଳୀୟ କାର୍ଯ୍ୟକର୍ତାଙ୍କୁ ଉପେକ୍ଷା କରାଯାଇ କେବଳ ଶାସକ ଦଳର ହାତବାରିସୀ ସାଜିଛି କୁନ୍ଦୁରା ବ୍ଲକ ପ୍ରଶାସନ । କୁନ୍ଦୁରା ବ୍ଲକ ପାଇଁ ଏକ ଗୌରବାନ୍ୱିତ ବିଷୟ ଯେ ବ୍ଲକ ସଦର ସାଗରଗୁଡ଼ା ଛକ ଠାରେ କୋରାପୁଟ ମାଟିର ଗର୍ବ ଓ ଗୌରବ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି କିନ୍ତୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇନାହିଁ । କେବଳ ସେତିକି ନୁହଁ ବ୍ଲକର ଉପାନ୍ତ ଫୁଲଭଟ୍ଟା ପଞ୍ଚାୟତ କାର୍ଯ୍ୟାଳୟ ଶୁଭ ଉଦ୍ଘାଟନ, ଫୁପୁଗାଁ ପଞ୍ଚାୟତ ଡଙ୍ଗରଦେଇ ମନ୍ଦିର ନିକଟ ଭୋଗ ମଣ୍ଡପ, ବେଡ଼ାପାଉଁଶି ଭାଗବତ ଟୁଙ୍ଗୀ ଏବଂ କୁନ୍ଦୁରା ଖୋଲା ଜିମ୍ ଓ ପାର୍କର ଉନ୍ନତିକରଣ ଆଦି ପ୍ରକଳ୍ପ ଗୁଡ଼ିକୁ ସ୍ଥାନୀୟ ବିଧାୟକ, ବିଡିଓ, ବିଭାଗୀୟ ଅଧିକାରୀ ଏବଂ ଦଳୀୟ ନେତା କର୍ମୀ ଉପସ୍ଥିତରେ ଶୁଭ ଉଦ୍ଘାଟନ ହେଲା । ତେବେ ସର୍ବସାଧାରଣଙ୍କ ଜାଣିବା ଉଦ୍ଦେଶ୍ୟରେ ଗଣମାଧ୍ୟମକୁ ସୂଚନା ନ ଦେବାରେ ବ୍ଲକ ପ୍ରଶାସନର କଣ ସ୍ୱାର୍ଥ ରହିଛି ଏହା କୁନ୍ଦୁରା ବ୍ଲକ ଅଞ୍ଚଳରେ ଖୁବ ଚର୍ଚ୍ଚା ଯୋର ଧରିଛି। ଏ ନେଇ ଆମେ କୁନ୍ଦୁରା ବ୍ଲକ ଅନ୍ତର୍ଗତ ବରିଷ୍ଠ ବୁଦ୍ଧିଜିବୀ ତଥା ରାଜନେତାଙ୍କ ମତାମତ ନେଇଥିଲୁ ସେମାନ କୁନ୍ଦୁରା ବ୍ଲକ ପ୍ରଶାସନ ତଥା କୁନ୍ଦୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅବହେଳା ନଚେତ ଜାଣିଶୁଣି ଗଣମାଧ୍ୟମକୁ ଉପେକ୍ଷା କରାଯାଉଛି ବୋଲି କହିଥିଲେ । ସ୍ଥାନୀୟ ବିଧାୟକ ଶୁଭ ଉଦ୍ଘାଟନ କଲେ ବି ଏହା ସରକାରୀ ପ୍ରକଳ୍ପ, ସରକାରୀ କାର୍ଯ୍ୟକ୍ରମ ଏହି ବିଷୟରେ ଗଣମାଧ୍ୟମକୁ ବ୍ଲକ ପ୍ରଶାସନ ତରଫରୁ ପୂର୍ବ ସୂଚନା ଦେବା କଥା । ଗଣମାଧ୍ୟମକୁ ସୂଚନା ନଦେଇ ଲୁକ୍କାୟିତ ଭାବେ କରାଯାଇଛି ତେବେ ଏଥିରେ କିଛି ଗୁମର ସୁନିଶ୍ଚିତ ରହିଛି ଯାହା ଗଣମାଧ୍ୟମ ଦ୍ଵାରା ଉନ୍ମଚନ ହେବା ଭୟରେ ଗଣ ମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇନାହିଁ ବୋଲି କହିଥିଲେ । ଏନେଇ କୁନ୍ଦୁରା ବିଡିଓଙ୍କ ମତାମତ ନିମନ୍ତେ ବିଡ଼ିଓ କକ୍ଷକୁ ଯାଇ ଥିଲୁ ସେଠାରେ ନପାଇ ଫୋନ ଦ୍ଵାରା ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ କିନ୍ତୁ କୌଣସି ଉତ୍ତର ମିଳିପାରି ନଥିଲା । ଏନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ଭିତରେ ଅସନ୍ତୋଷ ବଢ଼ିଚାଲିଛି । ଆଗାମୀ ସମୟରେ ଏହାର ସମାଧାନ କରାଯିବ ନା ବ୍ଲକ ପ୍ରଶାସନ ଓ ଗଣମାଧ୍ୟମ ଭିତରେ ତିକ୍ତତା ବଢିଚାଲିବ ତାହା ଦେଖିବା ବାକି ରହିଲା ।

## ଆଭାସି ମାଧ୍ୟମରେ ପାଟଣା ଉପ ପ୍ରବନ୍ଧକ କାର୍ଯ୍ୟାଳୟ ଉଦଘାଟିତ



ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ରେ ହେବାକୁ ଥିବା ଉପ ପ୍ରବନ୍ଧକ କାର୍ଯ୍ୟାଳୟର ଆଭାସି ମାଧ୍ୟମରେ ଉଦଘାଟିତ ହୋଇଛି। ଏହା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ତତ୍ତ୍ୱାବଧାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସିଧାସଳଖ ଆଭାସି ମାଧ୍ୟମ ରେ ପାଟଣା ଉପ ପ୍ରବନ୍ଧକ କାର୍ଯ୍ୟାଳୟ ଉଦ୍ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ପାଟଣା ବିଡ଼ିଓ ମାନସ ରଞ୍ଜନ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ କୁମାର ନାଏକ, ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ରବିଶଙ୍କର ହେମ୍ବ୍ରମ,ପାଟଣା ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ, ତହସିଲ ସୁପର ଭାଇଜର ବନମାଳୀ ନାୟକ, ପାଟଣା ଭାରପ୍ରାପ୍ତ ଉପ ପ୍ରବନ୍ଧକ ଅଧିକାରୀ ଭାବେ ସୁନୀଲ କୁମାର ନାୟକ, ସାହାରପଡ଼ା ଉପ ପ୍ରବନ୍ଧକ ଭାରପ୍ରାପ୍ତ ଅଧିକାରୀ ଶିଶିର କୁମାର ନାଏକ ତଥା ପାଟଣା ତହସିଲ ଅନ୍ତର୍ଗତ ରାଜସ୍ୱ ନିରୀକ୍ଷକ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଉପ ପ୍ରବନ୍ଧକ କାର୍ଯ୍ୟାଳୟ ପାଟଣା ତହସିଲ କାର୍ଯ୍ୟାଳୟ ପରିସରରେ ହେବାକୁ ଥିବା ବେଳେ ପାଟଣା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳ ରୁ ଆସୁଥିବା ଲୋକ ମାନ ଙ୍କ ପାଇଁ ପଟ୍ଟା ବନ୍ଦବସ୍ତ,ପଟ୍ଟା ରେ କିସମ ପରିବର୍ତ୍ତନ,ପଟ୍ଟାରେ ଭୁଲ ଥିବା କୁ ସଂଶୋଧନ,ଜନ୍ମ,ମୃତ୍ୟୁ ପ୍ରମାଣପତ୍ର ର ପୁଞ୍ଜିକରଣ ଚାଲାଣ ତଥା ବିବାହ ପ୍ରବନ୍ଧକ ଭଳି କାର୍ଯ୍ୟ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଭାସି କାର୍ଯ୍ୟକ୍ରମ ମାଧ୍ୟମ ରେ ଅଭିଭାଷଣ ରଖିଛନ୍ତି। ଏହି ଆଭାସି କାର୍ଯ୍ୟକ୍ରମ ମାଧ୍ୟମ ରେ ଓଡ଼ିଶା ର ବିଭିନ୍ନ ଜିଲ୍ଲା ର ବ୍ଲକ ଗୁଡିକରେ ୫୭ଟି ଉପ ପ୍ରବନ୍ଧକ କାର୍ଯ୍ୟାଳୟ ସହ କେନ୍ଦୁଝର ଜିଲ୍ଲାରେ ୫ଟି ବ୍ଲକ ପାଟଣା, ସାହାରପଡ଼ା, ବାଂଶପାଳ, ହରିଚନ୍ଦନପୁର, ଝୁମ୍ପୁରାରେ ଉପ ପ୍ରବନ୍ଧକ କାର୍ଯ୍ୟାଳୟ ଉଦ୍ଘାଟନ କରିଛନ୍ତି।

## ପ୍ରଥମ ଚଣାହଟ୍ଟା ପ୍ରିମୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟନ

ବାଲିପାଟଣା, (ମହାଭାରତ) : ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ଜନ ବିଦ୍ୟାମନ୍ଦିର ଚଣହଟ୍ଟା ହାଇସ୍କୁଲ ପଡିଆ ରେ ପ୍ରଥମ ଚଣାହଟ୍ଟା ପ୍ରିମୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି । ମୁଖ୍ୟ ଅତିଥି ଭାବେ ବାଲିପାଟଣା ବ୍ଲକ ବିଡ଼ିଓ ଶୁଭ୍ରାଂଶୁ ଶେଖର ପାଢ଼ୀ ଓ ସମ୍ମାନୀତ ଅତିଥି ଭାବେ ଯୁବ ନେତା ସତ୍ୟନାରାୟଣ ଖଟେଇ , ଚଣାହଟ୍ଟା ହାଇସ୍କୁଲ ପ୍ରଧାନଶିକ୍ଷୟତ୍ରୀ ଜ୍ୟୋତ୍ସ୍ନା ରାଣୀ ଦାଶ , ଅଜିତ ପାଇକରାୟ , ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା , ସରପଞ୍ଚ ବାହାନ ଭୋଇ ,ମାନସ ପଣ୍ଡା , ସତ୍ୟଜିତ ରାୟ , ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ସାହାଣୀ , ଅମୁଲ୍ୟ ପ୍ରଧାନ , ବସନ୍ତ କୁମାର ଦାଶ , ଶିଶୁ ଅନନ୍ତ ପ୍ରେସ କ୍ଲବ ସମ୍ପାଦକ ଆଶୁତୋଷ ଚୌଧୁରୀ ପ୍ରମୁଖ ଟୁର୍ନାମେଣ୍ଟରେ ଯୋଗଦେଇଥିଲେ । ଶିଶୁ ଅନନ୍ତ ପ୍ରେସ କ୍ଲବ ତରଫରୁ ଭାଗ ନେଇ ଥିବା ପାଞ୍ଚଟି ଦଳ ଓ ଅତିଥି ମାନଙ୍କୁ ମାନପତ୍ର ,ଉତ୍ତରୀୟ ଓ ପୁଷ୍ପ ବୃକ୍ଷ ଦେଇ ସମ୍ମାନିତ କରାଯାଇଥିଲା। ଟୁର୍ନାମେଣ୍ଟ ରେ ଅଂଶ ଗ୍ରହଣ କରିଥିବା ୫ ଟି ଦଳ ମଧ୍ୟରେ ଭୁବାସିନୀ ବ୍ଲାଷ୍ଟରସ୍, ଏସ ଏମ୍ ଜାଗୁଆରସ , ବାବା ସିଧେଶ୍ୱର ସ୍କାଏ ହିଟରସ୍, ନୀଳକଣ୍ଠ ବୁଲସ୍, ତାରିଣୀ ୱାରୀୟର୍ସ । ନବକିଶୋର ବେହେରା ଏବଂ ସୌଭାଗ୍ୟ ବସ୍ତିଆ ଖେଳ ପରିଚାଳନା କରିଥିଲେ । ଜଗନ୍ନାଥ ପଣ୍ଡା, ଯତିନ୍ଦ୍ର କୁମାର ଭୋଲ, ସୁବାସ ବାରିକ , ଦିଲ୍ଲୀପ ବସ୍ତିଆ, ନିରଞ୍ଜନ ଭୋଇ, ବିଶ୍ୱ ରଞ୍ଜନ ଭୋଇ, ଦୀପକ କୁମାର ଦଳେଇ ପ୍ରମୁଖ ସହଯୋଗ କରିଥିଲେ ।

## ଅଗ୍ନିକାଣ୍ଡରେ ଜଳିଗଲା ୬ ବଖରା

ଏରସମା, (ମହାଭାରତ) : ଅଗ୍ନିକାଣ୍ଡରେ ଜଳିଗଲା ୬ ବଖରା ଘର। ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅନ୍ତର୍ଗତ ଧଳିପଙ୍କ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ତିନୋଟି ପରିବାରର ୬ ବଖରା ଘର ଭସ୍ମିଭୂତ ହୋଇଯାଇଛି। ଅଗ୍ନିକାଣ୍ଡରେ ଗୈରହରି ମଲିକ, ରୋହିତ ମଲିକ ଏବଂ ବାବୁଲା ମଲିକଙ୍କ ବ୍ୟାପକ ସମ୍ପତ୍ତି ନଷ୍ଟ ହୋଇଛି । ଗୈରହରି ମଲିକଙ୍କ୬୦ ବସ୍ତା ଧାନ ସହ ଲକ୍ଷାଧିକ ଟଙ୍କା ସଂପର୍ଣ୍ଣ ପୋଡି ନଷ୍ଟ ହୋଇଯାଇଥିବା ବେଳେ ଆଉ ସମସ୍ତଙ୍କଘର ପୋଡ଼ି ହେବା ସହ ଲକ୍ଷାଧିକ ଟଙ୍କା ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଏରସମା ଓ ତିର୍ତ୍ତୋଲ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ପ୍ରାଥମିକ ତଦନ୍ତରୁ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। କ୍ଷତିଗ୍ରସ୍ତ ମାନେ ଅତ୍ୟନ୍ତ ଗରିବ ଶ୍ରେଣୀ ର ହୋଇଥିବା ଯୋଗୁଁ ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି କରିଛନ୍ତି ସ୍ଥାନୀୟ ଲୋକେ।

## ବୁଢାରଜା ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ସମ୍ବଲପୁରୀ ଅରକେଷ୍ଟ୍ରାରେ ଦୁଲିକିଲା ମଞ୍ଚ

ଲାଞ୍ଜିଗଡ଼, (ମହାଭାରତ): କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ କୁମାରଗୁଡା ଠାରେ ବୁଢାରଜା ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟକ ବର୍ଷ ବୁଢାରଜା ମହୋତ୍ସବ ପାଳିତ ହେଉଥିବା ବେଳେ ଚଳିତ ବର୍ଷ ସମେତ ୧୪ବର୍ଷକୁ ପଦାର୍ପଣ କରିଛି । ଲୋକ ସଂସ୍କୃତି ଓ ଆଦ୍ୟାକଳାର ପ୍ରତୀକ ବୁଢାରଜା ମହୋତ୍ସବ। ବୁଧବାର ଦିନ କୁମାରଗୁଡା ବୁଢାରଜା ମନ୍ଦିର ପଡିଆ ଠାରେ ମହା ସମାରୋହରେ ଉଦ୍ଘାଟିତ ହୋଇ ଯାଇଛି । ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଲାଖବାହାଲି ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ପାର୍ବତୀ ମାଝୀ ଯୋଗଦେଇ ଥିବା ବେଳେ ପୂର୍ବତନ ସରପଞ୍ଚ ରାମତୁ ମାଝୀ,ସୁମନ୍ତ ଛାତ୍ରୀୟା, ଅନୁଷ୍ଠାନ ସଭାପତି ରାମଚନ୍ଦ୍ର ମାଝୀ, ଶିବ ମାଝୀ, ଶିବରାମ ନାଏକ,



ଈଶ୍ୱରବାଗ, ହରିଶ ଚନ୍ଦ୍ର ସାହୁ, ବିସ୍ଣୁ ମାଝୀ, ରମେଶ ନାଏକ, କୋକିଳ ନାଏକ ଅମର ଲାଲସି ପ୍ରମୁଖ ମଞ୍ଚରେ ମଞ୍ଚାସିନ ରହି ପ୍ରଥମେ ବୁଢାରଜାଙ୍କୁ ପୂଜାର୍ଚନା କରି ଶୁଭାରମ୍ଭବ କରିଥିଲେ । ବୁଢାରଜା ମନ୍ଦିରରୁ ଏକ ସଂସ୍କୃତିକ ପରିକ୍ରମା କରି ମଞ୍ଚକୁ ଆସିଥିଲେ। ପ୍ରଥମ ସନ୍ଧ୍ୟାରେ ଆଖପାଖ ଅଞ୍ଚଳର ଛୋଟ ବଡ଼ କଳାକାରଙ୍କୁ ନେଇଁ ଏକ ରେକର୍ଡ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ସଂସ୍କୃତିକ ସନ୍ଧ୍ୟାରେ ସମ୍ବଲପୁରୀ ଅରକେଷ୍ଟା କାର୍ଯ୍ୟକ୍ରମରେ ବୁଢା ରଜା ମହୋତ୍ସବ ମଞ୍ଚ ଦୁଲିକି ଥିଲା। ଲାଞ୍ଜିଗଡ ଉପାନ୍ତ ଅଞ୍ଚଳ ଏକ ବଣ ପାହାଡ଼ ଘେରା ଅଞ୍ଚଳ ହୋଇଥିବାବେଳେ ଉକ୍ତ ଆଞ୍ଚଳରେ କିଛିଦିନ ହେବ ଶୀତର ପ୍ରକୋପ ବଢ଼ିଥିବା ସତ୍ୱେ ମଧ ଦର୍ଶକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଉକ୍ତ କାର୍ଯ୍ୟେକ୍ରମ କୁ ହରିଶ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ଏକ ଦେଶ ଏକ ନିର୍ବାଚନ' ପାଇଁ ଦସ୍ତଖତ ଅଭିଯାନ

ହିନ୍ଦୋଳ, (ମହାଭାରତ) : ହିନ୍ଦୋଳ ବ୍ଲକର ବିଭିନ୍ନ ମହାବିଦ୍ୟାଳୟରେ 'ଏକ ଦେଶ ଏକ ନିର୍ବାଚନ' ପାଇଁ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ହିନ୍ଦୋଳ ରିଜିଓନାଲ କଲେଜ, ଦ୍ୱିତୀୟ ଦିନରେ ଜନତା ମହାବିଦ୍ୟାଳୟ ସାତମାଇଲ, ତୃତୀୟ ଦିନରେ ହିନ୍ଦୋଳ ମହାବିଦ୍ୟାଳୟ ଖଜୁରୀଆକଟା ହେବା ପରେ ଆଜି ଚତୁର୍ଥ ଦିନରେ ରାସୋଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ଲକ ସଂଯୋଜକ ଜ୍ଞାନରଞ୍ଜନ ନାଥିଙ୍କ ସହିତ ଆଶିଷ ଶତପଥୀ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଟି ସମ୍ପାଦନ ହୋଇଯାଇଛି।ବିଶ୍ୱର ସବୁଠାରୁ ବଡ଼ ଗାଣତାନ୍ତ୍ରିକ ଦେଶ ଭାରତରେ ବାରମ୍ବାର ନିର୍ବାଚନ ପ୍ରକ୍ରିୟା ଯୋଗୁଁ ସମସ୍ୟା ସୃଷ୍ଟି ହେଉଛି।ଏହା ବଦଳରେ ଗୋଟିଏ ନିର୍ବାଚନ କରାଯିବା ଭଳି ସଂସ୍କାର ଅଣାଯିବା ନେଇ ମତ ପ୍ରକାଶ ପାଇଥିଲା,ଏହା ଦ୍ଵାରା ଦେଶ ଶକ୍ତିଶାଳୀ,ସ୍ଥିର ଓ ସମୃଦ୍ଧ ହୋଇପାରିବ।ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ତୋଳି ଗଢିବାରେ ଯୁବପିଢିଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିବା ସହ ସମସ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହାକୁ ବହୁଳ ଭାବରେ ସମର୍ଥନ ଜଣାଇଥିଲେ।

# ସ୍ଲରୀ ପାଇପ ଲାଇନ ପାଇଁ ୨୪ ଘଣ୍ଟିଆ ଜଳ ଯୋଗାଣରେ ବିଳମ୍ବ



ଯୋଡ଼ା, (ମହାଭାରତ) : କେନ୍ଦୁଝର ଜିଲ୍ଲା ଯୋଡ଼ା ସହରକୁ ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ନିମନ୍ତେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ଶିଳ୍ପ ସଂସ୍ଥା ଦ୍ଵାରା ଗୋଟିଏ ପରେ ଗୋଟିଏ ସ୍ଥାନୀରେ ପାଣି ପାଇପ୍ କୁ ମାଟି ଭିତରୁ ତାଡି ଭାଙ୍ଗିବାରେ ଲାଗିଛି । ତାହାକୁ ନେଇ ଏବେ ୱାଟକୋ ବିଭାଗ ସହରକୁ କିପରି ଜଳ ଜଳ ଯୋଗାଣ କରିବ ତାକୁ ନେଇ ଏବେ ଚିନ୍ତାରେ ପଡିଛି ୱାଟକୋ । ତେବେ ଏହି ଶିଳ୍ପ ସଂସ୍ଥା ଦ୍ଵାରା ସ୍ଲରୀ ପାଇପ ଲାଇନ ବିଛାଇବା ପାଇଁ ପାନୀୟ ଜଳ ପାଇପକୁ ଭାଙ୍ଗି ନଷ୍ଟ କରି ଦେଇ ଥିବାରୁ ଯୋଡ଼ା ସହରକୁ ଜଳ ଯୋଗାଣ ଆରମ୍ଭ ହୋଇ ପାରୁ ନାହିଁ। ଯାହାକୁ ନେଇ ଏବେ ୱାଟକୋ ବିଭାଗ ଓ ସଂପୃକ୍ତ ଶିଳ୍ପ ସଂସ୍ଥା ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ ମଧ ବେଖାତିର କରୁଛି ଏହି ଶିଳ୍ପସଂସ୍ଥା ଏହି ସବୁ ଖବର ନେବାରୁ ଜଣାପଡିଛି ଯେ, ଗତ ୨୦୨୨ ମସିହାରେ ଯୋଡ଼ା ସହରକୁ ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ନିମନ୍ତେ ଗୁରୁବେଡା ଠାରେ ଏକ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ବୈତରଣୀ ନଦୀର ଜଳକୁ ବିଶୁଦ୍ଧ କରିବା ପାଇଁ ସେଠାରେ ଏକ ଜଳ ବିଶୋଧନଗାର ନିର୍ମାଣ କରାଯାଇଛି। ଯୋଡ଼ା ସହରର ୧୪ ଟି ୱାର୍ଡର ପ୍ରତି ଘରକୁ ଜଳ ଯୋଗାଣ ନିମନ୍ତେ ପାଇପ ଲାଇନ୍ ବିଛା କାର୍ଯ୍ୟ କରାଯାଇଥିଲା। ଜଳ ଗଚ୍ଛିତ ରଖିବା ପାଇଁ ଗୁରୁବେଡା, ବାଂଶପାଣି, ବନେଇକଳା, ଡି ବି ସିଂ ହାଟିଂ, କେନ୍ଦ୍ରୀୟ ଚିକିତ୍ସାଳୟ ପରିସର ଓ ବିଛାକୁଣ୍ଡି ଠାରେ ୬ ଟି ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ମଧ ସମାପ୍ତ ହୋଇଛି। ୱାଟକୋ ବିଭାଗର ଅଭିଯୋଗ ଅନୁଯାୟୀ ଗୁରୁବେଡା ଠାରୁ ଯୋଡ଼ା ସହରକୁ ଆସିଥିବା ପାଇପ ଲାଇନ ସ୍ଥାନ ମଧ୍ୟରେ ପ୍ରାୟ ୨ କିଲୋମିଟର ପାଇପ ଲାଇନକୁ ମାଟି ଭିତରୁ ନଷ୍ଟ ଭ୍ରଷ୍ଟ କରି ଶିଳ୍ପ ସଂସ୍ଥା ପକ୍ଷରୁ ଭାଙ୍ଗି ଦିଆ ଯାଇଛି ଏବଂ ସେହି ସ୍ଥାନରେ ସ୍ଲରୀ ପାଇପ ଲାଇନ କାର୍ଯ୍ୟ କରୁଛି। ପାଣି ପାଇପ ନଷ୍ଟ କରିବା ପରେ ଶିଳ୍ପ ସଂସ୍ଥା ପକ୍ଷରୁ ଏହାର କୌଣସି କ୍ଷତି ପୂରଣ ପ୍ରଦାନ କରିନାହିଁ। ପାଇପ ଲାଇନ ଭାଙ୍ଗିବା ସ୍ଥାନରେ ୱାଟକୋ ପକ୍ଷରୁ ନୂତନ ପାଣି ପାଇପ ବିଛାଇବା ଯୋଗୁଁ ପାନୀୟ ଜଳ ଯୋଗାଣରେ ବିଳମ୍ବ ହେଉଛି। ଶିଳ୍ପ ସଂସ୍ଥା ଦ୍ଵାରା ଏପରି ମନମୁଖୀ କାର୍ଯ୍ୟ କରୁଥିବା ଯୋଗୁଁ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କର ଦୃଷ୍ଟିକୁ ଅଣାଯାଇଥିଲା। ତଥାପି ସେ ବେଖାତିର କରି ସ୍ଲରୀ ପାଇପ ଲାଇନ କରାଯାଉଥିବା ନେଇ ୱାଟକୋ କନିଷ୍ଠ ଯନ୍ତ୍ରୀ ବି. ପ୍ରବୋଧ ରଞ୍ଜନ ପାତ୍ର କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବେଡ଼ା ଠାରୁ କମାରଯୋଡ଼ା ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା କଡ଼ର ମାଟି ତଳେ ଥିବା ପାଣି ପାଇପକୁ ଉଠାଇ ନଷ୍ଟ କରି ଦିଆଯାଇଛି। ଏହି ପାନୀୟ ଜଳ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରାଯାଉ ନଥିବାରୁ ଯୋଡ଼ା ସହରବାସୀ ୨୪ ଘଣ୍ଟିଆ ଜଳ ଯୋଗାଣ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଗତ ୧ ବର୍ଷ ଧରି ସ୍ଲରୀ ପାଇପ ଲାଇନ ବିଛାଉଥିବା ଶିଳ୍ପ ସଂସ୍ଥା ଦ୍ଵାରା ଲକ୍ଷ ଲକ୍ଷ ଟଙ୍କାର ପାଣି ପାଇପକୁ ନଷ୍ଟ କରି ଚାଲିଛି। ତଥାପି ଶିଳ୍ପ ସଂସ୍ଥା ବିରୋଧରେ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ସାଧାରଣରେ ଅଭିଯୋଗ ହେଉଛି। ପାଣି ପାଇପ ଲାଇନକୁ ଏପରି ନଷ୍ଟ କରିବା ପରେ ୱାଟକୋ ବିଭାଗ ଓ ସ୍ଲରୀ ପାଇପ ଲାଇନ ସଂସ୍ଥା ମଧ୍ୟରେ ବିବାଦ ଲାଗି ରହିଛି। ନିକଟରେ ଯୋଡ଼ା ପୌରପାଳିକା ପକ୍ଷରୁ ସମ୍ପୃକ୍ତ ଶିଳ୍ପ ସଂସ୍ଥାର ଏପରି ମନମୁଖୀ କାର୍ଯ୍ୟ ନେଇ ସ୍ଲରୀ ପାଇପ ଲାଇନ କାର୍ଯ୍ୟକୁ ୩ ଦିନ ଧରି ବନ୍ଦ କରିବା ପରେ ମଧ ବିବାଦର ସମାଧାନ ହୋଇନାହିଁ। ଯାହାଫଳରେ ଏହି ପାନୀୟ ଜଳ ପ୍ରକଳ୍ପର ଲୋକାର୍ପଣ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ଯୋଡ଼ା ପୌରପାଳିକା ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳଙ୍କୁ ପଚାରିବାରୁ କହିଛନ୍ତି ଯେ, ସ୍ଲରୀ ପାଇପ ଲାଇନ ପାଇଁ ପାନୀୟ ଜଳ ପ୍ରକଳ୍ପ ପାଇପ ନଷ୍ଟ କଲେ ଏହାର ମରାମତି କରିବା ପାଇଁ ପୌରପାଳିକା ସହିତ ନିୟମ ଓ ସର୍ତ୍ତାବଳୀ ରହିଛି। ଏନେଇ ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯିବା ସହିତ ପୁଣି ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

## ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ, ଡିଏନଏ ରିପୋର୍ଟ ଯାଞ୍ଚ ପରେ ବାପା ଗିରଫ

ମୁମ୍ବାଇ : ବାପା ସାଜିଲା ଶଇତାନ । ଦିବ୍ୟାଙ୍ଗ ଝିଅକୁ ଦୁଷ୍କର୍ମ କରି ବାପା ଗିରଫ । ଏହି ଲୋମହର୍ଷଣକାରୀ ଘଟଣା ସମସ୍ତଙ୍କ ଛାତି ଥରିଯାଇଛି । ସାଉଥ ମୁମ୍ବାଇ ଅଞ୍ଚଳରେ ଏଭଳି ଘଟଣା ଘଟିଛି । ଖବର ମୁତାବକ, ମୁମ୍ବାଇର କଫି ପ୍ୟାରେଡ୍ ଏରିଆରେ ଜଣେ ୨୦ ବର୍ଷୀୟ ଯୁବତୀ ଦୁଷ୍କର୍ମର ଶିକାର ହୋଇଥିଲେ । ବାହାର କେହି ନୁହେଁ ବରଂ ତାଙ୍କୁ ନିଜ ବାପା ଦୁଷ୍କର୍ମ କରିଥିଲେ । ଗତ ସେପ୍ଟେମ୍ବର ମାସରେ ଯୁବତୀଙ୍କ ପେଟ ହଠାତ ବ୍ୟଥା ହୋଇଥିଲା । ସେ କଥା କହିପାରନ୍ତିନି କିମ୍ବା କିଛି ଶୁଣି ପାରନ୍ତିନି । ପେଟ କାଟିବାରୁ ସେ ଜେଜେ ମାଆଙ୍କୁ ଏବାବଦରେ ସାଙ୍କେତିକ ମାଧ୍ୟମରେ ଜଣାଇଥିଲେ । ଏହାପରେ ଜଣେ ପରିଚିତ ଡାକ୍ତର ଆସି ଯୁବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଯେଉଁଥିରୁ ସେ ଗର୍ଭବତୀ ଥିବା ଜଣାପଡିଥିଲା । ଏହାପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା । ହସ୍ପିଟାଲର କର୍ତ୍ତୃପକ୍ଷ ମାମଲାକୁ ଗୁରୁତର ସହ ନେଇ ପୋଲିସକୁ ଖବର ଦେଇଥିଲେ । ପ୍ରଥମେ ଯୁବତୀଜଣଙ୍କ ପୋଲିସକୁ ସତ କହିବାକୁ ପଛଘୁଞ୍ଚା ଦେଇଥିଲେ । ପୋଲିସ ମଧ୍ୟ ତାଙ୍କୁ ସଠିକ ଭାବେ ଯୋଗାଯୋଗ କରିପାରିନଥିଲା । କାରଣ ସେ ମୁକ ଏବଂ ବଧିର ଥିବାରୁ ଠିକ୍ ଭାବେ ନିଜ ପକ୍ଷ ରଖୁନଥିଲେ । ପରେ ପୋଲିସ ଅଧିକାରୀ ତାଙ୍କ ବାପାଙ୍କ ସହ କଥା ହୋଇଥିଲେ । ବଳାତ୍କାର ନେଇ କିଛି ଜାଣିନଥିବା ଏବଂ ଝିଅ କିପରି ଗର୍ଭବତୀ ହେଲା ତାହା ବାବଦରେ ସୂଚନା ପାଇନଥିବା ପ୍ରକାଶ କରିଥିଲେ । ଯାହା ପୋଲିସର ସନ୍ଦେହ ବଢାଇଥିଲା । ଶେଷରେ ପୋଲିସ ଅଧିକାରୀ ଯୁବତୀଙ୍କ କାଉନସେଲିଂ କରିଥିଲେ । ଝିଅର ବିଶ୍ୱାସ ଜିତିବାରେ ସଫଳ ହୋଇଥିଲା । ଏହାପରେ ସେ ସମସ୍ତ କଥା ପୋଲିସକୁ ସାଙ୍କେତିକ ଭାଷାରେ କହିଥିଲେ । ଏହାକୁ ନେଇ ତୁରନ୍ତ ଦୁଇ ଜଣଙ୍କୁ ଗିରଫ କରିଥିଲା ପୋଲିସ । ସେହିପରି ଅନ୍ୟ ୧୭ ସନ୍ଦିଗ୍ଧଙ୍କ ଡିଏନଏ ନମୂନା ଜବତ କରାଯାଇଥିଲା । ଯେଉଁଥିରେ ଯୁବତୀଙ୍କ ବାପା ସାମିଲ ଥିଲେ । ଭ୍ରୂଣର ନମୂନା ସହ ଯୁବତୀଙ୍କ ବାପାଙ୍କ ଡିଏନଏ ନମୂନା ମ୍ୟାଚ୍ କରିଯାଇଥିଲା । ଏହାପରେ ପୋଲିସ ସତ ଜାଣିପାରିଥିଲା । ଆଉ ଅଭିଯୁକ୍ତ ବାପାକୁ ଗିରଫ କରିଥିଲା । ଏହା ସହିତ ପୋଲିସ ମାମଲାର ଯାଞ୍ଚ କରୁଛି ।

## ଯୋଗୀଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ, ୟୁପିରେ ଚାଇନିଜ ମାଞ୍ଜା ବ୍ୟାନ୍, ମୃତ୍ୟୁ ହେଲେ ହତ୍ୟା ମକଦ୍ଦମା ରୁଜୁ

ଉତ୍ତରପ୍ରଦେଶ : ଉତ୍ତର ପ୍ରଦେଶରେ ଚାଇନିଜ୍ ମାଞ୍ଜା ଉପରେ ପ୍ରତିବନ୍ଧକ



ଲଗାଯାଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବାରମ୍ବାର ଦୁର୍ଘଟଣାକୁ ଗମ୍ଭୀରତାର ସହ ନେଇ ଏହି ନିଷ୍ପତ୍ତି ନେଇଛନ୍ତି । ଏବେ ଉତ୍ତର ପ୍ରଦେଶରେ ଚାଇନିଜ୍ ସୂତା ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଚାଇନିଜ୍ ସୂତାର ବିକ୍ରୟ ଏବଂ ଉପଲବ୍ଧତାକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ଚଢାଉ କରିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଚାଇନିଜ୍ ମାଞ୍ଜା ଯୋଗୁଁ ଯେକୌଣସି ଜୀବନହାନିକୁ ହତ୍ୟା ବୋଲି ବିବେଚନା କରାଯିବ ଏବଂ ସେହି ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଚାଇନିଜ୍ ମାଞ୍ଜା ଯୋଗୁଁ ହେଉଥିବା କ୍ରମାଗତ ମୃତ୍ୟୁକୁ ନେଇ ଗଭୀର କ୍ରୋଧିତ ହୋଇଥିଲେ । ନିଷେଧ ସତ୍ତ୍ୱେ ଚାଇନିଜ୍ ମାଞ୍ଜା କିପରି ବଜାରରେ ପହଞ୍ଚିଛି ଏବଂ କିଏ ଏହାକୁ ବିକ୍ରି କରୁଛି ସେ ବିଷୟରେ ସେ ସିଧାସଳଖ ଅଧିକାରୀମାନଙ୍କୁ ପ୍ରଶ୍ନ କରିଥିଲେ । ସେ ଆହୁରି କହିଛନ୍ତି, ଚାଇନିଜ ମାଞ୍ଜା ଦ୍ୱାରା ହେଉଥିବା ଯେକୌଣସି ମୃତ୍ୟୁକୁ ଏବେ ହତ୍ୟା ବୋଲି ବିବେଚନା କରାଯିବ, ଏବଂ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ ହତ୍ୟା ଅଭିଯୋଗ ରୁଜୁ କରାଯିବ । ନିଷେଧ ସତ୍ତ୍ୱେ ଚାଇନିଜ୍ ସୂତାର ବିକ୍ରୟ ଏବଂ ବ୍ୟବହାରକୁ କୌଣସି ପରିସ୍ଥିତିରେ ସହ୍ୟ କରାଯିବ ନାହିଁ । ଏହି ବେଆଇନ ବ୍ୟବସାୟରେ ସମ୍ପୃକ୍ତ ସମଗ୍ର ନେଟୱାର୍କକୁ ଚିହ୍ନଟ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଦୋଷୀମାନଙ୍କୁ ଗିରଫ କରି ଜେଲ୍ କରିବାକୁ ସେ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଡାଏରୀରେ ଦେବୁଙ୍କ ନାମ: ତିନି ଭଉଣୀଙ୍କ ସହ ତାଙ୍କର ସମ୍ପର୍କ ନେଇ ଉଲ୍ଲେଖ

ଗାଜିଆବାଦ: ଉତ୍ତର ପ୍ରଦେଶର ଗାଜିଆବାଦ ଆତ୍ମହତ୍ୟା ମାମଲାରେ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା ହୋଇଛି । ତିନି ଭଉଣୀଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ ଆଗକୁ ବଢ଼ିବା ସହିତ, ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସୁଛି । ପୁଲିସ ତଦନ୍ତ ଓ ବାପା ଚେତନ ଗୁର୍ଜରଙ୍କ ବୟାନ ସ୍ପଷ୍ଟ ଭାବରେ ପ୍ରକାଶ କରୁଛି ଯେ, ଏହି ମାମଲା କେବଳ କୋରିଆନ୍ ସଂସ୍କୃତି ପ୍ରତି ସେମାନଙ୍କର ଆକର୍ଷଣ ନୁହେଁ, ବରଂ ପାରିବାରିକ କଳହ ମଧ୍ୟ ଦାୟୀ । ବାପା ଚେତନ ଜଣେ ଷ୍ଟକ୍ ବ୍ୟବସାୟୀ । ତାଙ୍କ ଉପରେ ବହୁ ଋଣ ଥିଲା । ସେ ତାଙ୍କ ବଡ଼ ଝିଅର ମୋବାଇଲ୍ ଫୋନ୍ ଛଡ଼ାଇ ନେଇ ବିକ୍ରି କରିଦେଇଥିଲେ । ସେ ସ୍ୱୀକାର କରିଛନ୍ତି ଯେ, କୋରିଆନ୍ ସଂସ୍କୃତି ପ୍ରତି ଆଗ୍ରହ ପାଇଁ ପରିବାରରେ ପ୍ରାୟତଃ ଝଗଡ଼ା ହେଉଥିଲା । ଆତ୍ମହତ୍ୟା ରାତିରେ, ଝିଅମାନେ ପୂଜା ଘରକୁ ଭିତର ପଟରୁ ବନ୍ଦ କରି ଝରକା ଦେଇ ଡେଇଁ ପଡ଼ିଥିଲେ । ପୁଲିସ ସୂତ୍ର ଅନୁଯାୟୀ, ଚେତନ କହିଛନ୍ତି, ଝିଅମାନେ କୋରିଆନ୍ ସଂଗୀତ, ଚଳଚ୍ଚିତ୍ର, ନାଟକ ଏବଂ କାର୍ଟୁନ୍ ପ୍ରତି ଆଗ୍ରହୀ ଥିଲେ । ସେମାନେ ଚାହୁଁଥିଲେ ଯେ ସମଗ୍ର ପରିବାର କୋରିଆନ୍ ସଂସ୍କୃତି ଆପଣାନ୍ତୁ । ଡିସିପି ନିମିଶ ପାଟିଲଙ୍କ ଅନୁଯାୟୀ, ଘଟଣା ଦିନ ରାତିରେ ଝିଅମାନେ ସେମାନଙ୍କ ମାଙ୍କ ସହିତ ଶୋଇଥିଲେ । ରାତି ପ୍ରାୟ ୧:୪୫ ସମୟରେ, ସେମାନେ ପାଣି ପିଇବା ବାହାନାରେ ଉଠିଥିଲେ । ରୋଷେଇ ଘରକୁ ଯିବା ପରିବର୍ତ୍ତେ, ସେମାନେ ପୂଜା ଗରକୁ ଯାଇ ଭିତରରୁ ଦ୍ୱାର ବନ୍ଦ କରି ଦେଇଥିଲେ । ଝରକା ପାଖରେ ପହଞ୍ଚିବା ପାଇଁ ସେମାନେ କୋଠରୀରେ ଥିବା ଏକ ପ୍ଲାଷ୍ଟିକ୍ ଷ୍ଟୁଲ୍ ବ୍ୟବହାର କରିଥିଲେ । ତାଙ୍କ ମାଆ ବାରମ୍ବାର ଦ୍ୱାର ବାଡ଼ାଇବା ସତ୍ତ୍ୱେ କୌଣସି ପ୍ରତିକ୍ରିୟା ମିଳି ନଥିଲା । ବଡ଼ ଝିଅ ପ୍ରଥମେ ଡେଇଁ ପଡ଼ିଥିଲେ । ତା'ପରେ ଅନ୍ୟ ଦୁଇ ଭଉଣୀ ନିଜ ଜୀବନ ଦେଇଥିଲେ । ପ୍ରାର୍ଥନା କୋଠରୀରୁ ପୁଲିସ ଏକ ପକେଟ୍ ଡାଏରୀ ଏବଂ ମାଙ୍କ ମୋବାଇଲ୍ ଫୋନ୍ ଜବତ କରିଛି । ପୁଲିସ ଅନୁମାନ କରୁଛି ଯେ, ଡାଏରୀରେ ଲେଖାଥିବା ବାର୍ତ୍ତା ଗୋଟିଏ କିମ୍ବା ଦୁଇ ଦିନ ପୂର୍ବରୁ ପ୍ରବଳ ଯୁକ୍ତିତର୍କ ପରେ ଲେଖାଯାଇଥିଲା । ପୁଲିସର କହିବା ଅନୁଯାୟୀ, ଝିଅମାନେ ସେମାନଙ୍କର ୪ ବର୍ଷର ସାନ ଭଉଣୀ ଦେବୁକୁ ମଧ୍ୟ ସେମାନଙ୍କର କେ-ୱାର୍ଲ୍ଡର ଏକ ଅଂଶ କରିବାକୁ ଚେଷ୍ଟା କରିଥିଲେ । ବାପାମାଆ ଏହାକୁ ବିରୋଧ କରିଥିଲେ ।

# ୱାସିଂଟନ ପୋଷ୍ଟରେ ବଡ଼ ଧରଣର ଛଟେଇ: ଶଶି ଥରୁରଙ୍କ ପୁଅ ଈଶାନଙ୍କ ଚାକିରି ହରାଇଲେ

ୱାସିଂଟନ: ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଖବରକାଗଜ ମଧ୍ୟରୁ ଗୋଟିଏ, ୱାସିଂଟନ ପୋଷ୍ଟ ଏହାର ସଂଗଠନର ଏକ ଗୁରୁତ୍ୱପୂର୍ଣ୍ଣ ପୁନର୍ଗଠନ ଘୋଷଣା କରିଛି । ଯାହା ଫଳରେ ବହୁ କର୍ମଚାରୀ ଛଟେଇ ହୋଇଛନ୍ତି । ଏହି ନିଷ୍ପତ୍ତି ଦ୍ୱାରା ଖବରକାଗଜର ଅନ୍ତର୍ଜାତୀୟ ଡେସ୍କ ଏବଂ କ୍ରୀଡ଼ା ଡେସ୍କ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । କମ୍ପାନି କେବଳ ଏହାର ଅନ୍ତର୍ଜାତୀୟ ରିପୋର୍ଟିଂକୁ ହ୍ରାସ କରିନାହିଁ ବରଂ ଏହାର ବିଦ୍ୟମାନ କ୍ରୀଡ଼ା ଡେସ୍କକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି । ରିପୋର୍ଟ ଅନୁସାରେ, କମ୍ପାନିର ପ୍ରାୟ ଏକ ତୃତୀୟାଂଶ କର୍ମଚାରୀ ଏହି ଛଟେଇ ଦ୍ୱାରା ପ୍ରଭାବିତ ହୋଇଛନ୍ତି । କଂଗ୍ରେସ ସାଂସଦ ଶଶି ଥରୁରଙ୍କ ପୁଅ ତଥା ୱାଶିଂଟନ ପୋଷ୍ଟର ଜଣେ ବରିଷ୍ଠ ସାମ୍ବାଦିକ ଈଶାନ ଥରୁର ମଧ୍ୟ ଚାକିରି ହରାଇଥିବା ଲୋକଙ୍କ ମଧ୍ୟରେ ସାମିଲ ଅଛନ୍ତି । ସେ ସୋସିଆଲ ମିଡିଆରେ ଏକ ଖାଲି ନ୍ୟୁଜରୁମର ଫଟୋ ସେୟାର କରି ଏହାକୁ ଖରାପ ଦିନ ବୋଲି କହିଛନ୍ତି । ଈଶାନ କହିଛନ୍ତି, ୱାଶିଂଟନ ପୋଷ୍ଟ ସହିତ ତାଙ୍କର ୧୨ ବର୍ଷର କାର୍ଯ୍ୟକାଳ ବହୁତ ଭଲ ଥିଲା । ୨୦୧୭ ଠାରୁ ତାଙ୍କର ୱାର୍ଲ୍ଡଭ୍ୟୁ ସ୍ତମ୍ଭ ମାଧ୍ୟମରେ ଲକ୍ଷ ଲକ୍ଷ ପାଠକଙ୍କ ସହ ସଂଯୋଗ ସ୍ଥାପନ ଏକ ସମ୍ମାନର ବିଷୟ ଥିଲା । ତାଙ୍କୁ ଜେରୁସାଲେମ ବ୍ୟୁରୋ ମୁଖ୍ୟ ଗେରୀ ଶିହ, ତଦନ୍ତକାରୀ ରିପୋର୍ଟର ୱିଲ୍ ହବସନ୍ ଏବଂ ଦିଲ୍ଲୀ, ବେଜିଂ, କିଭ୍ ତଥା ଲାଟିନ୍ ଆମେରିକାରେ ଅବସ୍ଥାପିତ ଅନେକ ଅନ୍ତର୍ଜାତୀୟ ସମ୍ବାଦଦାତାଙ୍କ ସହିତ ମଧ୍ୟ ଛଟେଇ କରାଯାଇଛି । ଛଟେଇ ହୋଇଥିବା ସାମ୍ବାଦିକମାନେ ସୋସିଆଲ ମିଡିଆରେ ସେମାନଙ୍କର ସ୍ମୃତି ଏବଂ ଗେ ?ରବ ସମ୍ପର୍କରେ ବଖାଣିଛନ୍ତି । ଗେରି ଶିହ ପ୍ରକାଶ କରିଛନ୍ତି ତାଙ୍କ ସହିତ ତାଙ୍କର ସମ୍ପୂର୍ଣ୍ଣ ମଧ୍ୟପ୍ରାଚ୍ୟ ଦଳକୁ ଛଟେଇ କରାଯାଇଛି । ଅନୁସନ୍ଧାନକାରୀ ସାମ୍ବାଦିକ ୱିଲ୍ ହବସନ୍ ତାଙ୍କ ୧୧ ବର୍ଷର କ୍ୟାରିଅରକୁ ମନେ ପକାଇ କହିଛନ୍ତି, କ୍ରୀଡ଼ା ଜଗତର ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ସହ ଜଡ଼ିତ ହୋଇ ମୋ ସ୍ୱପ୍ନ ସାକାର ହୋଇଥିଲା । କାଇରୋ, ୟୁକ୍ରେନ ଏବଂ ବର୍ଲିନ୍ ଭଳି ପ୍ରମୁଖ କେନ୍ଦ୍ରଗୁଡ଼ିକର ବ୍ୟୁରୋ ମୁଖ୍ୟମାନେ ମଧ୍ୟ ଏଭଳି ହଠାତ୍ ସଙ୍କଟ ନେଇ ଦୁଃଖ ପ୍ରକାଶ କରିଛନ୍ତି । ଏହି ବଡ଼ ଧରଣ ଛଟେଇ ପୁଣି ଥରେ ବିଶ୍ୱ ଗଣମାଧ୍ୟମ ଶିଳ୍ପରେ ଚାକିରି ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି । ଫକ୍ସ ନ୍ୟୁଜ୍ ଅନୁଯାୟୀ, କମ୍ପାନିର ଏକ ତୃତୀୟାଂଶ କର୍ମଚାରୀ ଛଟେଇ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ୱାସିଂଟନ ପୋଷ୍ଟରେ ଜଣେ ତଦନ୍ତକାରୀ ରିପୋର୍ଟର ଥିବା ୱିଲ୍ ହବସନ୍ ଛଟେଇ ହେବା ପରେ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି କହିଛନ୍ତି, କିଛି ବ୍ୟକ୍ତିଗତ ଖବର । ମୁଁ ଆଜି ୱାଶିଂଟନ୍ ପୋଷ୍ଟରେ ଛଟେଇ ହୋଇଥିବା ଲୋକଙ୍କ ମଧ୍ୟରେ ଅଛି । କ୍ରୀଡା ଉପରେ ୧୧ ବର୍ଷ ଧରି ଏକ ଅନୁସନ୍ଧାନକାରୀ ରିପୋର୍ଟର ଭାବରେ କାମ କରିବା ମୋ ପାଇଁ ଏକ ସ୍ୱପ୍ନ ପରି ଥିଲା । ଜେରୁସାଲେମ ବ୍ୟୁରୋ ମୁଖ୍ୟ, ଗେରି ଶି, ତାଙ୍କର ଦୁଃଖ ପ୍ରକାଶ କରି କହିଛନ୍ତି, ୱାସିଂଟନ ପୋଷ୍ଟ ର ସମ୍ବାଦଦାତା ହେବା ଏକ ସୌଭାଗ୍ୟର କଥା । ମୁଁ ଖବରକାଗଜ ଉପରେ ଗଭୀର ଭାବରେ ବିଶ୍ୱାସ କରୁଥିଲି । ସାତ ବର୍ଷରୁ ଅଧିକ ସମୟ ଧରି ବିଶ୍ୱ ଭ୍ରମଣ କରିଥିଲି । ସେ କହିଛନ୍ତି ମଧ୍ୟପ୍ରାଚ୍ୟ ଦଳର ଅନ୍ୟ ସଦସ୍ୟ ଏବଂ ଦିଲ୍ଲୀ, ବେଜିଂ, କିଭ୍ ଓ ଲାଟିନ୍ ଆମେରିକାରେ ଥିବା ତାଙ୍କର ଅଧିକାଂଶ ସହକର୍ମୀ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି । ୱାସିଂଟନ ପୋଷ୍ଟର ଅନ୍ୟ ଅନ୍ତର୍ଜାତୀୟ ସମ୍ବାଦଦାତାଙ୍କ ମଧ୍ୟରେ କାଇରୋ ବ୍ୟୁରୋ ମୁଖ୍ୟ କ୍ଲେୟାର ପାର୍କର, ଭିଜୁଆଲ୍ ଫୋରେନସିକ୍ ଷ୍ଟାଫର୍ ନିଲୋ ତାବ୍ରିଜି, ୟୁକ୍ରେନ୍ ସମ୍ବାଦଦାତା ଲିଜି ଜନସନ୍ ଓ ବର୍ଲିନ୍ ବ୍ୟୁରୋ ମୁଖ୍ୟ ଆରୋନ୍ ୱେନର ମଧ୍ୟ ସେମାନଙ୍କର କାର୍ଯ୍ୟକାଳ ତଥା ହଠାତ୍ ଚାକିରି ହରାଇବାର ଆଘାତ ବିଷୟରେ ଭାବପ୍ରବଣ ଟିପ୍ପଣୀ ପ୍ରଦାନ କରିଛନ୍ତି ।

## ଇସ୍ରାଏଲୀ ସେନାକୁ ବଡ଼ ସଫଳତା: ଏୟାର ଷ୍ଟ୍ରାଇକରେ ହମାସ ଆତଙ୍କୀ ସେଲ୍ ମୁଖ୍ୟ ହାସନ ଅଲ-ଆବିଲ୍ ନିହତ



ଜେରୁସେଲମ : ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ଗାଜାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି । ଏକ ମିଳିତ ଅପରେସନରେ, ଆଇଡିଏଫ୍ ଏବଂ ଇସ୍ରାଏଲ ସୁରକ୍ଷା ସଂସ୍ଥା (ଆଇଏସ୍ଏ) ହମାସ ଆତଙ୍କବାଦୀ ସେଲ୍ର ମୁଖ୍ୟ ମହମ୍ମଦ ଇସାମ ହାସନ ଅଲ-ହାବିଲଙ୍କୁ ହତ୍ୟା କରିଛନ୍ତି । ଆଇଡିଏଫ୍ ପର୍ଯ୍ୟବେକ୍ଷକ କର୍ପୋରାଲ ନୋଆ ମାର୍ସିଆନୋଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ଆତଙ୍କବାଦୀ ଥିଲେ ଅଲ-ହାବିଲ । ଫେବ୍ରୁଆରି ୪ ତାରିଖରେ, ଆଇଡିଏଫ୍ ଏବଂ ଶିନ୍ ବେଟ୍ ଗାଜା ସହରର ଶାତି ଶିବିର ଉପରେ ଏୟାରଷ୍ଟ୍ରାଇକ୍ କରିଥିଲେ । ଏଥିରେ ହାସନଙ୍କ ମୃତ୍ୟୁ ଘଟିଥିଲା ।

ହାସନ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସର ଘାତକ ଆକ୍ରମଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଆକ୍ରମଣ ସମୟରେ ସେ ନାହାଲ ଓଜ୍ ସାମରିକ ଚେକପୋଷ୍ଟରୁ ଆଇଡିଏଫ୍ ପର୍ଯ୍ୟବେକ୍ଷକ କର୍ପୋରାଲ ନୋଆ ମାର୍ସିଆନୋଙ୍କୁ ଅପହରଣ କରିଥିଲେ । ଇସ୍ରାଏଲୀ ଅଧିକାରୀଙ୍କ ଅନୁଯାୟୀ, ନୋଆ ମାର୍ସିଆନୋଙ୍କୁ ଶିଫା ହସ୍ପିଟାଲରେ ବନ୍ଦୀ ରଖାଯାଇ ତାଙ୍କୁ ହତ୍ୟା କରାଯାଇଥିଲା । ନୋଆଙ୍କ ବାପା କହିଥିଲେ ଯେ, ଜଣେ ଡାକ୍ତର ତାଙ୍କ ଝିଅର ଶିରାରେ ପବନ ପ୍ରବେଶ କରାଇ ହତ୍ୟା କରିଥିଲେ । ନୋଆ ମାର୍ସିଆନୋ ଜଣେ ୧୯ ବର୍ଷୀୟ ଆଇଡିଏଫ୍ ନିରୀକ୍ଷଣ ସୈନିକ ଥିଲେ । ହମାସ ଆକ୍ରମଣ ସମୟରେ ଅନେକ ମହିଳାଙ୍କୁ ବନ୍ଧକ କରାଯାଇଥିଲା, କିନ୍ତୁ ନୋଆ ଏକମାତ୍ର ଥିଲେ ଯିଏ ଜୀବିତ ଫେରି ନଥିଲେ । ହାସନଙ୍କ ମୃତ୍ୟୁକୁ ଏବେ ନୋଆଙ୍କ ପାଇଁ ନ୍ୟାୟ ଭାବରେ ଦେଖାଯାଉଛି । ଆଇଡିଏଫ୍ ଦୋହରାଛି, ଯେଉଁମାନେ ନିର୍ଦ୍ଦୋଷଙ୍କ ଉପରେ ଅତ୍ୟାଚାର କରିଛନ୍ତି ସେମାନଙ୍କୁ ଛଡାଯିବ ନାହିଁ । ଆଇଡିଏଫ୍ ଅନୁଯାୟୀ, ଜଣେ ଇସ୍ରାଏଲୀ ରିଜର୍ଭ ଅଧିକାରୀଙ୍କ ଉପରେ ଗୁଳି ଚଳାଇବା ପରେ ହାସନ ସୁରକ୍ଷା ଏଜେନ୍ସିଗୁଡ଼ିକର ନଜରରେ ରହିଥିଲେ । ଏଭଳି ଆକ୍ରମଣ ଅସ୍ତବିରତିର ଉଲ୍ଲଂଘନ ଥିଲା । ଗାଜା ଡିଭିଜନରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଏହି ଅପରେସନ କରାଯାଇଥିଲା ।

## ଭୟଙ୍କର ସୌର ଝଡ଼ ପାଇଁ ଇସ୍ରୋର ସତର୍କ ସୂଚନା

ନୂଆଦିଲ୍ଲୀ/ବେଙ୍ଗାଲୁରୁ: ବର୍ତ୍ତମାନ ସୂର୍ଯ୍ୟ ନିଜର ପ୍ରଚଣ୍ଡ ରୂପ ଦେଖାଇବା ଆରମ୍ଭ କରିଛନ୍ତି । ସୂର୍ଯ୍ୟ ପୃଷ୍ଠରେ କ୍ରମାଗତ ଭାବେ ଶକ୍ତିଶାଳୀ 'ସୌରଝଡ଼'ବା ସୋଲାର୍ ଫ୍ଲେୟା ?ସ ସୃଷ୍ଟି ହେଉଛି, ଯାହା ପୃଥିବୀ ପାଇଁ ବିପଦର ସଙ୍କେତ



ସାଜିଛି । ଏହି ପରିପ୍ରେକ୍ଷୀରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ସମେତ ବିଶ୍ୱର ପ୍ରମୁଖ ମହାକାଶ ଏଜେନ୍ସିଗୁଡ଼ିକ ହାଇ-ଆଲର୍ଟ ଜାରି କରିଛନ୍ତି । ସୂଚନା ଅନୁଯାୟୀ, ଗତ କିଛି ଦିନ ମଧ୍ୟରେ ସୂର୍ଯ୍ୟଙ୍କ ପୃଷ୍ଠରେ ଏକ ବିଶାଳ ସନ୍ ?ସ୍ପଟ୍ ?ରୁ ଏକାଧିକ 'ଏକ୍ସ-କ୍ଲାସ୍' ସୌରକଣିକା ନିର୍ଗତ ହୋଇଛି । ଏଥିମଧ୍ୟରୁ ଫେବ୍ରୁଆରି ୧ ତାରିଖରେ ହୋଇଥିବା ଏକ୍ସ ୮.୩ ଶ୍ରେଣୀର ସୌରଝଡ଼ ଚଳିତ ବର୍ଷର ସବୁଠାରୁ ଶକ୍ତିଶାଳୀ ବୋଲି କୁହାଯାଉଛି । ଏହାର ପ୍ରଭାବରେ ପୃଥିବୀର ବାୟୁମଣ୍ଡଳରେ ରେଡିଓ ବ୍ଲାକ୍ ?ଆଉଟ୍ ପରି ସ୍ଥିତି ସୃଷ୍ଟି କରିବା ଆଶଙ୍କା ରହିଛି । ଇସ୍ରୋ ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ, ଏହି ସୌରଝଡ଼ ଯୋଗୁଁ ଉଚ୍ଚ-ଫ୍ରିକ୍ୱେନ୍ସି ରେଡିଓ ସେବା, ଜିପିଏସ୍ ଏବଂ ସାଟେଲାଇଟ୍ ଯୋଗାଯୋଗ ବ୍ୟବସ୍ଥାରେ ବାଧା ଉପୁଜିପାରେ । ଭାରତର ଆଦିତ୍ୟ-ଏଲ୧ ମିସନ ଏହି ଗତିବିଧି ଉପରେ କଡ଼ା ନଜର ରଖିଛି । ମହାକାଶରେ ଥିବା ପ୍ରାୟ ୫୦ରୁ ଅଧିକ ଭାରତୀୟ ଉପଗ୍ରହକୁ ସୁରକ୍ଷିତ ରଖିବା ପାଇଁ ଇସ୍ରୋ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି ।

# ଟ୍ରମ୍ପଙ୍କ ଉପରେ ଆକ୍ରମଣ କରିଥିବା ବ୍ୟକ୍ତିଙ୍କୁ ଆଜୀବନ କାରାଦଣ୍ଡ

ୱାସିଂଟନ : ଆମେରିକାର ୨୦୨୪ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଅନେକ ହତ୍ୟା ଉଦ୍ୟମ କରାଯାଇଥିଲା । ଫ୍ଲୋରିଡାରେ ଏକ ଘଟଣା ଘଟିଥିଲା । ଯୋଜନା କରିଥିବା ଯୁବକ ଆକ୍ରମଣ କରିପାରି ନଥିଲେ । ପୁଲିସ ତାଙ୍କୁ ଗିରଫ କରିଥିଲା । ଆକ୍ରମଣର ପ୍ରାୟ ଦୁଇ ବର୍ଷ ପରେ, ହତ୍ୟା ଉଦ୍ୟମ କରିଥିବା ସ୍ନାଇପରଙ୍କୁ ଏବେ ଦୋଷୀ ସାବ୍ୟସ୍ତ କରାଯାଇଛି । କୋର୍ଟ ଅଭିଯୁକ୍ତ ରାୟାନ ରାଉଥଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଆମେରିକା ଜିଲ୍ଲା ବିଚାରପତି ଏଲିନ୍ କାନନ୍ ରାୟାନଙ୍କ ଆକ୍ରମଣକୁ ଏକ ପୂର୍ବ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି କହିଛନ୍ତି । ରଏଟର୍ସ ରିପୋର୍ଟ କରିଛି ଯେ, ଅଭିଯୁକ୍ତ ଆକ୍ରମଣ ଦିନ ଏକ ଅର୍ଦ୍ଧ-ସ୍ୱୟଂଚାଳିତ ରାଇଫଲ୍ ସହିତ ଫ୍ଲୋରିଡାର ଏକ ଗଲ୍ଫ କୋର୍ସର ବୁଦାରେ ଲୁଚି ରହିଥିଲେ, ଯେଉଁଠାରୁ ସେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଚେଷ୍ଟା କରିଥିଲେ । ୧୫ ସେପ୍ଟେମ୍ବର ୨୦୨୪ରେ ୱେଷ୍ଟ ପାମ୍ ବିଚ୍ରେ ଥିବା ଟ୍ରମ୍ପ୍ ଇଣ୍ଟରନ୍ୟାସନାଲ୍ ଗଲ୍ଫ କ୍ଲବ୍ରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଗଲ୍ଫ କୋର୍ସଠାରୁ କିଛି ଶହ ଗଜ ଦୂରରେ ବୁଦା ଭିତରେ ଲୁଚି ରହିଥିବା ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟମାନେ ତାଙ୍କୁ ଦେଖିଥିଲେ । ତେବେ ସେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । କିନ୍ତୁ ରାଇଫଲ୍ ଛାଡି ଯାଇଥିଲେ । ପରେ ତାଙ୍କୁ ଗିରଫ କରାଯାଇଥିଲା । ଟ୍ରମ୍ପ ଏହି ରାୟକୁ



ପ୍ରଶଂସା କରି ତାଙ୍କ ଟ୍ରୁଥଆଉଟ୍ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଲେଖିଛନ୍ତି:ସେ ଖରାପ ଉଦ୍ଦେଶ୍ୟ ରଖିଥିବା ଜଣେ ଖରାପ ବ୍ୟକ୍ତି ଥିଲେ । ସୁରକ୍ଷାକର୍ମୀ ତାଙ୍କୁ ଧରି ପକାଇଥିଲେ । ସେପ୍ଟେମ୍ବର ୨୦୨୫ରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଆମେରିକାର ଜିଲ୍ଲା ବିଚାରପତି ଏଲିନ୍ କାନନ୍ ତାଙ୍କୁ ଫ୍ଲୋରିଡାର ଫୋର୍ଟ ପିଅର୍ସରେ ଦଣ୍ଡାଦେଶ ଦେଇଛନ୍ତି । ଏହା ମୋ ପାଇଁ ସ୍ପଷ୍ଟ ଯେ ତୁମେ ଜାଣିଶୁଣି ଜଣେ ମାନବ ଜୀବନ ନେବାକୁ ଷଡ଼ଯନ୍ତ୍ର କରିଥିଲ ବୋଲି କାନନ୍ କହିଛନ୍ତି । ୫୯ ବର୍ଷୀୟ ରାଉଥଙ୍କୁ ସେପ୍ଟେମ୍ବର ୨୦୨୫ରେ ହତ୍ୟା ଉଦ୍ୟମ ସମେତ ପାଞ୍ଚଟି ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । କୌଣସି ଆନୁଷ୍ଠାନିକ ଆଇନଗତ ତାଲିମ ନ ଥିବା ସତ୍ତ୍ୱେ ସେ ବିଚାରରେ ନିଜର ପକ୍ଷ ରଖିଥିଲେ । ଶୁଣାଣି ସମୟରେ, ପବ୍ଲିକ ପ୍ରସିକ୍ୟୁଟରମାନେ ଯୁକ୍ତି ଦେଇଥିଲେ ଯେ ରାଉଥଙ୍କ ଲକ୍ଷ୍ୟ ଆମେରିକୀୟ ଗଣତନ୍ତ୍ରକୁ ନଷ୍ଟ କରିବା ଥିଲା । ସେ କୋର୍ଟଙ୍କୁ ଏପରି ଏକ ରାୟ ପ୍ରକାଶ କରିବାକୁ ଅନୁରୋଧ କରିଥିଲେ ଯାହା ନିଶ୍ଚିତ କରିବ ଯେ, ଯେକୌଣସି ପରିସ୍ଥିତିରେ ଦେଶରେ ରାଜନୈତିକ ହିଂସା ଗ୍ରହଣୀୟ ନୁହେଁ ।

## ରାଜସ୍ଥାନରେ ହନିମୁନ୍ ମର୍ଡର ୨.୦, ସ୍ୱାମୀଙ୍କୁ ମାରିବାକୁ ପତ୍ନୀ ରଚିଥିଲା ଭୟଙ୍କର ଷଡ଼ଯନ୍ତ୍ର

ରାଜସ୍ଥାନ : ରାଜସ୍ଥାନରେ ହନିମୁନ୍ ମର୍ଡର ୨.୦ । ପତ୍ନୀ ସାଜିଲା ଯମ । ସାତ ଜନ୍ମର ସାଥୀ ସ୍ୱାମୀଙ୍କୁ ମାରିବାକୁ ପତ୍ନୀ ରଚିଥିଲା ଭୟଙ୍କର ଷଡ଼ଯନ୍ତ୍ର । ନିର୍ମମ ମର୍ଡର ପରେ ଏହାକୁ ହିଟ୍-ଆଣ୍ଡ୍-ରନ ମାମଲାର ରୂପ ଦେବାକୁ ଉଦ୍ୟମ କରିଥିଲେ । କିନ୍ତୁ ପୋଲିସ ତଦନ୍ତରୁ ସତ ସାମ୍ନାକୁ ଆସିଛି । ରାଜସ୍ଥାନରେ ୨୭ ବର୍ଷୀୟ ଆଶିଷ କୁମାର ମାତ୍ର ୩ ମାସ ତଳେ ଅଞ୍ଜୁଙ୍କ ସହ ତାଙ୍କର ବିବାହ ହୋଇଥିଲା । କିନ୍ତୁ ଅଞ୍ଜୁ ଏହି ସମ୍ପର୍କରେ ଖୁସି ନଥିଲେ ଏବଂ ନିଜ ପୂର୍ବ ପ୍ରେମିକ ସଞ୍ଜୟଙ୍କ ସହ ରହିବାକୁ ଚାହୁଁଥିଲେ । ସେଥିପାଇଁ ସେମାନେ ଆଶିଷଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ । ରାତିରେ ଖାଇସାରିବା ପରେ ଅଞ୍ଜୁ ତାଙ୍କ ସ୍ୱାମୀ ଆଶିଷଙ୍କୁ ବୁଲିବାକୁ ଏକ ନିଛାଟିଆ ରାସ୍ତାକୁ ଡାକି ନେଇଥିଲେ



। ପୂର୍ବରୁ ସେଠାରେ ଲୁଚି ରହିଥିବା ପ୍ରେମିକ ସଞ୍ଜୟ ଓ ତାଙ୍କର ଦୁଇ ସହଯୋଗୀ ଆଶିଷଙ୍କୁ ଆକ୍ରମଣ କରିଥିଲେ । ସେମାନେ ଆଶିଷଙ୍କୁ ବାଡ଼ିରେ ପିଟିବା ପରେ ଏକ ମଫଲରରେ ତଣ୍ଟି ଚିପି ହତ୍ୟା କରିଥିଲେ । ପୋଲିସକୁ ଭ୍ରମିତ କରିବା ପାଇଁ ମୃତଦେହକୁ ରାସ୍ତା ଉପରେ ଫିଙ୍ଗି ଦିଆଯାଇଥିଲା । ଏହା 'ହିଟ୍-ଆଣ୍ଡ୍-ରନ୍' ବା ଗାଡ଼ି ଧକ୍କା ଯୋଗୁ ମୃତ୍ୟୁ ଘଟଣାର ରୂପ ଦେବାକୁ ଉଦ୍ୟମ କରିଥିଲେ । ଅଞ୍ଜୁ ନିଜେ ରାସ୍ତାରେ ବେହୋସ ହୋଇ ପଡ଼ି ରହିବାର ନାଟକ କରିଥିଲେ । ସେ କହିଥିଲେ ଯେ, କିଛି ଦୁର୍ବୃତ୍ତ ଆସି ତାଙ୍କ ଗହଣା ଲୁଟିବା ସହ ତାଙ୍କ ସ୍ୱାମୀଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଛନ୍ତି । ପୋଲିସ ଏସଆଇ ଅମୃତା ଦୁହାନଙ୍କ ନେତୃତ୍ୱରେ ତଦନ୍ତରୁ ଜଣାପଡ଼ିଥିଲା ଅଞ୍ଜୁଙ୍କ ବୟାନରେ ତାଳମେଳ ରହୁନାହିଁ । ଗାଡ଼ି ଧକ୍କା ହୋଇଥିଲେ ମଧ୍ୟ ଅଞ୍ଜୁଙ୍କ ଶରୀରରେ କୌଣସି ଆଘାତ ଚିହ୍ନ ନଥିଲା । କଲ ରେକର୍ଡରୁ ସବୁଠାରୁ ବଡ଼ ପ୍ରମାଣ ମିଳିଥିଲା । ଯେଉଁଥିରେ ବିବାହ ପରେ ମଧ୍ୟ ଅଞ୍ଜୁ ଓ ସଞ୍ଜୟ ଲଗାତାର କଥା ହେଉଥିବା ଜଣାପଡ଼ିଥିଲା । ପୋଲିସ ଅଞ୍ଜୁ, ପ୍ରେମିକ ସଞ୍ଜୟ ଏବଂ ହତ୍ୟାରେ ସହଯୋଗ କରିଥିବା ରୋହିତ ଓ ବାଦଲଙ୍କୁ ଗିରଫ କରିଛି । ପୂର୍ବରୁ ମେଘାଳୟରେ ଏପରି ଏକ ଲୋମହର୍ଷଣ ହତ୍ୟାକାଣ୍ଡ ଘଟିଥିଲା । ଗତବର୍ଷ ମେରେ ବିବାହ ପରେ ହନିମୁନରେ ଯାଇଥିବା ବେଳେ ସ୍ୱାମୀ ରାଜ ରଘୁବଂଶୀଙ୍କୁ ସ୍ତ୍ରୀ ସୋନମ ନିଜ ପ୍ରେମିକ ସହ ମିଶି ହତ୍ୟା କରିଥିଲେ । ରାଜସ୍ଥାନରେ ଏହି ଘଟଣାକୁ ଗତବର୍ଷର ରାଜ ରଘୁବଂଶୀ ଚର୍ଚ୍ଚିତ ମାମଲା ସହ ତୁଳନା କରି 'ହନିମୁନ୍ ମର୍ଡର ୨.୦' ନାମ ଦିଆଯାଇଛି ।

## ଏସଆଇଆର ନେଲାଣି ୧୦୭ ଲୋକଙ୍କ ଜୀବନ

କୋଲକାତା : ଗୁରୁବାର, ଫେବୃଆରୀ ୫, ୨୦୨୬ରେ ପଶ୍ଚିମବଙ୍ଗ ବିଧାନସଭାରେ ଏକ ଜରୁରୀ ପ୍ରସ୍ତାବ ଆଗତ କରାଯାଇଥିଲା । ଏଥିରେ ଦାବି କରାଯାଇଛି ଯେ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ଭୟ ଏବଂ ଚିନ୍ତା ଯୋଗୁ ପଶ୍ଚିମବଙ୍ଗରେ ୧୦୭ ଜଣଙ୍କର ମୃତ୍ୟୁହୋଇଛି । ରାଜ୍ୟ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶୋଭନଦେବ ଚଟ୍ଟୋପାଧ୍ୟାୟ ପଶ୍ଚିମବଙ୍ଗ ବିଧାନସଭାର ନିୟମ ୧୬୯ ଅନୁଯାୟୀ ଏହି ପ୍ରସ୍ତାବ ଆଗତ କରିଥିଲେ । ପ୍ରସ୍ତାବରେ କୁହାଯାଇଛି ଯେ ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସଂଶୋଧନ ନାମରେ ରାଜ୍ୟରେ ଭୟ ଏବଂ ଅସୁରକ୍ଷାର ବାତାବରଣ ସୃଷ୍ଟି କରାଯାଇଛି । ପ୍ରସ୍ତାବ ଅନୁଯାୟୀ, ବହୁ ସଂଖ୍ୟକ ଲୋକ ଏହି ଭୟରେ ରହୁଛନ୍ତି ଯେ ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଇପାରେ । ଏହି ମାନସିକ ଚାପ ଏବଂ ଚିନ୍ତା ଆତ୍ମହତ୍ୟା ସମେତ ୧୦୭ଜଣଙ୍କର ଜୀବନ ନେଇଛି ।

